RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-206 • BHUBANESWAR • TUESDAY • 21 JANUARY 2025 • PAGE-14 • ₹ 6.00

ବର୍ଷ-୪୨ • ସଂଖ୍ୟା-୨୦୬ • ଭୁବନେଶ୍ୱର • ମଙ୍ଗଳବାର • ୨୧ ଜାନୁଆରୀ ୨୦୨୫ • ପୃଷ୍ଠା-୧୪ • ଟ.୬.୦୦




ପନ୍ତ ଲକ୍ଷ୍ନୌ ଅଧିନାୟକ

▶କ୍ରୀଡ଼ା ପୃଷ୍ଠାରେ...

# ବଢ଼ିଛି କୋଟିପତିଙ୍କ ସଂଖ୍ୟା

୧୦ ବର୍ଷରେ ୪ ଗୁଣା ବୃଦ୍ଧି

## ମହାରାଷ୍ଟ୍ର ସର୍ବାଧିକ କୋଟିପତିଙ୍କ ରାଜ୍ୟ ■ ଦ୍ୱିତୀୟରେ ୟୁପି ■ ଦିଲ୍ଲୀ ତୃତୀୟ

■ ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଦେଶରେ କୋଟିପତିଙ୍କ ସଂଖ୍ୟା ବଢ଼ି ବଢ଼ି ଚଲିଛି। ଗତ ୧୦ ବର୍ଷରେ କୋଟିପତି କରଦାତାଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଛି। ୨୦୧୩-୨୦୧୪ ଆର୍ଥିକ ବର୍ଷରେ ୮୨ ହଜାର ୮୦୦ ଲୋକଙ୍କର ବାର୍ଷିକ ଆୟ ଏକ କୋଟି ଟଙ୍କାରୁ ଅଧିକ ଥିବା ବେଳେ ୨୦୨୩-୨୦୨୪ରେ ଏହି ସଂଖ୍ୟା ୩ଲକ୍ଷ ୫୦ ହଜାରକୁ ବୃଦ୍ଧି ପାଇଛି। ଅର୍ଥାତ କୋଟିଏରୁ ଅଧିକ ଆୟ କରୁଥିବା ଲୋକମାନଙ୍କ ସଂଖ୍ୟାରେ ୩୨୩ ପ୍ରତିଶତ ବୃଦ୍ଧି ପାଇଛି। କର୍ମଚାରୀଙ୍କର ବେତନ ବୃଦ୍ଧି ସହିତ କଂପାନୀମାନଙ୍କର ଲାଭ ବଢ଼ି ଚାଲିଥିବାରୁ କୋଟିପତିଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କୁହାଯାଉଛି। ମହାରାଷ୍ଟ୍ରରେ ସର୍ବାଧିକ କୋଟିପତି କରଦାତା ଥିବା ବେଳେ ଲକ୍ଷଦୀପରେ ସବୁଠାରୁ କମ୍ କୋଟିପତି ରହିଛନ୍ତି।

ଓଡ଼ିଶାରେ କୋଟିପତିଙ୍କ ସଂଖ୍ୟା ନଗଣ୍ୟ

ଆୟକର ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ମହାରାଷ୍ଟ୍ରରେ ସର୍ବାଧିକ ୧ ଲକ୍ଷ ୨୪ ହଜାର ୮୦୦ରୁ ଅଧିକ କୋଟିପତି ଟିକସ ଦେଇଛନ୍ତି। ସେମାନଙ୍କର ବାର୍ଷିକ ଆୟ ଏକ କୋଟିରୁ ୫୦ ହଜାର କୋଟି ଟଙ୍କାରୁ ଅଧିକ। ଏହାପଛକୁ ରହିଛି ଉତ୍ତର ପ୍ରଦେଶ। ସେହି ରାଜ୍ୟରେ ଏକ କୋଟିରୁ ୫୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବର୍ଷକୁ ଆୟ କରୁଥିବା ଟିକସଦାତାଙ୍କ ସଂଖ୍ୟା ହେଉଛି ୨୪ ହଜାର ୫୦। ଏହି ଶ୍ରେଣୀରେ ତୃତୀୟ ସ୍ଥାନରେ ଦିଲ୍ଲୀ ରହିଛି। ଏଠାରେ ୨୦ ହଜାର ୫୦୦ କୋଟିପତି ଅଛନ୍ତି। ଏହାପଛକୁ ୧୪ଟି ଏମିତି ରାଜ୍ୟ ଅଛନ୍ତି ଯେଉଁଠି ଆୟକରଦାତାଙ୍କ ବାର୍ଷିକ ଆୟ ଏକ କୋଟିରୁ ୧୦ ହଜାର କୋଟି ଟଙ୍କା। ମଧ୍ୟପ୍ରଦେଶରେ ସର୍ବାଧିକ ୮୬୭୦ ବ୍ୟକ୍ତି ଥିବା ବେଳେ ଆସାମରେ ସର୍ବନିମ୍ନ ୧୬୦ ଜଣ ଅଛନ୍ତି। ସେହିଭଳି ୪ଟି ରାଜ୍ୟରେ କୋଟିଏରୁ ଏକ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା କରଦାତା ଅଛନ୍ତି। ଏହି ଶ୍ରେଣୀରେ ହିମାଚଳ ପ୍ରଦେଶରେ ସର୍ବାଧିକ ୭୯୦ କରଦାତା ଥିବା ବେଳେ ଅରୁଣାଚଳ ପ୍ରଦେଶରେ ସର୍ବନିମ୍ନ ୧୬୦ ଜଣ ଅଛନ୍ତି। ଓଡ଼ିଶାରେ ୪୯୩ ଜଣଙ୍କର ବାର୍ଷିକ ଆୟ ହେଉଛି କୋଟିଏରୁ ଏକ ହଜାର କୋଟି ଟଙ୍କା। କୋଟିପତି କରଦାତାଙ୍କ ତାଲିକାରେ ▶ପୃଷ୍ଠା-୬



# ଟ୍ରମ୍ପ୍ ୨.୦ ଆରମ୍ଭ

■ ୱାସିଂଟନ୍, ୨୦।୧ (ଏଜେନ୍ସି): ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଆଜି ଶପଥ ନେଇଛନ୍ତି। ଆମେରିକା ସଂସଦ 'କାପିଟଲ'ର ରେଟୁଣ୍ଡା ହଲ୍‌ରେ ଆୟୋଜିତ ଭବ୍ୟ ସମାରୋହରେ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଶପଥ ଗ୍ରହଣ କରିଛନ୍ତି। ଉତ୍ସବରେ ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ, ଉପ ରାଷ୍ଟ୍ରପତି କମଳା ହାରିସ୍, ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା, ବିଲ୍ କ୍ଲିଣ୍ଟନ, ସିନେଟ୍ ଓ ହାଉସ୍ ଅଫ୍ ରିପ୍ରେଜେଣ୍ଟଟିଭସ୍, ବିଭିନ୍ନ ଦେଶରୁ ଆସିଥିବା ଅତିଥିବୃନ୍ଦ, ବିଶ୍ୱର ପ୍ରତିଷ୍ଠିତ ବିତ୍ତଶାଳୀ ଓ ଉଦ୍ୟୋଗପତିଙ୍କ ସମେତ ୨୩ ରାଷ୍ଟ୍ରର ୭ହଜାରରୁ ଅଧିକ ଅତିଥି ଏବଂ ପ୍ରାୟ ୨ ଲକ୍ଷ ସମର୍ଥକ ଉପସ୍ଥିତ ଥିଲେ। ଟ୍ରମ୍ପଙ୍କ ସହିତ ଜେ ଡି ଭାନ୍ସ ମଧ୍ୟ ଉପ-ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି।

ଦ୍ୱିତୀୟ ପାଳିର ଶପଥ ଉତ୍ସବରେ ୨୩ ରାଷ୍ଟ୍ରର ୭୦୦୦ରୁ ଅଧିକ ଅତିଥି

ଏହା ପୂର୍ବରୁ ୨୦୧୭ରେ ପ୍ରଥମ ଥର ଲାଗି ଟ୍ରମ୍ପ ରାଷ୍ଟ୍ରପତି ହୋଇଥିଲେ। ୨୦୨୧ ପର୍ଯ୍ୟନ୍ତ ସେ ଏହି ପଦରେ ଥିଲେ। ଆଜିର ଶପଥ ଉତ୍ସବ ସହିତ ହ୍ୱାଇଟ୍ ହାଉସରେ ଟ୍ରମ୍ପଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଭାବେ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରେ ଆମେରିକାର ବିଭିନ୍ନ ମହଲରେ ଗୁଞ୍ଜରଣ ଆରମ୍ଭ ହେବା ସହିତ ବୈଶ୍ୱିକ ସ୍ତରରେ ମଧ୍ୟ ଚିନ୍ତା ବଢ଼ିଛି। ବିଶେଷକରି ଟ୍ରମ୍ପ ପରିବର୍ତ୍ତିତ ଆମେରିକାକୁ ନେଇ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଛନ୍ତି ତାହା ଏବେ ବିଭିନ୍ନ ମହଲରେ ଚିନ୍ତା ବଢାଇଛି। ଏହି ବିଷୟକୁ ଟ୍ରମ୍ପ ନିଜ ସ୍ୱାଗତ ଭାଷଣରେ ▶ପୃଷ୍ଠା-୬

### ଆରଜିକେ ହସ୍ପିଟାଲ ଦୁଷ୍କର୍ମ ଓ ହତ୍ୟା ମାମଲା

## ସଞ୍ଜୟଙ୍କୁ ଆଜୀବନ ଜେଲ୍

■ କୋଲକାତା, ୨୦।୧ (ଏଜେନ୍ସି): କୋଲକାତାର ବହୁ ଚର୍ଚ୍ଚିତ ଆର ଜି କର ମେଡିକାଲ କଲେଜ ଟ୍ରେନି ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ସଞ୍ଜୟ ରୟ ବିରୋଧରେ ସ୍ଥାନୀୟ ଅଦାଲତ ସୋମବାର ଦଣ୍ଡବିଧାନ କରିଛନ୍ତି। ସିଆଲଦା ଅତିରିକ୍ତ ଜିଲ୍ଲା ଓ ସେସନ କୋର୍ଟ ବିଚାରପତି ଅନିର୍ବାଣ ଦାସ ସଞ୍ଜୟଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ କରିବା ସହିତ ୫୦ ହଜାର ଟଙ୍କାର ଅର୍ଥ ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ଏଥିସହିତ ରାଜ୍ୟ ସରକାର ପୀଡ଼ିତା ଡାକ୍ତରଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଅଗଷ୍ଟ ୯ ତାରିଖରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯିବା ଭଳି ଏକ ଲୋମହର୍ଷଣକାରୀ ଘଟଣାକୁ ନେଇ ▶ପୃଷ୍ଠା-୬

# ଆର୍ଥିକ ପରିଚାଳନାରେ ମନ୍ଥରତା

## ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ତ୍ୱରାନ୍ୱିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୦।୧ (ସମିସ): ଆର୍ଥିକ ବର୍ଷ ସରିବାକୁ ଆଉ ମାତ୍ର ୨ ମାସ ଥିବାବେଳେ ଆର୍ଥିକ ପରିଚାଳନାରେ ମନ୍ଥରତା ରାଜ୍ୟର ବିକାଶରେ ଅନ୍ତରାୟ ସୃଷ୍ଟି କରିଛି। ବଜେଟ ଆବଣ୍ଟିତ ଅର୍ଥର ୫୦ ପ୍ରତିଶତ ଏଯାବତ୍ ଖର୍ଚ୍ଚ ହୋଇ ପାରିନାହିଁ। ଯାହାକୁ ନେଇ ରାଜ୍ୟବ୍ୟାପୀ ଉଦବେଗ ପ୍ରକାଶ ପାଉଥିବା ବେଳେ ଆର୍ଥିକ ପରିଚାଳନାରେ ଏପରି ବ୍ୟତିକ୍ରମକୁ ଆଜି ପରୋକ୍ଷରେ ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ସୋମବାର ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପରି ମନ୍ଥରତାକୁ ଗୁରୁତ୍ୱର ସହ ନେଇଛନ୍ତି। ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ▶ପୃଷ୍ଠା-୬



ମନ୍ତ୍ରୀ ପରିଷଦ ବୈଠକ

ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ

ବିକଶିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପାଇଁ ମିଳିଛି ୩.୨୦ ଲକ୍ଷ ପ୍ରସ୍ତାବ

### ଏଯାଏଁ ଗଠନ ହେଲାନି ଷଷ୍ଠ ଅର୍ଥ କମିଶନ

# ପ୍ରଶାସନିକ ଅବହେଳା ଜଳଜଳ

■ ଭୁବନେଶ୍ୱର, ୨୦।୧ (ସମିସ): ରାଜ୍ୟରେ ବିଜେପି ସରକାର ଗଠନକୁ ୭ ମାସ ପୂରିଲାଣି। ମାତ୍ର ଏଯାବତ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ ନହେବା ଚିନ୍ତାର କାରଣ ପାଲଟିଛି। ଆଗାମୀ ଫେବୃଆରୀ ୪ ତାରିଖରେ କେନ୍ଦ୍ରର ୧୬ତମ ଅର୍ଥ କମିଶନ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବାର ସୂଚନା ରହିଛି। ବିଧି ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ର ଅର୍ଥ କମିଶନଙ୍କ ଆଗରେ ରାଜ୍ୟ ଅର୍ଥ କମିଶନ ଆର୍ଥିକ ସମ୍ବଳ ପରିପେକ୍ଷୀରେ ବିଭିନ୍ନ ଦାବି ଉପସ୍ଥାପନ କରିଥାଆନ୍ତି। ଏହି ଦାବି ଆଧାରରେ କେନ୍ଦ୍ର ଅର୍ଥ କମିଶନ ରାଜ୍ୟ ଗୁଡ଼ିକୁ ଆର୍ଥିକ ଅନୁଦାନ ଦେବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥାନ୍ତି। ଯେହେତୁ ରାଜ୍ୟ ଅର୍ଥ କମିଶନ ଗଠନ ହୋଇପାରିନାହିଁ, ଓଡ଼ିଶା କେନ୍ଦ୍ର ଆଗରେ ନିଜର ଦାବି କିପରି ଉପସ୍ଥାପନ କରିବ ସେନେଇ ଅର୍ଥ ବିଶେଷଜ୍ଞଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଫେବୃଆରୀ ପ୍ରଥମ ସପ୍ତାହରେ ଓଡ଼ିଶା ଆସିବେ କେନ୍ଦ୍ରୀୟ ଅର୍ଥ କମିଶନ

କେମିତି ଦାବି ରଖିବେ ରାଜ୍ୟ ସରକାର

ବର୍ଷକ ମଧ୍ୟରେ କମିଶନ ଗଠନ ନ ହେବା ଦୁର୍ଭାଗ୍ୟଜନକ: ବିଶେଷଜ୍ଞ

ଗତ ଶୀତ ଅଧିବେଶନରେ ଗୃହରେ କ୍ଷୋଭ ପ୍ରକାଶ କରିଥିଲା ବିଜେଡି

ସୂଚନାଯୋଗ୍ୟ ଯେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଟିକସ ଭାଗବଣ୍ଟା ସମ୍ପର୍କରେ ନିଷ୍ପତ୍ତିକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥାନ୍ତି କେନ୍ଦ୍ର ଅର୍ଥ କମିଶନ। ଏହି ସୁପାରିଶ ଆଧାରରେ ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଟିକସ ପାଣ୍ଠି ରାଜ୍ୟକୁ ମିଳିବ। ଏହାବ୍ୟତୀତ ରାଜ୍ୟଗୁଡ଼ିକ ଟିକସ ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନେବା ଆବଶ୍ୟକ, ତାହା ମଧ୍ୟ କେନ୍ଦ୍ର ଅର୍ଥ କମିଶନ ପରାମର୍ଶ ଦେଇଥାନ୍ତି। କେନ୍ଦ୍ର ଅର୍ଥ କମିଶନ ଗଠନ ହେବାର ଏକ ବର୍ଷ ମଧ୍ୟରେ ରାଜ୍ୟ ଅର୍ଥ କମିଶନ ଗଠନ ହୋଇ ଏହାର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୩ ▶ପୃଷ୍ଠା-୬

### ସାଂଗଠନିକ ନିର୍ବାଚନ ପାଇଁ ପଦକ୍ଷେପ ନେଲା ବିଜେଡି

## ପ୍ରତାପ ଦେବ ରାଜ୍ୟ ରିଟର୍ଣ୍ଣିଂ ଅଫିସର



■ ଭୁବନେଶ୍ୱର, ୨୦।୧ (ସମିସ): ବିଜୁ ଜନତା ଦଳର ସାଂଗଠନିକ ନିର୍ବାଚନ ପାଇଁ ଜୋରଦାର ଚାଲିଛି ପ୍ରସ୍ତୁତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ନେତା ତଥା ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ରାଜ୍ୟ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି।

ସୂଚନା ଅନୁଯାୟୀ, ସାଂଗଠନିକ ନିର୍ବାଚନର ପ୍ରଥମ ପଦକ୍ଷେପ ସ୍ୱରୂପ ଦଳ ଆଜି ରାଜ୍ୟ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ କରିଛି। ଏହା ପରେ ଜିଲ୍ଲା ରିଟର୍ଣ୍ଣିଂ ଅଫିସର ନିଯୁକ୍ତ ହେବେ। ତା'ପରେ ପର୍ଯ୍ୟାୟକ୍ରମେ ପଞ୍ଚାୟତ, ବ୍ଲକ୍, ଜିଲ୍ଲା ଓ ରାଜ୍ୟ ପରିଷଦ ପାଇଁ ସାଂଗଠନିକ ପଦ ପାଇଁ ନିର୍ବାଚନ ହେବ। ସର୍ବଶେଷରେ ରାଜ୍ୟ ପରିଷଦ ଏବଂ ରାଜ୍ୟ ସଭାପତି ପଦବୀ ପାଇଁ ନିର୍ବାଚନ ହେବ। ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ବିଜୁ ଜନତା ଦଳ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନ ପରେ ବିଜେଡି ▶ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଗର୍ଜିଲା ଯୁବ କଂଗ୍ରେସ

## ବିକ୍ଷୋଭକାରୀ-ପୁଲିସ୍ ଧସ୍ତାଧସ୍ତି



■ ଭୁବନେଶ୍ୱର, ୨୦।୧ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା, ବେକାରୀ ସମସ୍ୟା ଉତ୍କଟ ରୂପ ନେଇଥିବା ଏବଂ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବାରେ ବିଜେପି ସରକାର ବିଫଳ ହୋଇଥିବା ଅଭିଯୋଗ କରି ଆଜି ଗର୍ଜିଛି ରାଜ୍ୟ ଯୁବ କଂଗ୍ରେସ। ଯୁବ କଂଗ୍ରେସର ହଜାର ହଜାର କର୍ମକର୍ତ୍ତା ଆଜି ଗାନ୍ଧୀ ମାର୍ଗସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସ ଭବନ ଘେରଉ କରିବାକୁ ଉଦ୍ୟମ କରିବା ବେଳେ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ବିକ୍ଷୋଭକାରୀମାନେ ପୁଲିସ୍ ବାରିକେଡ୍ ଭାଙ୍ଗିବା ବେଳେ ପୁଲିସ୍ ସହ ଧସ୍ତାଧସ୍ତି ହୋଇଥିଲା। ଘଟଣାସ୍ଥଳରୁ ପୁଲିସ କଂଗ୍ରେସ କର୍ମୀମାନଙ୍କୁ ଉଠାଇ ନେଇଥିଲା। ଏହି କାର୍ଯ୍ୟକ୍ରମ ପୂର୍ବରୁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ଆବାହକତ୍ୱରେ କଂଗ୍ରେସ ଭବନ ପରିସରରେ ଏକ ବିରାଟ ଜନଅସନ୍ତୋଷ ସମାବେଶ ଆୟୋଜିତ ହୋଇଥିଲା।

ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ସମାବେଶକୁ ସମ୍ବୋଧିତ କରି କହିଥିଲେ, ଓଡ଼ିଶା ଶାସନର ରିମୋଟ୍ ଦିଲ୍ଲୀରେ ଥିବାବେଳେ ଏଠାକାର ମୁଖ୍ୟମନ୍ତ୍ରୀ ସଖି କଣ୍ଢେଇ ଭଳି ନାଚୁଥିବା ସମାଲୋଚନା କରି ସେ ସଭାରେ ଏକ ସଖି କଣ୍ଢେଇ ଦେଖାଇଥିଲେ। ▶ପୃଷ୍ଠା-୬


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf Among Indian Universities Ranked by NIRF, Govt. of India
A++ Grade Accredited by NAAC
Tier 1 Re-accredited by NBA All Engineering Programs for 6 Years
Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking World University Rankings 2024
IET The Institute of Engineering and Technology



KIITEE 2025
Apply Now
through KIIT Websites www.kiitee.ac.in/www.kiit.ac.in
No Examination Fee (Computer-Based Online Test)

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ଦିଲ୍ଲୀ ନିର୍ବାଚନକୁ ନେଇ ସି-ଭୋଟର ସ୍ନାପ୍ ପୋଲ; ଆପ୍ ଆଗୁଆ

ନୂଆଦିଲ୍ଲୀ ,୨୦।୧(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନକୁ ନେଇ ସମୟ ପାଖେଇ ଆସୁଥିଲା ବେଳେ ରାଜନୈତିକ ସରଗରମ ବଢିବାରେ ଲାଗିଛି । ମୁଖ୍ୟତଃ ତିନି ପ୍ରମୁଖ ଦଳ ଆପ୍, ବିଜେପି ଏବଂ କଂଗ୍ରେସ ମଧ୍ୟରେ ଲଢେଇ ହେବାକୁ ଯାଉଥିବାରୁ



କିଏ ବିଜୟୀ ହେବ ତାହା ଆକଳନ କରିବା ଏବେ ସହଜ ନୁହେଁ ବୋଲି କୁହାଯାଉଛି । ଆସନ୍ତା ଫେବୃଆରୀ ୫ରେ ଭୋଟ ଗ୍ରହଣ ଏବଂ ୮ରେ ଫଳାଫଳ ପ୍ରକାଶ ପାଇବା ପରେ ସବୁକିଛି ତ' ସ୍ପଷ୍ଟ ହେବ। କିନ୍ତୁ ଏହାପୂର୍ବରୁ ସି-ଭୋଟର 'ସ୍ନାପ ପୋଲ' ରିପୋର୍ଟ ସାମ୍ନାକୁ ଆସିଛି । ଏହି ରିପୋର୍ଟରେ ଏଥର ମଧ୍ୟ ଆପ ଅନ୍ୟ ଦଳମାନଙ୍କୁ ଠାରୁ ଆଗୁଆ ରହି ଭଲ ପ୍ରଦର୍ଶନ କରିବ ବୋଲି କୁହାଯାଇଛି । ସି-ଭୋଟର ସ୍ନାନପ ପୋଲ୍‌କୁ ନେଇ ଦିଲ୍ଲୀବାସୀଙ୍କ ମତାମତ ନିଆଯିବା ସହିତ ସେମାନେ ସରକାର ବଦଳାଇବାକୁ ଚାହୁଁଛନ୍ତି କି ବୋଲି ପ୍ରଶ୍ନ କରାଯାଇଥିଲା। ସର୍ଭେ ଅନୁସାରେ ୪୫ ପ୍ରତିଶତ ଭୋଟର ସରକାର ପରିବର୍ତ୍ତନ ସମ୍ପର୍କରେ ମତ ଦେଇଛନ୍ତି। ୫୧ ପ୍ରତିଶତ ମତଦାତା ସରକାର ବଦଳାଇବାକୁ ଚାହୁଁନଥିବା ଜଣାପଡିଛି। ଏହା ପୂର୍ବରୁ ଜାନୁୟାରୀ ୬ରେ ଜାରି ହୋଇଥିବା ସି-ଭୋର ସର୍ଭେରେ ୪୫ ପ୍ରତିଶତ ଭୋଟର ସରକାର ବଦଳାଇବାକୁ ଆଗ୍ରହୀ ଥିବା ବେଳେ ୪୯ ପ୍ରତିଶତ ସରକାରଙ୍କୁ ସମର୍ଥନ କରୁଥିବା ଜଣାପଡିଥିଲା। ଗତ ସର୍ଭେ ତୁଳନାରେ ସଦ୍ୟତମ ସର୍ଭେରେ ଆପକୁ ଅଧିକ ଲାଭ ମିଳିବାର ଆଶା ବଢିଛି ।

## ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ତାଙ୍କ ବିରୋଧରେ ଝାଡ଼ଖଣ୍ଡରେ ଚାଲିଥିବା ମାନହାନୀ



ମାମଲାର କାର୍ଯ୍ୟାନୁଷ୍ଠାନ ଉପରେ କଟକଣା ଲଗାଇ ଦେଇଛନ୍ତି। ଏହା ସହିତ ଆବେଦନକାରୀ ଏବଂ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରି ଜବାବ ମାଗିଛନ୍ତି। ସୂଚନା ଅନୁଯାୟୀ ୨୦୧୯ ଲୋକସଭା ନିର୍ବାଚନ ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଉପରେ ରାହୁଲ ଗାନ୍ଧୀ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଜେପି ନେତା ନବୀନ ଝା ରାହୁଲଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲେ। ରାହୁଲ ବିଜେପି ଏବଂ ଶାହାଙ୍କ ଛବି ଖରାପ କରୁଥିବା ଅଭିଯୋଗ କରିଥିଲେ। ତେବେ କଂଗ୍ରେସ ନେତା ଏହି ମାମଲା ରଦ୍ଦ କରିବାକୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଥମେ ନିମ୍ନ କୋର୍ଟ ଏବଂ ପରେ ହାଇକୋର୍ଟ ଆବେଦନ ଖାରଜ କରିବାରୁ ସେ ସୁପ୍ରିମକୋର୍ଟ ଯାଇଥିଲେ। ଶୁଣାଣି ସମୟରେ ରାହୁଲଙ୍କ ଓକିଲ କହିଥିଲେ ଯେ ଯେଉଁ ବ୍ୟକ୍ତିଙ୍କୁ ନେଇ ଏହି ମନ୍ତବ୍ୟ ଦିଆଯାଇଥିଲା କେବଳ ସେ ହିଁ ମାନହାନୀ ମାମଲା ରୁଜୁ କରିପାରିବେ ।

### ବଦଳାପୁର ଏନ୍‌କାଉଣ୍ଟର ମାମଲା

## ୫ ପୁଲିସ କର୍ମଚାରୀ ଦାୟୀ: ହାଇକୋର୍ଟ

ମୁମ୍ବାଇ, ୨୦।୧ (ଏଜେନ୍ସି): ମହରାଷ୍ଟ୍ର ବଦଲାପୁରରେ ୨ ଶିଶୁଙ୍କ ଯୌନ ଉତ୍ପୀଡ଼ନ ମାମଲାର ଅଭିଯୁକ୍ତ ଅକ୍ଷୟ ସିନ୍ଦେର ଏନ୍‌କାଉଣ୍ଟରକୁ ନେଇ ବମ୍ବେ ହାଇକୋର୍ଟରେ ସୋମବାର ମାଜିଷ୍ଟ୍ରେଟ ସ୍ତରୀୟ ଯାଞ୍ଚ ରିପୋର୍ଟ ଉପସ୍ଥାପନ କରାଯାଇଛି। ଏଥିରେ ଭ୍ୟାନ୍‌ରେ ଥିବା ୫ ପୁଲିସ କର୍ମଚାରୀଙ୍କୁ ଦାୟୀ କରାଯାଇଛି ବୋଲି ହାଇକୋର୍ଟ କହିଛନ୍ତି। ଗତ ସେପ୍ଟେମ୍ବର ୨୩ରେ ଏନ୍‌କାଉଣ୍ଟରରେ ଅଭିଯୁକ୍ତର ମୃତ୍ୟୁ ହୋଇଥିଲା। ଏହା ପରେ କୋର୍ଟ ମାମଲାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ରେବତୀ ମୋହିତ ଡେରେ ଏବଂ ଜଷ୍ଟିସ ନୀଲା ଗୋଖଲେଙ୍କ ଡିଭିଜନ ବେଞ୍ଚ ଭ୍ୟାନ୍‌ରେ ଥିବା ୫ ପୁଲିସ କର୍ମଚାରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏମାନଙ୍କ ବିରୋଧରେ କି ଯାଞ୍ଚ କରାଯିବ ତାହାର ସୂଚନା ୨ ସପ୍ତାହ ମଧ୍ୟରେ ଦେବା ପାଇଁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସୁଭାଷଙ୍କ ପତ୍ନୀ ନିକିତାଙ୍କ ପାଖରେ ରହିବ ପୁଅ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ପତ୍ନୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ମାଆ ଅଞ୍ଜୁ ଦେବୀଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ରାୟ ଦେଇଛନ୍ତି। ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଏସ୍‌ସି ଶର୍ମାଙ୍କ ଖଣ୍ଡପୀଠ ପୁତ୍ରର ହେପାଜତକୁ ପତ୍ନୀ ନିକିତା ସିଙ୍ଘାଣିଆଙ୍କୁ ପ୍ରଦାନ କରିଛନ୍ତି । ତେବେ ଏହି ରାୟ ଦେବା ପୂର୍ବରୁ ବିଚାରପତି ଭିଡିଓ କଲ୍‌ରେ ଶିଶୁ ପୁତ୍ର ସହ କଥା ହୋଇଥିଲେ। ଏହା ପୂର୍ବରୁ ଶୁଣାଣି ଆରମ୍ଭ ହେବା ମାତ୍ରେ ଆବେଦନକାରୀଙ୍କ ଓକିଲ ଅଧିକ ସତ୍ୟପାଠ ଦାଖଲ କରିବାକୁ ସପ୍ତାହେ ସମୟ ମାଗିଥିଲେ। କିନ୍ତୁ ଜଷ୍ଟିସ ନାଗରତ୍ନା ଦାବିକୁ ଖାରଜ କରି କହିଥିଲେ ଯେ ଏହା ଏକ ହେବିଅସ୍ କର୍ପସ ଆବେଦନ । ଆମେ ଶିଶୁକୁ ଦେଖିବାକୁ ଚାହୁଁଛୁ । ପରେ ୪୫ ମିନିଟ ପାଇଁ କୋର୍ଟ ବନ୍ଦ ରହିଥିଲା। କୋର୍ଟ ଭିଡିଓ ଲିଙ୍କ୍‌ରେ ଚାରି ବର୍ଷର ଶିଶୁ ସହ କଥା ହୋଇଥିଲେ । ଏହି ସମୟରେ କୋର୍ଟ ଅଫ୍‌ଲାଇନ ହୋଇ ଯାଇଥିଲା । କାରଣ ଖଣ୍ଡପୀଠ ଶିଶୁର ପରିଚୟକୁ ଗୋପନ ରଖିବା ପାଇଁ ଚାହୁଁଥିଲେ ।

## ୯୧୬ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଗିରଫ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଗତ ୪ ବର୍ଷ (୨୦୨୧-୨୪)ରେ ରେଳ ସୁରକ୍ଷା ବାହିନୀ (ଆରପିଏଫ) ୯୧୬ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କୁ ଗିରଫ କରିଥିବା ଦାବି କରିଛି । ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଏମାନଙ୍କୁ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଦିଆଯାଇଛି। ଆର୍‌ପିଏଫ୍ ରିପୋର୍ଟ ଅନୁଯାୟୀ ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ୫୮୬ ବାଂଲାଦେଶୀ ଏବଂ ୩୧୮ ରୋହିଙ୍ଗ୍ୟା ସାମିଲ ଅଛନ୍ତି । କେବଳ ଗତ ବର୍ଷ ଜୁନ୍ ଏବଂ ଜୁଲାଇରେ ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେରୁ ୮୮ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କୁ ଗିରଫ କରାଯାଇଥିଲା । ଏମାନଙ୍କ ମଧ୍ୟରୁ କିଛି ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରିଥିଲେ। ଟ୍ରେନ୍‌ରେ ଯାତ୍ରା କରୁଥିବା ସମୟରେ କୋଲକାତା ଆଦିରୁ ଧରା ପଡ଼ିଥିଲେ ।

### ଶପଥ ଗ୍ରହଣ ପୂର୍ବରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା

# ଟ୍ରମ୍ପଙ୍କ ନୀତିକୁ ବିରୋଧ ନ କଲେ ଜଳିଯିବ ୟୁରୋପ



ୱାଶିଂଟନ, ୨୦।୧ (ଏଜେନ୍ସି): ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟଥର ପାଇଁ ଶପଥ ନେଇଥିଲା ବେଳେ ଏଥିପାଇଁ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ମାହୋଲ ଖେଳି ଯାଇଛି । କିନ୍ତୁ ଟ୍ରମ୍ପ ପୁଣିଥରେ କ୍ଷମତାକୁ ଫେରିବା ନେଇ ଅନ୍ୟ କେତେକ ମହଲ ସମେତ ବିଭିନ୍ନ ରାଷ୍ଟ୍ରରେ ଉଦବେଗ ପ୍ରକାଶ କରାଯାଇଛି । ବିଶେଷକରି ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ଯେଉଁସବୁ ନୀତି ପ୍ରଣୟନ କରିବାକୁ ଯାଉଛନ୍ତି ତାହାକୁ ନେଇ ଅନେକ ଦେଶ ଚିନ୍ତାପ୍ରକଟ କରିବା ସହିତ ତାଙ୍କ ନୀତିକୁ କିଭଳି ମୁକାବିଲା କରାଯାଇପାରିବ ସେଥିପାଇଁ ଉପାୟ ଖୋଜିବା ଦିଗରେ ଗୁରୁତ୍ୱ ଦେଇଛନ୍ତି । ଏହିକ୍ରମରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଫ୍ରାଙ୍କୟସ ବେୟରୋ ସୋମବାର ବଡ଼ ମନ୍ତବ୍ୟ ଜାରି କରିଛନ୍ତି। ଯଦି ଟ୍ରମ୍ପଙ୍କ ନୀତିକୁ ତୁରନ୍ତ ପ୍ରତିହତ ନ କରାଯାଏ ତେବେ ଫ୍ରାନ୍ସ ସମେତ ସମଗ୍ର ୟୁରୋପ ଧ୍ୱଂସାଭିମୁଖୀ ହୋଇପଡ଼ିବ ବୋଲି ସେ କହିଛନ୍ତି। ୟୁରୋପର ସମସ୍ତ ଦେଶ କର୍ତ୍ତୃତ୍ୱହୀନ ହୋଇପଡ଼ିବା ସହିତ ସେମାନଙ୍କ ସ୍ୱାଧୀନତା ହରାଇବେ ବୋଲି ସେ କହିଛନ୍ତି ।

### ଅନ୍ୟାୟକୁ ପ୍ରଶୟ ନ ଦେବାକୁ ପରୋକ୍ଷରେ ଚେତାଇଲେ ପୋପ୍

ଟ୍ରମ୍ପ କ୍ଷମତାକୁ ଆସିଲେ ଯେଉଁସବୁ ଦିଗରେ କାର୍ଯ୍ୟାନୁଷ୍ଠାନ ନେବେ ତାହାକୁ ନେଇ କେବଳ ଡେମୋକ୍ରାଟ୍ କିମ୍ବା ତାଙ୍କ ବିରୋଧୀ ନୁହନ୍ତି, ପୋପ୍ ଫ୍ରାନ୍ସିସଙ୍କୁ ମଧ୍ୟ ଚିନ୍ତିତ କରିଛି। ଟ୍ରମ୍ପ ଯେଭଳି



ଆଭିମୁଖ୍ୟ ରଖି କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି ତଦ୍ୱାରା ସମାଜରେ ହିଂସାର ବାତାବରଣ ସୃଷ୍ଟି ହେବା ସହିତ ଅନ୍ୟାୟ ବଢିବ ବୋଲି ଆଶଙ୍କା କରାଯାଉଥିବାରୁ ପୋପ୍ ଫ୍ରାନ୍ସିସ୍ ଏଥିନେଇ ପରୋକ୍ଷରେ ଚେତାଇ ଦେଇଛନ୍ତି । ସେପଟେ ଟ୍ରମ୍ପ ଶପଥ ନେଉଥିଲା ବେଳେ ପୋପ୍ ନିଜର ଟ୍ରମ୍ପଙ୍କ ପ୍ରତି ବାର୍ତ୍ତା ଦେଇ ଅନ୍ୟାୟକୁ ପ୍ରଶୟ ନ ଦେବାକୁ କହିଛନ୍ତି ।

### କେଉଁ ଦେଶର ନେତା ହୋଇଥିଲେ ଅତିଥି

ୱାଶିଂଟନ,୨୦।୧(ଏଜେନ୍ସି): ଆମେରିକାର କୌଣସି ନିର୍ବାଚିତ ରାଷ୍ଟ୍ରପତିଙ୍କ ଶପଥ ଉତ୍ସବରେ ଅନ୍ୟ ଦେଶର ନେତା କିମ୍ବା ବିଶିଷ୍ଟ ଜନପ୍ରତିନିଧି ଯୋଗ ଦେବାର ନଜିର ନାହିଁ। ରାଷ୍ଟ୍ରପତିଙ୍କ ଶପଥ ଉତ୍ସବ ସମ୍ପୂର୍ଣ୍ଣ ଘରୋଇ ବ୍ୟାପାର ହୋଇଥିବାରୁ ଏହି କାର୍ଯ୍ୟକ୍ରମରେ ଅନ୍ୟ କାହାରିକୁ ଆମନ୍ତ୍ରଣ କରାଯିବାର ପରମ୍ପରା ନାହିଁ। କିନ୍ତୁ ଏଥର ଡୋନାଲ୍ଡ ଟ୍ରମ୍ପ ଏହି ପରମ୍ପରାକୁ ଭାଙ୍ଗି ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି । ସେ ବିଭିନ୍ନ ଦେଶର ନେତା କିମ୍ବା ରାଷ୍ଟ୍ରମୁଖ୍ୟଙ୍କୁ ତାଙ୍କ ଶପଥ ଗ୍ରହଣ ଉତ୍ସବକୁ ଆମନ୍ତ୍ରଣ କରିଛନ୍ତି ଏବଂ ବ୍ୟବସାୟୀଙ୍କୁ ଶପଥ ଉତ୍ସବକୁ ଡାକିଛନ୍ତି । ତେବେ ନିର୍ଦ୍ଦିଷ୍ଟ କେତେକ ନେତାଙ୍କୁ ଆମନ୍ତ୍ରଣ କରାଯିବା ପଛରେ କିଛି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଇଛି । ଟ୍ରମ୍ପ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ କିମ୍ବା ନାଟୋ ସଦସ୍ୟ ରାଷ୍ଟ୍ର ଭଳି ଆମେରିକାର ସହଯୋଗୀ ରାଷ୍ଟ୍ର ମୁଖ୍ୟଙ୍କୁ ଆମନ୍ତ୍ରଣ କରି ନଥିଲା ବେଳେ ନିଜର ବନ୍ଧୁ ବୋଲି କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଆମନ୍ତ୍ରଣ କରିନାହାନ୍ତି। ତେବେ ଯେଉଁମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା ଏବଂ ଯେଉଁ ନେତାମାନେ ଅତିଥି ଭାବେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରେ ରହିଛନ୍ତି ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଇକ୍ୱେଡର ରାଷ୍ଟ୍ରପତି ଡାନିଏଲ ନୋବୋଆ ।

### ଯୋଗ ଦେଇ ନଥିବା ନେତା

ରାଷ୍ଟ୍ରପତି ଟ୍ରମ୍ପଙ୍କ ଘନିଷ୍ଠ କୁହାଯାଉଥିବା ନେତାମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମନ୍ତ୍ରଣ ନ ପାଇ ଏହି ଉତ୍ସବରେ ଯୋଗ ଦେଇ ନଥିଲା ବେଳେ ଚୀନ୍ ରାଷ୍ଟ୍ରପତି ଜି ସିନପିଙ୍ଗ ଆମନ୍ତ୍ରିତ ହୋଇ ମଧ୍ୟ ଯୋଗ ଦେଇ ନାହାନ୍ତି। ତାଙ୍କ ସ୍ଥାନରେ ଚୀନ୍ ଉପ ରାଷ୍ଟ୍ରପତି ହାନ୍ ଜେଙ୍ଗ ଯୋଗ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ , ପୂର୍ବତନ ବ୍ରାଜିଲ ରାଷ୍ଟ୍ରପତି ଜେୟାର ବୋଲସୋନାରୋ ଆମନ୍ତ୍ରିତ ହୋଇ ମଧ୍ୟ ଟ୍ରମ୍ପଙ୍କ ଶପଥ ଉତ୍ସବରେ ଯୋଗ ଦେଇ ନାହାନ୍ତି । ଅନ୍ୟପକ୍ଷରେ ବ୍ରିଟେନ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର, ୟୁରୋପିଆନ କମିସନ ମୁଖ୍ୟ ଉର୍ସୁଲା ଭୋନ ଦିର୍, ଜର୍ମାନୀ ଚ୍ୟାନ୍ସେଲର ଓଲାଫ ସୋଜ୍ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଆମନ୍ତ୍ରଣ ମିଳି ନାହିଁ।

### ଯୋଗ ଦେଇଥିବା ଭାରତୀୟ ଅତିଥି

ଭାରତ ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଟ୍ରମ୍ପଙ୍କ ଶପଥ ଉତ୍ସବରେ ଯୋଗ ଦେଇଥିଲା ବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ନୀତା ଅମ୍ବାନୀ, ଭାରତରେ କାର୍ଯ୍ୟ କରୁଥିବା ଟ୍ରମ୍ପ ଅର୍ଗାନାଇଜେସନ ମୁଖ୍ୟ କଲପେସ୍ ମେହଟ୍ଟା , ଟ୍ରମ୍ପ ଟାୱାର ପ୍ରକଳ୍ପ ମୁଖ୍ୟ କଙ୍କଜ ବଂଶଲ , ଭାରତୀୟ ବଂଶୋଦ୍ଭବ ଗୁଗଲ ସିଇଓ ସୁନ୍ଦର ପିଚାଇ ପ୍ରମୁଖ ଯୋଗ ଦେଇଛନ୍ତି ।

### ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲା

# ଅଦାଲତଙ୍କ ରାୟରେ ମୁଁ ସନ୍ତୁଷ୍ଟ ନୁହେଁ; ମୃତ୍ୟୁଦଣ୍ଡ ମିଳିବାର ଥିଲା: ମମତା

କୋଲକାତା,୨୦।୧(ଏଜେନ୍ସି): କୋଲକାତା ଆର ଜି କର ମେଡିକାଲ କଲେଜ ଟ୍ରେନି ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟ ବିରୋଧରେ ସ୍ଥାନୀୟ ଅଦାଲତ ଆଜୀବନ ଜେଲ ଦଣ୍ଡାଦେଶ କରିବା ସହିତ ୫୦ ହଜାର ଟଙ୍କାର ଅର୍ଥ ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି । କିନ୍ତୁ ଅଦାଲତଙ୍କ ଏହି ରାୟକୁ ନେଇ ସର୍ବ ସାଧାରଣ ମହଲରେ ଅସନ୍ତୋଷ ଦେଖାଯିବା ସହିତ ପୀଡ଼ିତାଙ୍କୁ ଉଚିତ ନ୍ୟାୟ ମିଳିପାରି ନାହିଁ ବୋଲି ଆଲୋଚନା ଆରମ୍ଭ ହୋଇଛି। ଏଭଳି ଏକ ଜଘନ୍ୟ କାଣ୍ଡ ପାଇଁ ଅଭିଯୁକ୍ତ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ରହିଥିଲା ବେଳେ ତାକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବା ଉଚିତ ଥିଲା ବୋଲି ଚର୍ଚ୍ଚା ହେଉଛି । କେବଳ ସାଧାରଣ ଲୋକ ନୁହନ୍ତି, ଏହିକ୍ରମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅଦାଲତଙ୍କ ରାୟକୁ ନେଇ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ ଅଦାଲତଙ୍କ ରାୟକୁ ନେଇ ସନ୍ତୁଷ୍ଟ ନ ଥିବା କହିଛନ୍ତି। ଏହାଛଡ଼ା ଏଭଳି ଅମାନବୀୟ କାଣ୍ଡ ପାଇଁ ଦୋଷୀକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରାଯାଇଥିଲା ବେଳେ ଅଦାଲତ ଦୋଷୀକୁ କେବଳ ଆଜୀବନ କାରାଦଣ୍ଡାଦେଶ କରିବା ସମସ୍ତଙ୍କୁ ବିସ୍ମିତ



କରିଛି ବୋଲି ମମତା କହିଛନ୍ତି । ସେହିଭଳି ଏହି ଘଟଣାରେ ସିବିଆଇ ତଦନ୍ତକୁ ନେଇ ମଧ୍ୟ ମମତା ପ୍ରଶ୍ନ ଉଠାଇଛନ୍ତି। ଏଭଳି ଅନେକ ଘଟଣାରେ ରାଜ୍ୟ ପୁଲିସ ଦ୍ୱାରା ତଦନ୍ତ କରାଯାଇଥିଲାବେଳେ ଦୋଷୀକୁ ମୃତ୍ୟୁଦଣ୍ଡ ମିଳିବାର ନଜିର ରହିଛି। କିନ୍ତୁ ଏହି ଘଟଣାରେ ସିବିଆଇ କିଭଳି ତଦନ୍ତ କରିଥିଲା ତାହା ତାଙ୍କୁ ଜଣା ନାହିଁ। ଏହି ମାମଲାର ତଦନ୍ତ ଦାୟିତ୍ୱ ଜୋରଜବରଦସ୍ତ ରାଜ୍ୟ ପୁଲିସ ଠାରୁ କାଢି ନିଆଯାଇଥିଲା ବୋଲି ମମତା କହିଛନ୍ତି ।

ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଦୋଷୀ ପ୍ରତି ହେବାକୁ ଥିବା ଦଣ୍ଡବିଧାନକୁ ବିଭିନ୍ନ ମହଲରେ ଅତ୍ୟନ୍ତ ଉତ୍କଣ୍ଠା ସହ ଅପେକ୍ଷା କରାଯାଇଥିଲା । କିନ୍ତୁ ସୋମବାର ଅଦାଲତଙ୍କ ରାୟ ଆସିବା ପରେ ଏହା ସବୁ ମହଲକୁ ନିରାଶ କରିବା ଭଳି ଜଣାପଡୁଛି । ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅଦାଲତଙ୍କ ରାୟକୁ ସହଜରେ ଗ୍ରହଣ କରିପାରି ନଥିଲା ବେଳେ ପୀଡ଼ିତା ଡାକ୍ତରଙ୍କ ପରିବାର ପକ୍ଷରୁ ମଧ୍ୟ ଏହାକୁ ବିରୋଧ କରାଯାଇଛି । କୋର୍ଟ ପୀଡ଼ିତା ପରିବାରକୁ ୧୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲା ବେଳେ ପରିବାର ସଦସ୍ୟମାନେ ଏହାକୁ ଅଗ୍ରାହ୍ୟ କରିଦେଇଥିବା ଜଣାପଡ଼ିଛି । ଆମକୁ ଟଙ୍କା ଦରକାର ନାହିଁ, ନ୍ୟାୟ ଦରକାର ବୋଲି ପରିବାର ଦାବି କରିଛି ।

### ସୈଫ ଅଲ୍ଲି ଖାନ୍‌ଙ୍କ ଘରେ ଆକ୍ରମଣ ମାମଲା

## ଅଭିଯୁକ୍ତ ବାଂଲାଦେଶର କୁସ୍ତି ଖେଳାଳି



ମୁମ୍ବାଇ, ୨୦।୧ (ଏଜେନ୍ସି): କଡ଼ା ସୁରକ୍ଷା ବଳୟ ଭେଦି ଅଭିନେତା ସୈଫ ଅଲ୍ଲୀ ଖାନ୍‌ଙ୍କ ଘରେ ଆକ୍ରମଣ ମାମଲାରେ ମୁମ୍ବାଇ ପୁଲିସର କ୍ରାଇମବ୍ରାଞ୍ଚ ସରିଫୁଲ ଇସଲାମ ଶେହଜାଦକୁ ଗିରଫ କରିଛି। ଏବେ ତା ବିଷୟରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ସେ ବାଂଲାଦେଶର ଜିଲ୍ଲା ଏବଂ ଜାତୀୟସ୍ତରର କୁସ୍ତି ଖେଳାଳି ଥିଲା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏଥିପାଇଁ ସେ ସୈଫଙ୍କ ସହ ଲଢ଼ିଥିଲା। ଆଉ ଅଭିନେତାଙ୍କୁ ଛୁରା ମାଡ଼ କରିଥିଲା। ପରେ ସୈଫଙ୍କ ଘରୁ ପଳାଇ ବସ୍ ଷ୍ଟାଣ୍ଡରେ ରାତି କଟାଇ ଥିଲା। ଦାଦରରୁ ଥାନେ ଯିବା ପୂର୍ବରୁ ସେ ପୋଷାକ ବଦଳାଇ ଥିଲା। ମାତ୍ର ଡିଜିଟାଲ ପେମେଣ୍ଟ ଏବଂ ପରଟା ପାଇଁ ଧରାପଡ଼ିଗଲା। ସେ ପରଟା ଖାଇ ଗୁଗୁଲ ପେ'ରେ ଅନ୍‌ଲାଇନ ଟ୍ରାଞ୍ଜାକ୍ସନ କରିବାରୁ ଧରା ପଡ଼ିଥିଲା ବୋଲି ସୂଚନା ମିଳିଛି । ଅଭିଯୁକ୍ତ ସେପ୍ଟେମ୍ବରରେ ମୁମ୍ବାଇ ଆସିଥିଲା । ଏହା ପରେ ୱର୍ଲିରେ ଏକ ପବ୍‌ରେ କାମ କରିଥିଲା । ସେଠାରେ ଚୋରି କରିବାରୁ ତାକୁ ବାହାର କରି ଦିଆଯାଇଥିଲା । ଏହି ପବ୍‌ର ମାଲିକଙ୍କୁ ଜେରା କରିବା ପାଇଁ ପୁଲିସ ଯୋଜନା କରିଛି । ପୁଲିସ ତାକୁ ୫ ଦିନ ପାଇଁ ରିମାଣ୍ଡରେ ନେଇଛି । ଏବେ ତାକୁ କ୍ରାଇମସିନ୍ ରିକ୍ରିଏଟ ପାଇଁ ସୈଫଙ୍କ ଘରକୁ ନିଆଯାଇପାରେ।

**ଆକ୍ରମଣ ପରେ ବସ୍ ଷ୍ଟାଣ୍ଡରେ ଶୋଇଥିଲା**

**ଥାନେ ଯିବା ପୂର୍ବରୁ ପୋଷାକ ବଦଳାଇ ଥିଲା**

**ଚୋରି କରି ପବ୍‌ରୁ ବିଦା ହୋଇଥିଲା**

ଅଭିଯୁକ୍ତ ଗତ ୧୫ ତାରିଖରେ ଚୋରି ଉଦ୍ଦେଶ୍ୟରେ ସୈଫଙ୍କ ଘରେ ପଶି ଥିଲା । ଯାଞ୍ଚରୁ ଜଣାପଡ଼ିଛି ଯେ ସେ ପାହାଚ ମାଧ୍ୟମରେ ଅଷ୍ଟମ ମହଲା ପର୍ଯ୍ୟନ୍ତ ଯାଇଥିଲା। ଏହା ପରେ ଏକ ପାଇପ ଦେଇ ୧୨ ମହଲା ପର୍ଯ୍ୟନ୍ତ ଚଢ଼ିଥିଲା । ଗାଧୁଆଘର ଝରକା ଦେଇ ସୈଫଙ୍କ ଫ୍ଲାଟରେ ପଶିଥିଲା । ସେହି ଦିନ ରାତି ୨ଟାରେ ସୈଫଙ୍କ ଉପରେ ଆକ୍ରମଣ କରିଥିଲା। ଏଥିରେ ଅଭିନେତାଙ୍କ ବେକ ଏବଂ ମେରୁଦଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରେ ଲାଗିଛି। ତେଣୁ ଦିନେ ଦୁଇ ଦିନରେ ତାଙ୍କୁ ମେଡିକାଲରୁ ଛାଡ଼ କରାଯାଇପାରେ। ଆକ୍ରମଣକାରୀ ସେହିଦିନ ସକାଳ ୭ଟା ପର୍ଯ୍ୟନ୍ତ ବାନ୍ଦ୍ରାରେ ଥିଲା । ପରେ ଟ୍ରେନ୍‌ରେ ୱର୍ଲି ଯାଇଥିଲା । ମାତ୍ର ଟିଭିରେ ଫଟୋ ଦେଖିବା ପରେ ସେ ଫୋନ୍ ସ୍ୱିଚ୍‌ଅଫ୍ କରି ଦେଇଥିଲା ।

## ସଡ଼କ ସୁରକ୍ଷାକୁ ନେଇ ରାଜ୍ୟଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ସଡ଼କ ସୁରକ୍ଷା ଆଇନ ଏବଂ ମୋଟର ଭେଇକିଲ୍ ଆକ୍ଟ (ଏମ୍‌ଭିଏ) ନିୟମ କାର୍ଯ୍ୟକାରୀ କରିବାକୁ ନେଇ ଆଗତ ମାମଲା ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଏହାର କାର୍ଯ୍ୟକାରିତାକୁ ନେଇ ୨୩ ରାଜ୍ୟ ଏବଂ ୭ କେନ୍ଦ୍ରଶାସିତ ପ୍ରଦେଶକୁ ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ ଜବାବ ମାଗିଛନ୍ତି। ଖଣ୍ଡପୀଠ କହିଥିଲେ ଯେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, କେରଳ ଏବଂ ଦିଲ୍ଲୀ ସରକାର ରିପୋର୍ଟ ପଠାଇଛନ୍ତି । ଆଉ ୨୩ ରାଜ୍ୟ ଏବଂ ୭ କେନ୍ଦ୍ରଶାସିତ ଅଞ୍ଚଳ ରିପୋର୍ଟ ଦାଖଲ କରିନାହାନ୍ତି । ଦୁର୍ଘଟଣା ପ୍ରବଣ ସ୍ଥଳ, ଜଙ୍କସନ୍ ଏବଂ ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରରେ ଇଲେକ୍‌ଟ୍ରୋନିକ ଉପକରଣ ଲଗାଇବା ଜରୁରୀ ବୋଲି କୋର୍ଟ କହିଛନ୍ତି । ଏ ନେଇ ଶୀଘ୍ର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ସଡ଼କ ସୁରକ୍ଷାକୁ ନେଇ ଗଠିତ ସୁପ୍ରିମକୋର୍ଟ କମିଟି ପାଖକୁ ପଠାଯିବ। ଏ ନେଇ ରାଜ୍ୟଙ୍କୁ କହିବାକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏମଭିଏ ଆଇନରେ ଦ୍ରୁତଗତିରେ ଚାଲୁଥିବା ଗାଡ଼ି ଉପରେ ଇଲେକ୍‌ଟ୍ରୋନିକ ଉପକରଣ ମାଧ୍ୟମରେ ନଜର ରଖିବାର ନିୟମ ରହିଛି । ଏହା ଆଧାରରେ ଚାଲାଣ କଟା ଯାଇପାରିବ ।

**ସହରରେ ଇଲେକ୍‌ଟ୍ରୋନିକ ଇକ୍ୱିପମେଣ୍ଟ ଲଗାଇବା ଜରୁରୀ**

### ସୁପ୍ରିମକୋର୍ଟଙ୍କ ମତ

## ଜେଲ୍‌ରୁ ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଯାଉ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଦିଲ୍ଲୀ ଦଙ୍ଗା ମାମଲାର ଅଭିଯୁକ୍ତ ତାହିର ହୁସୈନର ମାମଲା ଉପରେ ଶୁକ୍ରବାର ଶୁଣାଣି କରି ସୁପ୍ରିମକୋର୍ଟ ବଡ଼ ଟିପ୍ପଣୀ ଦେଇଛନ୍ତି। ଜେଲ୍‌ରେ ବନ୍ଦୀ ସବୁ ଲୋକଙ୍କ ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଯିବା ଉଚିତ ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାହଙ୍କ ଖଣ୍ଡପୀଠ କହିଛନ୍ତି । ତେବେ ଆଜି ଏହି ମାମଲାର ଶୁଣାଣି ହୋଇପାରି ନାହିଁ। ତାହିରଙ୍କ ଓକିଲ ସିଦ୍ଧାର୍ଥ ଅଗ୍ରୱାଲ ମଙ୍ଗଳବାର ଏହି ମାମଲାର ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ଏହା ଉପରେ ଜଷ୍ଟିସ ମିତ୍ତଲ କହିଥିଲେ ଯେ ଏବେ ଜେଲ୍‌ରେ ବସି ନିର୍ବାଚନ ଲଢ଼ାଯାଉଛି । ଏଠାରୁ ନିର୍ବାଚନ ଜିତିବା ମଧ୍ୟ ସହଜ । ଏ ସମସ୍ତଙ୍କୁ ନିର୍ବାଚନ ଲଢ଼ିବାକୁ ନ ଦେବା ଉଚିତ । ପରେ ତାହିରଙ୍କ ପ୍ରାର୍ଥୀପତ୍ରକୁ ସ୍ୱୀକାର କରାଯାଇଛି ବୋଲି ଓକିଲ କହିଥିଲେ । ତେଣୁ କୋର୍ଟ ମଙ୍ଗଳବାର ପାଇଁ ମାମଲାକୁ ତାଲିକାଭୁକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ ଆପ୍‌ର ପୂର୍ବତନ କାଉନସିଲର ତାହିରକୁ ଏଆଇଏମଆଇଏମ ମୁସ୍ତଫାବାଦରୁ ଟିକଟ ଦେଇଛି ।

## ଜମ୍ମୁ-କଶ୍ମୀରରେ ଯବାନ ସହିଦ

ଶ୍ରୀନଗର, ୨୦।୧ (ଏଜେନ୍ସି): ଜମ୍ମୁ-କଶ୍ମୀର ବାରାମୁଳା ଜିଲ୍ଲାର ଜାଲୋର ଗ୍ରାମରେ ଆତଙ୍କବାଦୀଙ୍କ ସହ ସେନାର ଏନ୍‌କାଉଣ୍ଟର ଜାରି ରହିଛି। ଏଥିରେ ଜଣେ ଯବାନ ସହିଦ ହୋଇଛନ୍ତି। ସୂଚନା ଅନୁଯାୟୀ ଆତଙ୍କବାଦୀ ଲୁଚିଥିବାର ସୂଚନା ପାଇ କଶ୍ମୀର ପୁଲିସ, ଭାରତୀୟ ସେନା ଏବଂ ସିଆରପିଏଫ୍‌ର ମିଳିତ ଟିମ୍ ରବିବାର ତଲାସୀ ଅଭିଯାନ ଆରମ୍ଭ କରିଥିଲା । ରାତି ହେବାରୁ ଅଭିଯାନକୁ ବନ୍ଦ କରିଦିଆଯାଇଥିଲା । ମାତ୍ର ସକାଳେ ଆତଙ୍କବାଦୀ ଅତର୍କିତ ଗୁଳି ମାଡ଼ କରିଥିଲେ । ଏହା ଜଣେ ଯବାନଙ୍କ ଦେହରେ ବାଜିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇ ଥିଲେ ।

## କୁମ୍ଭାଶ୍ଚର୍ଯ୍ୟ... 'ଏଆଇ'ରେ ଶ୍ରଦ୍ଧାଳୁଙ୍କ ଗଣତି

ପ୍ରୟାଗରାଜ,୨୦।୧(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢି ଚାଲିଥିଲା ବେଳେ ମହାକୁମ୍ଭର ଅଷ୍ଟମ ଦିବସରେ ୨୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ତ୍ରିବେଣୀ ସଙ୍ଗମରେ ସ୍ନାନ କରିଛନ୍ତି। ଏହାକୁ ମିଶାଇ ପ୍ରାୟ ୭ କୋଟି ଶ୍ରଦ୍ଧାଳୁ ବର୍ତ୍ତମାନ ସୁଦ୍ଧା ବୁଡ଼ ପକାଇ ସାରିଥିଲା ବେଳେ ମହାକୁମ୍ଭ ଶେଷ ସୁଦ୍ଧା ଦେଶ ବିଦେଶରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୪୫ କୋଟି ରହିବ ବୋଲି ଆକଳନ କରାଯାଇଛି । କିନ୍ତୁ ଏଠାକୁ ପ୍ରତିଦିନ ଆସୁଥିବା ଶ୍ରଦ୍ଧାଳୁ କିମ୍ବା ପର୍ଯ୍ୟଟକଙ୍କ ଗଣତି କିଭଳି ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ତେବେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଗଣତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବୈଷୟିକ ଉପାୟ ଗ୍ରହଣ କରାଯାଇଛି। ଏଠାକୁ ଆସୁଥିବା ଲୋକମାନଙ୍କ ସୁରକ୍ଷା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଯାଇଥିଲା ବେଳେ ଏଗୁଡିକରେ କୃତ୍ରିମ ବୁଦ୍ଧିମତା(ଏଆଇ) କୌଶଳ ଉପଯୋଗ କରାଯାଇ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଗଣତି କରାଯାଉଛି। ମହାକୁମ୍ଭ ମେଳାର ଆଗମନ, ପ୍ରସ୍ଥାନ ସମେତ ଅନ୍ୟ ବିଭିନ୍ନ ସ୍ଥଳ ଓ ଗହଳି ସ୍ଥାନରେ କ୍ୟାମେରାରେ ରହିଥିବା ଏଆଇ ବ୍ୟବସ୍ଥା ଦ୍ୱାରା ଲୋକଙ୍କ ସାନ୍ଦ୍ରତାକୁ ପରଖି କେନ୍ଦ୍ରୀୟ ମୂଲ୍ୟାଙ୍କନ ଟିମ୍‌କୁ ପଠାଯାଇ ଶ୍ରଦ୍ଧାଳୁଙ୍କ ସଂଖ୍ୟା ନିର୍ଣ୍ଣୟ କରାଯାଉଛି । ଏହାବ୍ୟତୀତ ଡ୍ରୋନ କ୍ୟାମେରା ଦ୍ୱାରା ମଧ୍ୟ ମେଳାର ସବୁ ଅଞ୍ଚଳର ଗହଳିକୁ ନେଇ ଆବଶ୍ୟକ ତଥ୍ୟ ହାସଲ କରାଯାଇ ଲୋକଙ୍କ ଗଣତି କରାଯାଉଥିବା କୁହାଯାଉଛି । କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ଦ୍ୱାରା ଏହିସବୁ ତଥ୍ୟକୁ ଉପଯୋଗ



କରି ଗୋଟିଏ ଦିନରେ ସମାଗାମ ହେଉଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ସ୍ଥିର କରାଯାଉଥିଲା ବେଳେ କୌଣସି ଜାଗାରେ ଭିଡ଼ ଜମିଲେ ଏହାକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଇଛି ।

**ଆୟୁଷ୍ମାନ ଏମ୍‌ଓୟୁ ପରେ ବଢ଼ିଲା ହିତାଧିକାରୀ ଦ୍ୱନ୍ଦ**

# ନୂଆ ହିତାଧିକାରୀ ଚିହ୍ନଟ ପାଇଁ ସ୍ୱଷ୍ଟ ହେଉନି ଚିତ୍ର

**ଭୁବନେଶ୍ୱର,୨୦।୧(ସମିସ):** ଓଡିଶାରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କ୍ଷମତାକୁ ଆସିବାର ୭ ମାସ ପରେ ରାଜ୍ୟର ବିଜେପି ସରକାର ଗତ ୧୩ ତାରିଖରେ ନ୍ୟାସନାଲ ହେଲ୍‌ଥ୍ ଅଥରିଟି ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। କିନ୍ତୁ ଏହି ଯୋଜନାରେ ସାମିଲ ହେବା ପାଇଁ ଆଶାୟୀମାନେ କିପରି ନାମ ପଞ୍ଜୀକରଣ କରିବେ, କେବେଠାରୁ ଆବେଦନ ଆରମ୍ଭ ହେବ, ଯୋଗ୍ୟତା ମାନଦଣ୍ଡ କ'ଣ ରହିଛି, କେଉଁସବୁ ପ୍ରମାଣପତ୍ର ଆବଶ୍ୟକ, ସେ ସମ୍ପର୍କରେ ସରକାର ଏଯାଏଁ କୌଣସି ସୂଚନା ଦେଇ ନାହାନ୍ତି। ଏପରିକି ଲୋକେ ଆବେଦନ କରିବେ ନା ସରକାର ନିଜ ଆଡୁ କାର୍ଡ ବଣ୍ଟନ ଆରମ୍ଭ କରିବେ ତାକୁ ନେଇ ମଧ୍ୟ ଦ୍ୱନ୍ଦ ଲାଗି ରହିଛି। ଅନ୍ୟପକ୍ଷରେ ଆୟୁଷ୍ମାନ ଭାରତ ୨୦୨୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ରୋଡ୍ ମ୍ୟାପ୍ ହେବ ଏବଂ ଆସନ୍ତା ଫେବୃଆରୀ ସୁଦ୍ଧା ଲୋକଙ୍କୁ କାର୍ଡ ବଣ୍ଟନ କରାଯାଇ କେନ୍ଦ୍ର ସରକାରଙ୍କ ଏହି ସ୍ୱାସ୍ଥ୍ୟ ଯୋଜନା ଓଡ଼ିଶାରେ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହାକୁ ନେଇ ଲୋକଙ୍କ ଉତ୍କଣ୍ଠା ବି କିଛି କମ୍ ନାହିଁ। କିନ୍ତୁ ହାତରେ ଆଉ ଦେଢ଼ ମାସରୁ କମ୍ ସମୟ ଥିବାରୁ ଓଡିଶାର ହିତାଧିକାରୀ ଚୟନ ନେଇ ସଂଶୟ ସୃଷ୍ଟି ହୋଇଛି।

ରାଜ୍ୟର ବିପିଏଲ୍ ପରିବାରକୁ ବାଦ୍ ଦେଇ ନିମ୍ନ ଆୟକାରୀ ପରିବାରର ଲୋକ କିପରି ଏଥିରେ ସାମିଲ ହେବେ, ତାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ମୁହଁ ଖୋଲୁ ନ ଥିବା ବେଳେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ହେଲ୍ପ ଲାଇନ୍ ନମ୍ବରରେ ଫୋନ୍ କଲେ ଓଡିଶା ପାଇଁ ଏବେ କିଛି କହି ହେବ ନାହିଁ ବୋଲି ଉତ୍ତର ମିଳୁଛି। ଅପରପକ୍ଷେ ଆୟୁଷ୍ମାନ ଭାରତ ୱେବ୍‌ସାଇଟ୍ ତଥ୍ୟ ଅନୁସାରେ, ଅଦ୍ୟାବଧି ଓଡିଶାର ମାତ୍ର ୫ ଜିଲ୍ଲାର ୧୨ଟି ଡାକ୍ତରଖାନା ଏଥିପାଇଁ ଅନୁବନ୍ଧିତ ହୋଇଛନ୍ତି। ତେଣୁ ଓଡିଶାରେ ପ୍ରକୃତରେ କେତେ ସଂଖ୍ୟକ ଘରୋଇ ଏବଂ କର୍ପୋରେଟ୍ ହସ୍ପିଟାଲ ଆୟୁଷ୍ମାନ ଭାରତରେ ସାମିଲ ହେବେ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବଡ଼ କଥା ହେଉଛି, ସ୍ୱାସ୍ଥ୍ୟ ମନ୍ତ୍ରୀ କହୁଛନ୍ତି କୌଣସି ହିତାଧିକାରୀ ବଞ୍ଚିତ ହେବେ ନାହିଁ। କିନ୍ତୁ ରାସନ କାର୍ଡ ନ ଥିବା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବାହାରେ ଥିବା ଲୋକମାନେ କିପରି 'ଆୟୁଷ୍ମାନ ଭାରତ'ରେ ସାମିଲ ହେବେ ସେ ନେଇ କୌଣସି ସ୍ୱଷ୍ଟତା ନାହିଁ। ପୁଣି କୁହାଯାଉଛି ଯେ ସରକାରୀ କର୍ମଚାରୀଙ୍କୁ ମଧ୍ୟ ଏଥିରେ ସାମିଲ ପାଇଁ ଆସିଥିବା ପ୍ରସ୍ତାବ ଉପରେ ସରକାର ବିଚାର କରୁଛନ୍ତି। ଏସବୁ ଭିତରେ ଯୋଜନା କାର୍ଯ୍ୟକାରିତାର ସମୟ ପାଖେଇ ଆସୁଥିବାବେଳେ ପ୍ରକୃତପକ୍ଷେ ରାଜ୍ୟର କେତେ ହିତାଧିକାରୀ ଏହି ଯୋଜନାରେ ଉପକୃତ ହେବେ ଏବଂ କେତେ ସରକାରୀ ଓ କର୍ପୋରେଟ୍ ହସ୍‌ପିଟାଲ୍‌ରୁ ହିତାଧିକାରୀମାନେ ମାଗଣା ଚିକିତ୍ସା ସୁବିଧା ପାଇପାରିବେ, ତାକୁ ନେଇ ଅଦ୍ୟାବଧି ସ୍ୱଷ୍ଟ ଚିତ୍ର ମିଳି ପାରୁ ନାହିଁ।

- ଇଣ୍ଟିଗ୍ରେସନ୍, ନୂଆ କାର୍ଡ ବଣ୍ଟନ ପାଇଁ ଲାଗିବ ସମୟ
- ୭୦ବର୍ଷରୁ ଊର୍ଦ୍ଧ୍ୱଙ୍କ ପାଇଁ ଆସିବ ଅଲଗା କାର୍ଡ
- ଫେବୃଆରୀ ସୁଦ୍ଧା କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟ
- ଓଡ଼ିଶାର ୫ ଜିଲ୍ଲାର ୧୨ ଡାକ୍ତରଖାନା ସାମିଲ

ଏବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ପୂର୍ବର ବିଏସ୍‌କେୱାଇ)ରେ ସାଢ଼େ ତିନି କୋଟି ହିତାଧିକାରୀ ସାମିଲ ଅଛନ୍ତି। କିନ୍ତୁ ଆୟୁଷ୍ମାନ ଭାରତରେ ୧.୦୩ କୋଟି ପରିବାର ପ୍ରାୟ ସାଢ଼େ ତିନି କୋଟି ଲୋକଙ୍କୁ ସାମିଲ କରିବା ପାଇଁ ସରକାର ଘୋଷଣା କରିଛନ୍ତି। ଏହା ଛଡ଼ା ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ୨୩, ୧୨, ୯୭୯ ଜଣ ବରିଷ୍ଠ ନାଗରିକ ଆୟୁଷ୍ମାନ ଭାରତ-୨ରେ ସାମିଲ ହେବେ ବୋଲି ସରକାର ସ୍ୱଷ୍ଟ କରିଛନ୍ତି। ଏମାନେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ନ ଥିବାରୁ ସେମାନଙ୍କ ପାଇଁ ଅଲଗା କାଡର୍ ହେବ। ଅପରପକ୍ଷେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଶାଇ ଗୋଟିଏ କାର୍ଡ ପ୍ରସ୍ତୁତ କରିବା ଏବଂ ସାଢ଼େ ତିନି କୋଟି ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରିବା କାର୍ଯ୍ୟ ମଧ୍ୟ ସମୟସାପେକ୍ଷ ରହିବ। ଆଇଟି ଇଣ୍ଟିଗ୍ରେସନ୍ (ଅନ୍‌ଲାଇନ୍‌ରେ ଉଭୟ ଯୋଜନା ପାଇଁ ଆଇଟି ବ୍ୟବସ୍ଥା) ମଧ୍ୟ କରାଯିବ। ସେହିପରି ପ୍ରତ୍ୟେକ ହିତାଧିକାରୀଙ୍କର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ (ଆଭା) ଖୋଲିବା ଜରୁରୀ ବୋଲି ସରକାର କହିଛନ୍ତି। ଏହା ବି କେବେ ହେବ ତାକୁ ନେଇ ମଧ୍ୟ ଚିତ୍ର ସ୍ୱଷ୍ଟ ହୋଇନାହିଁ। ତେଣୁ ଧାର୍ଯ୍ୟ ସମୟରେ କାର୍ଡ ବଣ୍ଟନ କରିବା ଏବଂ ନୂଆ ହିତାଧିକାରୀ ସାମିଲ ହେବା ନେଇ ସ୍ୱଷ୍ଟ ଚିତ୍ର ଦିଅନ୍ତୁ ବୋଲି ଦାବି ହୋଇଛି।

# କମିବ ଥଣ୍ଡା; ବଢ଼ିବ କୁହୁଡ଼ି

**ଭୁବନେଶ୍ୱର,୨୦।୧(ସମିସ):** ରାଜ୍ୟରେ ଜାରି ରହିଥିବା ଶୀତର ପ୍ରଭାବ ୨ ଦିନ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହିବ। ୨୨ ତାରିଖରୁ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ଘଟିବା ହେତୁ ଶୀତର ପ୍ରଭାବ ପୁଣି କମିବ। ଏହାପରେ ସମ୍ଭବତଃ ୨୫ରୁ ପୁଣି ଥରେ ଶୀତ ବଢ଼ିବାର ପୂର୍ବାନୁମାନ କରାଯାଉଛି। ଅନ୍ୟପଟେ ଶୀତ କମିବା ସହିତ ୨୩ ଓ ୨୪ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ କୁହୁଡ଼ି ଅନୁଭୂତ ହେବ ବୋଲି ଜଣାପଡ଼ିଛି। ଆଇଏମ୍‌ଡି ବୈଜ୍ଞାନିକ ଉମାଶଙ୍କର ଦାସ ଏକ୍ସ ଯୋଗେ ସୂଚନା ଦେଇ କହିଛନ୍ତି ଯେ ଗୋଟିଏ ଗୁରୁଚାପ ବଳୟ ହେତୁ ରାଜ୍ୟରେ ୨୨-୨୩ରେ ଘନକୁହୁଡି ସମ୍ଭାବନା ରହିଛି। ୨୨ ଏବଂ ୨୩ ତାରିଖ ବେଳକୁ ଓଡିଶା ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗର ଅଞ୍ଚଳରେ ଏକ ଗୁରୁଚାପବଳୟ ସକ୍ରିୟ ହେବ। ଏହା ପ୍ରଭାବରେ ରାଜ୍ୟକୁ ଉଷ୍ମ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରିବ। ଏଥିପାଇଁ ରାଜ୍ୟରେ ରାତିର ତାପମାତ୍ରା ବୃଦ୍ଧି ହେବା ସହ ଶୀତ ପ୍ରକୋପ କମିବ। ଏହାସହ ଗୁରୁଚାପ ବଳୟର ଉପସ୍ଥିତି ହେତୁ ବାୟୁମଣ୍ଡଳରେ ଜଳୀୟବାଷ୍ପର ମାତ୍ର ବୃଦ୍ଧି ତଥା ଆକାଶ ନିର୍ମଳ ଏବଂ ବାୟୁ ଚଳାଚଳରେ ନିଷ୍କ୍ରିୟ ରହିବ। ଏହା ରାଜ୍ୟରେ ଘନକୁହୁଡି ପାଇଁ ପାଗ ଅନୁକୂଳ ହେବ। ସାଧାରଣତଃ ଏପରି ପାଣିପାଗ ସ୍ଥିତି ପଶ୍ଚିମାଝଡ଼ର ଆଗମନରେ ଆହୁରି ପ୍ରସମିତ ହୋଇଥାଏ। ୨୧ ତାରିଖରୁ ଦେଶର ଉତ୍ତରପଶ୍ଚିମ ଭାଗକୁ ଏକ ପଶ୍ଚିମାଝଡ଼ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ଶୀତର ପ୍ରକୋପ କମିବା ସହ କୁହୁଡ଼ିର ପ୍ରଭାବ ବଢିବା ସମ୍ଭାବନା ରହିଛି ବୋଲି ଶ୍ରୀ ଦାସ କହିଛନ୍ତି।

ଅନ୍ୟପଟେ ଘନ କୁହୁଡ଼ି ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଆଲର୍ଟ ଜାରି କରାଯାଇଛି। ୨୨ ତାରିଖ ରାତିରୁ ପରଦିନ ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ ଓ ଢେଙ୍କାନାଳରେ ମଧ୍ୟମ ଧରଣର କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। କୁହୁଡ଼ି ସତର୍କତାକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାପାଳଙ୍କୁ ଏସ୍‌ଆରସି ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ରାଜପଥଗୁଡ଼ିକରେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲା ଏସ୍‌ପି ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୯ଟି ଜାଗାରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାହାଡ଼ିଆ ଅଞ୍ଚଳ ଭାବରେ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୦ ଡିଗ୍ରୀ ରେକର୍ଡ କରାଯାଇଛି। ସମତଳ ଅଞ୍ଚଳ ଭାବରେ ଫୁଲବାଣୀରେ ୭.୦ ଡିଗ୍ରୀ ରେକର୍ଡ ହୋଇଛି। ଆଜି ଦିନ ବେଳା ଆକାଶ ନିର୍ମଳ ରହିବା ହେତୁ ପ୍ରବଳ ଖରା ଅନୁଭୂତ ହୋଇଛି। ଏଥିପାଇଁ ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୩୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**ତୃତୀୟ ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀ**

# ବିକଶିତ ଭାରତର ସ୍ୱପ୍ନ ସାକାରରେ ଓଡ଼ିଶା ଦେଶର ନେତୃତ୍ୱ ନେବ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର/କୋଣାର୍କ, ୨୦।୧ (ସମିସ):** ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଓଡ଼ିଶା ଦେଶର ନେତୃତ୍ୱ ନେବ। ପରିବେଶ ତଥା ସାମାଜିକ-ଅର୍ଥନୈତିକ ସନ୍ତୁଳନ ବଜାୟ ରଖିବା ସହ ଖଣିଜ ସମ୍ପଦର ଅଧିକରୁ ଅଧିକ ଉପଯୋଗ ଲାଗି ଓଡ଼ିଶା ଉତ୍ସର୍ଗୀକୃତ। ଦେଶର ତିନୋଟି ରାଜ୍ୟ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ, ଖଣି ଚାହିଦାର ଦୁଇ-ତୃତୀୟାଂଶରୁ ଅଧିକ ଉତ୍ପାଦନ କରୁଛନ୍ତି। ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ପୂରଣ କରିବା ପାଇଁ ଏହି ତିନୋଟି ରାଜ୍ୟ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଇବେ ଏବଂ ଓଡ଼ିଶା ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ଖଣି ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ କୋଣାର୍କଠାରେ ଆୟୋଜିତ ତୃତୀୟ ଜାତୀୟ ଖଣିମନ୍ତ୍ରୀ ସମ୍ମିଳନୀର ପ୍ରଥମ ଦିନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାକୃତିକ ସମ୍ପଦ, ବିଶେଷକରି ଖଣିଜ ପଦାର୍ଥ ସୀମିତ ସମ୍ବଳ। ଏହା ଚିରସ୍ଥାୟୀ ହୋଇପାରିବ ନାହିଁ। ତେଣୁ ପରିବେଶକୁ କ୍ଷତି ନ ପହଞ୍ଚାଇ ଏହାକୁ କିପରି ଦୀର୍ଘ ସମୟ ପାଇଁ ସ୍ଥାୟୀ କରାଯାଇପାରିବ, ସେନେଇ ଏକ ଉପାୟ ଖୋଜିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଏବଂ ମାର୍ଗଦର୍ଶନରେ ଏହା ହାସଲ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହାସହ, ଓଡ଼ିଶାର ପ୍ରତ୍ୟେକ ସ୍ଥାନ ମୂଲ୍ୟବାନ ଖଣିଜ ସମ୍ପଦରେ ସମୃଦ୍ଧ। ଓଡ଼ିଶା ପ୍ରକୃତରେ ରତ୍ନଗର୍ଭା ଓ ପ୍ରାକୃତିକ ସମ୍ପଦର ଏକ ଭଣ୍ଡାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କେନ୍ଦ୍ର ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ସମେତ ୧୪ ରାଜ୍ୟର ଖଣି ମନ୍ତ୍ରୀ, ଖଣି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଶିଳ୍ପପତି ଏବଂ ପ୍ରମୁଖ ଅଂଶୀଦାରମାନେ ଅଂଶଗ୍ରହଣ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ ତାଙ୍କ ଅଭିଭାଷଣରେ ଆତ୍ମନିର୍ଭର ଭାରତର ଲକ୍ଷ୍ୟ ହାସଲ କରିବାରେ ଭାରତର ଖଣି କ୍ଷେତ୍ରର ରୂପାନ୍ତରଣଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଭିତ୍ତିଭୂମି, ଶିଳ୍ପ ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ଭାରତ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ହେବ ବୋଲି କହିଥିଲେ। ଏହି ସମ୍ମିଳନୀରେ ଗ୍ରାଫାଇଟ୍, ଟଙ୍ଗଷ୍ଟନ୍, ବିରଳ ପୃଥିବୀ ତତ୍ତ୍ୱ (ଆରଇଇ) ଏବଂ ନିକେଲ ଭଳି ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ସମେତ ୮ଟି ରାଜ୍ୟର ୧୫ଟି ବ୍ଲକକୁ ନେଇ ପଞ୍ଚମ ପର୍ଯ୍ୟାୟ ଖଣି ନିଲାମର ଶୁଭାରମ୍ଭ କରାଯାଇଥିଲା।

## ମାଛ ମାରିବା ବେଳେ ସମୁଦ୍ରରେ ଖସିପଡ଼ିଲେ

**ରାଜନଗର, ୨୦।୧ ( ସମିସ):** ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶିକାରପାହି ଗାଁର ଅରବିନ୍ଦ ପାତ୍ର (୩୮) ଗତକାଲି ବିଳମ୍ବିତ ରାତ୍ରିରେ ସମୁଦ୍ରରେ ମାଛ ମାରୁଥିବା ବେଳେ ପାଣିରେ ଖସି ପଡ଼ି ନିଖୋଜ ହୋଇଯାଇଛନ୍ତି। ତାଳଚୁଆ ଘାଟରୁ ନିଜ ବୋଟକୁ ଚଳାଇ ସେ ଗଭୀର ସମୁଦ୍ରକୁ ମାଛ ମାରିବାକୁ ସାଙ୍ଗରେ ଅନ୍ୟ ୫ଜଣ ମତ୍ସ୍ୟଜୀବୀଙ୍କୁ ନେଇ ଯାଇଥିଲେ। ସାତଭାୟା କୂଳଠାରୁ ୮ କିମି ଦୂର ସମୁଦ୍ର ମଧ୍ୟରେ ସେମାନେ ମାଛ ଧରୁଥିଲେ। ଜାଲ ବୋଟକୁ ଉଠାଇବା ବେଳେ ଅରବିନ୍ଦ ସମୁଦ୍ରକୁ ଖସି ପଡ଼ିଥିଲେ। ଶବ୍ଦ ଶୁଣି ବୋଟ୍‌ରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଅରବିନ୍ଦକୁ ପାଇନଥିଲେ। ତେବେ ଅରବିନ୍ଦ ବ୍ୟବହାର କରିଥିବା ଟର୍ଚ୍ଚଟି ଜଳୁଥିବା ଅବସ୍ଥାରେ ପାଣିରେ ଭାସୁଥିବା ଦେଖିଥିଲେ। ପରେ ଅନ୍ଧାରରାତି ଏବଂ ଗଭୀରସମୁଦ୍ରଭିତରେ ସେମାନେ ଖୋଜାଖୋଜି କରିଥିଲେ ମଧ୍ୟ ଅରବିନ୍ଦଙ୍କ କୌଣସି ପତ୍ତା ପାଇନଥିଲେ। ଖବର ପାଇ କୋଷ୍ଟଗାର୍ଡ, ବନ ବିଭାଗର ଦୁଇଟି ବୋଟ, ତାଳଚୁଆ ସାମୁଦ୍ରିକ ଥାନାର ଗୋଟିଏ ବୋଟ ଓ ଅନ୍ୟ ମାଛ ମାରୁଥିବା ବୋଟ ପ୍ରାୟ ୨୫ରୁ ଅଧିକ ବୋଟ ଅରବିନ୍ଦଙ୍କୁ ଦିନ ତମାମ ଖୋଜିଥିଲେ ମଧ୍ୟ ସଂଧ୍ୟା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳି ପାରିନାହିଁ।

**ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି**

# କେଜିଏ ସୁନା ଲୁଟିନେଲେ

**ସୁନ୍ଦରଗଡ଼/ହେମଗିରି,୨୦।୧(ସମିସ):** ହେମଗିରି ଥାନା ବରପାଲି ଗ୍ରାମର ଜଣେ ବ୍ୟବସାୟୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଛି। ରବିବାର ମଧ୍ୟରାତ୍ରରେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ପରିବାରଲୋକଙ୍କୁ ବନ୍ଧୁକ ମୁନରେ ଭୟଭୀତ କରାଇ ପ୍ରାୟ ୧ କେଜି ସୁନା ଅଳଙ୍କାର ସହ ଦେଢ଼ ଲକ୍ଷ ଟଙ୍କା ନେଇଯାଇଛନ୍ତି। ଏଥିପୂର୍ବରୁ ଏହି ଥାନା ଅଞ୍ଚଳରେ ଘଟିଥିବା ବିଜେଡି ନେତା ଗୋପାଳ ପଧାନଙ୍କ ଘରୁ ସଶସ୍ତ୍ର ଡକାୟତି ମାମଲାର ପର୍ଦ୍ଦାଫାସ୍ ହୋଇ ନଥିବା ବେଳେ ପୁଣି ଏପରି ଏକ ବଡ଼ଧରଣର ଡକାୟତି ପୁଲିସ ପାଇଁ ଚାଲେଞ୍ଜ ହୋଇଛି। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଘଟଣାସ୍ଥଳ ପରିଦର୍ଶନ କରି ଅଭିଯୁକ୍ତଙ୍କୁ ଧରିବାକୁ ୩ଟି ସ୍କ୍ୱାଡ୍ ଗଠନ କରିଛନ୍ତି। ସୂଚନାନୁଯାୟୀ, ଆସନ୍ତା ୨୭ତାରିଖରେ ବରପାଲିର ବିଶିଷ୍ଟ ବ୍ୟବସାୟୀ ନିଖିଳ ଅଗ୍ରୱାଲଙ୍କ ପୁଅ ଦୀପୁ ଅଗ୍ରୱାଲଙ୍କ ବିବାହ ଉତ୍ସବ ରହିଛି। ଏଣୁ ଘରେ ସୁନା ଅଳଙ୍କାର କିଣି ରଖିଥିବା ବେଳେ କିଛି ଜ୍ଞାତିକୁଟୁମ୍ବଙ୍କ ମଧ୍ୟ ସମାଗମ ହୋଇଥିଲା। ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ୪ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଛାତ ପଟେ ପ୍ରଥମେ ଉପର ମହଲାକୁ ପଶିଥିଲେ। ସେମାନେ ଦୀପୁ ଶୋଇଥିବା କୋଠରିକୁ ପଶି ତାଙ୍କୁ ବାନ୍ଧି ପକାଇଥିଲେ। ଦୀପୁଙ୍କ ସମେତ ସମସ୍ତଙ୍କ ମୋବାଇଲ ନେଇଯାଇ ବନ୍ଧୁକ ମୁନରେ ଭୟଭୀତ କରାଇବା ସହ ଜଣକ ପରେ ଜଣେ ସମସ୍ତଙ୍କୁ ବାନ୍ଧି ପକାଇଥିଲେ। ଏହାପରେ ସେମାନେ ଆଲମିରାରେ ଥିବା ସୁନା ଅଳଙ୍କାର ସହ ମହିଳାମାନେ ପିନ୍ଧିଥିବା ପ୍ରାୟ ୧ କିଲୋ ସୁନା ଅଳଙ୍କାର ଲୁଟି ନେଇଥିଲେ। ଆଲମିରାରୁ ଦେଢ଼ଲକ୍ଷ ଟଙ୍କା ମଧ୍ୟ ନେଇ ଯାଇ ଚମ୍ପଟ ମାରିଥିଲେ। ଯିବା ସମୟରେ ସେମାନେ ସିସିଟିଭିର ଡିଭିଡି ଖୋଲି ନେଇ ଯାଇଛନ୍ତି। ଦୁର୍ବୃତ୍ତମାନେ ପ୍ରାୟ ଦେଢ଼ ଘଣ୍ଟା ଉକ୍ତ ଲୁଟ୍‌ପାଟ୍ ଚଳାଇଥିଲେ। ଖବର ପାଇ ହେମଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ନିଖିଳଙ୍କ ଏତଲା ଆଧାରରେ ମାମଲା ରୁଜୁ କରି ଛାନ୍‌ଭିନ୍ ଚଳାଇଛି। ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।



କୃଷ୍ଣପ୍ରସାଦ: ଆର୍ଦ୍ରଭୂମିରେ ବିହଙ୍ଗଙ୍କ ଶୀତ ସମାବେଶ

## ଦନ୍ତା ଆକ୍ରମଣରେ ପୁଅ ମୃତ; ମାଆ ଗୁରୁତର

**ଖୋର୍ଦ୍ଧା,୨୦।୧(ସମିସ):** ଖୋର୍ଦ୍ଧା ବନାଞ୍ଚଳ ତଥା ସଦର ଥାନା ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତର ମହତପଲା ଗ୍ରାମରେ ଦନ୍ତା ହାତୀ ଆକ୍ରମଣରେ ପୁଅର ମୃତ୍ୟୁ ଘଟିଥିବା ବେଳେ ମାଆ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ସତ୍ୟ ରଞ୍ଜନ(୧୯)। ଆହତଜଣଙ୍କ ହେଲେ, ତାଙ୍କ ମାଆ ସୁଲୋଚନା ମାର୍ଥା। ସୁଲୋଚନାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରାଯାଇଛି। ସଦର ପୁଲିସ୍ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ସରପଞ୍ଚ ବିପ୍ଳବ କେଶରୀ ବଳିଆରସିଂ, ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା ପ୍ରମୁଖ ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୋମବାର ଭୋର୍‌ରେ ମାଆ-ପୁଅ ଶୌଚ ହେବା ଲାଗି ବାରିପଟକୁ ଯାଇଥିବା ବେଳେ ଏକ ହାତୀପଲ ହାବୁଡ଼ରେ ପଡ଼ି ଯାଇଥିଲେ। ପଲ ଭିତରୁ ଗୋଟିଏ ଦନ୍ତା ସତ୍ୟଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ପୁଅକୁ ବଞ୍ଚାଇବାକୁ ଚେଷ୍ଟା କରିବାକୁ ଯାଇ ସୁଲୋଚନା ମଧ୍ୟ ଦନ୍ତା ଆକ୍ରମଣର ଶିକାର ହୋଇଥିଲେ। ଦନ୍ତା ତାଙ୍କୁ ଟେକି କଚାଡ଼ି ଦଳି ଦେଇଥିଲା। ଖବର ପାଇ ଗ୍ରାମବାସୀ ଦୁହିଁଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ସତ୍ୟଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁଲୋଚନାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ।

# କମୁନାହିଁ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ

**ଭୁବନେଶ୍ୱର,୨୦।୧(ସମିସ):** ନକଲି ଡାକ୍ତରଙ୍କୁ ଠାବ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରରେ ଗଠନ ହୋଇଛି ଆଣ୍ଟି କ୍ୱାକରୀ ସେଲ୍। ଯାଞ୍ଚ, ଅନୁସନ୍ଧାନ ପାଇଁ ସରକାର କ୍ଷମତା ଦେଇଛନ୍ତି। କିନ୍ତୁ କେତେ ନକଲି ଡାକ୍ତର ଧରାପଡିଲେ ତାହାର ତଥ୍ୟ ବିଭାଗ ପାଖରେ ନାହିଁ, କିନ୍ତୁ ପୁଣି ଥରେ ଏହି ସେଲ୍‌ର ପୁନର୍ଗଗଠନ କରାଯାଇଛି। ନୂଆ କମିଟି ନକଲି ଡାକ୍ତରଙ୍କୁ ଧରିବା ପାଇଁ ଉଦ୍ୟମ କରିବ ନା, ଆଗ ଭଳି ଏହା କେବଳ କାଗଜକଲମରେ ସୀମିତ ରହିବ ତାହା ସମୟ କହିବ।

ଓଡିଶାରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିବା ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରୀୟ ଆଣ୍ଟି କ୍ୱାକରୀ ସେଲ୍ ଗଠନ ପାଇଁ ୨୦୧୯ ମସିହାରେ ଓଡିଶା ଉଚ୍ଚ ନ୍ୟାୟାଳୟ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ରମରେ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସେଲ ଗଠନ କରାଯାଇଥିଲା। ପୁଣି ଗତ ଏପ୍ରିଲ ମାସରେ ସ୍ୱାସ୍ଥ୍ୟ ବିଭାଗ ଏହି ସେଲର ପୁନର୍ଗଠନ କରିଛି। ସ୍ୱାସ୍ଥ୍ୟ ବିଭଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଜିଲ୍ଲାସ୍ତରୀୟ ଆଣ୍ଟି କ୍ୱାକରୀ ସେଲ୍‌ରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ପ୍ରତିନିଧି ସମେତ ସିଡିଏମ୍‌ଓ/ପିଏଚ୍‌ଓ, ଜିଲ୍ଲା ନ୍ୟାୟିକ ସେବା ପ୍ରାଧିକରଣ ଏବଂ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍‌ର ମନୋନିତ ବ୍ୟକ୍ତି ସଦସ୍ୟ ରହିବେ ବୋଲି କୁହାଯାଇଛି। ପ୍ରାବଧାନ ଅନୁସାରେ ଜିଲ୍ଲା ସ୍ତରୀୟ ସେଲ୍ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ଫୋନ୍ କଲ୍ କିମ୍ବା ଅନ୍ୟ କୌଣସି ସୂତ୍ରରୁ ନକଲି ଡାକ୍ତରଙ୍କ ସମ୍ପର୍କରେ ସୂଚନା ପାଇଲେ ଚଢ଼ଉ କରି ତାହାର ସତ୍ୟାସତ୍ୟ ଯାଞ୍ଚ କରିବେ। ପ୍ରତି ତିନି ମାସରେ ଥରେ ଯାଞ୍ଚ, କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବା ବାଧ୍ୟତାମୂଳକ କରାଯାଇଛି। ହେଲେ ଏପରି



- ଜିଲ୍ଲାସ୍ତରୀୟ ସେଲ୍ ଗଠନ କରି କାମ ସାରିଦେଇଛି ସ୍ୱାସ୍ଥ୍ୟ ବିଭାଗ
- ଅଘଟଣ ଘଟିବା ପରେ ଲୋକଙ୍କ ଅଭିଯୋଗ କ୍ରମେ ଧରାପଡୁଛନ୍ତି

ସେଲ୍ କେତେଦୂର ନକଲି ଡାକ୍ତରଙ୍କୁ ଚିହ୍ନଟ କରୁଛି ତାହା ଏବେ ବଡ଼ ପ୍ରଶ୍ନ। କିଛି ମାସ ପୂର୍ବେ ବଲାଙ୍ଗିର, ବ୍ରହ୍ମପୁର, ରାଉରକେଲାରୁ ନକଲି ଡାକ୍ତର ଧରାପଡିଥିଲେ। ବର୍ଷ ବର୍ଷ ଧରି ସେମାନେ ଲୋକଙ୍କୁ ଚିକିତ୍ସା କରୁଥିଲେ। କିନ୍ତୁ ସେମାନଙ୍କ କଳା କାରବାର ଉପରୁ ପରଦା ହଟାଇବା ପଛରେ ସେଲ୍ ନୁହେଁ ବରଂ ସ୍ଥାନୀୟ ଲୋକଙ୍କ ହାତ ରହିଛି। ଡିସେମ୍ବର ମାସରେ ବଲାଙ୍ଗିରରେ ଭୁଲ୍ ଚିକିତ୍ସା ପାଇଁ ଜଣେ ରୋଗୀଙ୍କ ଜୀବନ ଯିବା ପରେ ପୁଲିସ ହସ୍ତକ୍ଷେପ କରିଥିଲା। ସେହିପରି ଆଉ ଜଣେ ଡାକ୍ତର ଲୋନ୍ ପାଇଁ ଆବେଦନ କରିଥିବା ବେଳେ ବ୍ୟାଙ୍କ ଯାଞ୍ଚ କରିବାରୁ ସେ ନକଲି ବୋଲି ସ୍ୱଷ୍ଟ ହୋଇଥିଲା। ଏପରି କେତେ ଯେ ଏଲୋପାଥି, ହୋମିଓପାଥି ଏବଂ ଆୟୁର୍ବେଦ ଡାକ୍ତର ଅଛନ୍ତି ତାହା କହିହେବ ନାହିଁ। କିଏ କ୍ଲିନିକ୍ ଖୋଲି ବସିଛି ତ ଆଉ କିଏ ଔଷଧ ଦୋକାନରେ ବସି ପ୍ରେସ୍‌କ୍ରିପସନ୍ ଲେଖୁଛି। ଝାରଖଣ୍ଡ, ପଶ୍ଚିମବଙ୍ଗରୁ ଆସି ଓଡିଶାରେ ରୋଗୀ ଚିକିତ୍ସା ଚଳାଇବାକୁ ସାହସ ଜୁଟାଉଛନ୍ତି। ନକଲି ଡାକ୍ତର ବୋଲି ଗିରଫ ହେବା ପରେ ବି ଜାମିନ୍‌ରେ ଆସି ପୁଣି କାରବାର ଚଳାଉଛନ୍ତି। ଅଭିଯୋଗ ଅନୁସାରେ ସେଲ୍ ଠିକ୍ ଭାବେ ଦାୟୀତ୍ୱ ନିର୍ବାହ ନ କରିବା ପଛରେ ବଡ଼ କାରଣ ହେଉଛି ଜନସାଧାରଣ ଏବଂ ସେଲ ମଧ୍ୟରେ ଥିବା ଦୂରତା। ନକଲି ଡାକ୍ତର ନେଇ ସନ୍ଦେହ ହେଲେ ଲୋକେ କାହା ପାଖରେ ଅଭିଯୋଗ କରିବେ, କାହାକୁ ଫୋନ୍ କରିବେ ତାହା ଜଣାନାହିଁ। ଅନେକ ଲୋକ ବି ସରକାରୀ ଦପ୍ତରକୁ ଯାଇ ଅଭିଯୋଗ କରିବା ପାଇଁ ପଛଘୁଞ୍ଚା ଦେଉଛନ୍ତି। ଅପରପକ୍ଷେ ସେଲ୍‌ରେ ଥିବା ସଦସ୍ୟମାନଙ୍କ ପାଖରେ କାର୍ଯ୍ୟଚାପ ଏବଂ ଅନ୍ୟ ଜରୁରୀ ଦାୟିତ୍ୱର ଅଭାବ ନାହିଁ। ଅନେକ ଜିଲ୍ଲାରେ ନକଲି ଡାକ୍ତରଙ୍କ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଆସୁଥିଲେ ମଧ୍ୟ ତାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ଅଦାଲତଙ୍କ ନିର୍ଦ୍ଦେଶରେ ଗଠନ ପରେ ଗଠନ ହେଉଥିବା ଜିଲ୍ଲାସ୍ତରୀୟ ଆଣ୍ଟି କ୍ୱାକରୀ ସେଲ କେତେଦୂର ନିଜ ଦାୟିତ୍ୱ ସମ୍ପାଦନ କରିବ ତାହା ସମୟ କହିବ। ହେଲେ ନକଲି ଡାକ୍ତରଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ସତେ ଯେପରି ଦୁରୂହ ବ୍ୟାପାର ହୋଇଛି। ଜିଲ୍ଲା ସ୍ତରୀୟ ସେଲ୍‌ର ନିଷ୍କ୍ରିୟତା ହିଁ ନକଲି ଡାକ୍ତରଙ୍କ ପ୍ରଦୁର୍ଭାବକୁ ପ୍ରଶ୍ରୟ ଦେଇ ଚାଲିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। କେବଳ କାହାର ମୃତ୍ୟୁ ହେଲେ କିମ୍ବା ଚିକିତ୍ସାରେ ଅବହେଳା ହେବା ପରେ ଯାଇ ତଦନ୍ତ ହେଉଛି ଆଉ ସେ ନକଲି ଡାକ୍ତର ବୋଲି ଜଣାପଡୁଛନ୍ତି। ବଡ଼ କଥା ହେଲା ଜିଲ୍ଲାସ୍ତରୀୟ ଆଣ୍ଟି କ୍ୱାକ୍‌ରୀ ସେଲ୍‌ର ସମୀକ୍ଷା ଠିକ୍ ଭାବେ ହେଉ ନ ଥିବା ବେଳେ କୌଣସି ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନାହିଁ।


एनटीपीसी NTPC
**ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କର୍ପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ନର୍ଥ କରନପୁରା ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ (୩×୬୬୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ :
କ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ୍ କମ୍ପାନୀ ଲିମିଟେଡ୍, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା - ୮୦୦୦୦୧
ଖ) ସାଉଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା - ୮୦୦୦୦୧
ଗ) ଝାରଖଣ୍ଡ ବିଜଳୀ ବିତରଣ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଗୋଲଚକ୍ସିପ, ଧୁର୍ୱା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡକୋ ଲିମିଟେଡ, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବ୍ଲକ୍ ଡିଜେ, ସେକ୍ଟର-୨, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
୨. ଷ୍ଟେସନର ଉତ୍ପାଦକ କ୍ଷମତା : ୧୯୮୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୧୨୭୬୩.୪୧ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରଛି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୨୦.୦୩.୨୦୨୪ (U#2)
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ :

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | | |
|---|---|---|---|---|---|---|---|
| | | 2024-25 | 2025-26 (01.04.25-30.04.2025) | 2025-26 (01.05.25-31.03.2026) | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 224799.17 | 234957.34 | 243909.49 | 317498.74 | 337164.41 | 348604.95 | 344326.66 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 1.621 | 1.554 | 1.554 | 1.608 | 1.608 | 1.608 | 1.608 |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ନର୍ଥ କରନପୁରା ସୁପର୍ ଥର୍ମାଲ ପାୱାର ପ୍ରୋଜେକ୍ଟ (୩×୬୬୦ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାଖଲ ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.)
ତାରିଖ: ୦୫.୧୨.୨୦୨୪
(ପ୍ରଶାନ୍ତ ଚତୁର୍ବେଦୀ)
ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା



ଚୌଦ୍ୱାର,୨୦।୧(ସମିସ): ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ସତ୍ୟସାଇ ବାବାଙ୍କ ପାଦୁକା ଯାତ୍ରା ଧୂମଧାମରେ ପାଳିତ ହୋଇଯାଇଛି। ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ଅବସରରେ ଏହି ଦିବ୍ୟ ପାଦୁକା ଯାତ୍ରା ପରିକ୍ରମାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ବେଳେ ପୁଟପର୍ତ୍ତି ପ୍ରଶାନ୍ତି ନୀଳୟମକୁ ଯାଇ ଭକ୍ତମାନେ ଦର୍ଶନ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବା ହେତୁ ପରିକ୍ରମା ରଥ ବାହାରି ଗତ ୧୪ ତାରିଖରେ ପହଞ୍ଚିଥିଲା। ଚୌଦ୍ୱାର ଗ୍ରାମର ବିଭିନ୍ନ ସାହି ବସ୍ତି ପରିକ୍ରମା କରିବା ପରେ ଚୌଦ୍ୱାର ପୌରପାଳିକା ଓ ବିଭିନ୍ନ ପଞ୍ଚାୟତ ଗୁଡିକରେ ବାବାଙ୍କ ପାଦୁକା ରଥ ପରିକ୍ରମା କରିଥିଲା। ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତିର ଆବାହକ ରଞ୍ଜିତ ପ୍ରଧାନଙ୍କ ନେତୃତ୍ୱରେ କଟକ ଜିଲ୍ଲା ଦାୟିତ୍ୱରେ ଥିବା ହେମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିନ୍ଦ ସେବକ ସଂଘର ସଭାପତି ଦାମୋଦର ସାହୁ, ସୁକ ଦେଇ, ମୀନାକ୍ଷୀ ପ୍ରଧାନ, ଦମୟନ୍ତୀ ଦାସ, ମମତା ରାୟ, କ୍ରତିସ୍ମିତା ମହାନ୍ତି, ସୁବାଷ ଚନ୍ଦ୍ର ପ୍ରଧାନ, ଲୋକନାଥ ରାଉତ, ନବୀନ ରାଓ, ସହଦେବ ବରାଳ, ଶାଶ୍ୱତ ରଞ୍ଜନ ପଣ୍ଡାଙ୍କ ସମେତ କର୍ମକର୍ତ୍ତାମାନେ ପାଦୁକା ଯାତ୍ରାରେ ସହଯୋଗ କରିଥିଲେ। ଚୌଦ୍ୱାରର ବିଭିନ୍ନ ଭକ୍ତମାନଙ୍କ ବାସଭବନରେ ପାଦୁକାକୁ ଭବ୍ୟ ସମ୍ବର୍ଦ୍ଧନା ସହିତ ପୂଜାର୍ଚ୍ଚନା କରାଯାଇଥିଲା।

## ପୁଷ୍ୟାଭିଷେକ ମହୋତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୨୦।୧(ସମିସ): ଶତାଧିକ ବର୍ଷର ପରମ୍ପରା କଟକ ଜିଲ୍ଲା ଟାଙ୍ଗୀରେ ହେଉଥିବା ସପ୍ତାହବ୍ୟାପି ପ୍ରସିଦ୍ଧ ପୁଷ୍ୟାଭିଷେକ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ରାଧାକୃଷ୍ଣ ସମ୍ବନ୍ଧୀୟ ରାସ, ସାହି କଳାକାରଙ୍କ ଦ୍ୱାରା ଡ୍ରାମା, ସଙ୍କୀର୍ତ୍ତନ ହେବା ସହ ମଦନମୋହନ ସାହି, ହାଟସାହି, କୋଟସାହି ଓ ମଠସାହିର ୪ଟି ମଞ୍ଚରେ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା ଧଉଳି ଗଣନାଟ୍ୟ, ସ୍ୱପ୍ନ ମହଲ, କଳିଙ୍ଗ ଗଣନାଟ୍ୟ ଓ ସୂର୍ଯ୍ୟମନ୍ଦିର ତିନି ଦିନ ଧରି ନାଟ ପରିବେଷଣ କରିଥିଲେ। ଉକ୍ତ ମହୋତ୍ସବକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଲକ୍ଷାଧିକ ଯାତ୍ରୀମାନେ ଆସିଥିବା ଜଣାପଡିଛି। ଶେଷ ଦିବସରେ କୋଟେଶ୍ୱର ସାଂସ୍କୃତିକ ଅନୁଷ୍ଠାନକୁ ବିଜେପି ସଂଗଠକ ହିମାଂଶୁ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନର ବିକାଶ ନିମନ୍ତେ ନିଜ ତରଫରୁ ପଚାଶ ହଜାର ଟଙ୍କା ପ୍ରଦାନ କରି ଅଞ୍ଚଳରେ ଚର୍ଚ୍ଚାକୁ ଆସିଥିବା ଜଣାପଡିଛି।

## ଆଠଗଡ଼ ବୟନ ମଣ୍ଡଳ ପକ୍ଷରୁ ବନ୍ଧୁମିଳନ



ତିଗିରିଆ,୨୦।୧(ସମିସ): ଆଠଗଡ ବୟନ ମଣ୍ଡଳ ପକ୍ଷରୁ ବୟନ ମଣ୍ଡଳ ଅଧୀନ ସମସ୍ତ ପଦାଧିକାରୀ ଓ ସୋସାଇଟିର ସଭାପତି, ସଂପାଦକମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା ଭଟ୍ଟାରିକାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୟନ ମଣ୍ଡଳ ସଭାପତି ସଞ୍ଜୟ କୁମାର କରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୟନ ମଣ୍ଡଳର ସମସ୍ତ ସଭାପତି, ସଂପାଦକ ତଥା ପଦାଧିକାରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ବୟନ ମଣ୍ଡଳ ପକ୍ଷରୁ ବୟନିକା ଓ ସେରିଫେଡର ସମସ୍ତ ପରିଚାଳନା ନିର୍ଦ୍ଦେଶକମାନଙ୍କୁ ବୟନ ଶିଳ୍ପ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବୟନ ମଣ୍ଡଳ ସଂପାଦକ ପ୍ରେମାନନ୍ଦ କୁଣ୍ଡୁ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟକୃଷ୍ଣ ଗୁଇଁ, ବଂଶୀଧର କୁଣ୍ଡୁ, ଗୌରାଙ୍ଗ ସାହୁ, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଖୋଲିଲା ଜିଗ୍ନୀପୁର ଧାନ ମଣ୍ଡି**

# ଅଧା ଧାନ କିଣାକୁ ନେଇ ଚାଷୀ ଅସନ୍ତୋଷ

ନିଶ୍ଚିନ୍ତକୋଇଲି,୨୦।୧(ସମିସ):



ଜିଗ୍ନୀପୁର ପଞ୍ଚାୟତ ସ୍ଥିତ ବଳଦେବଜୀଉ କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ଧାନ ମଣ୍ଡି ଖୋଲାଯିବା ପାଇଁ କଣ୍ଟାପୂଜା କରାଯାଇଛି। ସମିତିର ସମ୍ପାଦକ ମହମ୍ମଦ ଅମିନ୍ ଖାଁଙ୍କ ପୌରହିତ୍ୟରେ ସଭାପତି ଧିରେନ୍ଦ୍ରନାଥ ବେହେରା ଉକ୍ତ ମଣ୍ଡିକୁ ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସିଇଓ ଅଜୟ କୁମାର ସାହୁ ଯୋଗଦେଇଥିବାବେଳେ ନୋଡାଲ ଅଫିସର ତପୁଜା ସାମଲ, ଧାନ କ୍ରୟ କମିଟି ସଭ୍ୟ ଜଗବନ୍ଧୁ ରାଉତ, ସବ୍ୟସାଚୀ କର, ପଞ୍ଚାନନ ସାହୁ, ଭାଗ୍ୟଧର ମହାପାତ୍ର, ହେମନ୍ତ ପଣ୍ଡା, ଆରଏମସି କର୍ମଚାରୀ ଅମୂଲ୍ୟ ମଲିକ, ଡ଼ିଇଓ ମୀର ତାହେର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ଜାନୁଆରୀ ୬ ତାରିଖରେ ମଣ୍ଡି ଖୋଲିବା ପାଇଁ ସରକାର ଧାର୍ଯ୍ୟ କରିଥିବା ବେଳେ ମିଲର ଓ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦାୟିତ୍ୱହୀନତା ପାଇଁ ଏହାର ୧୪ଦିନ ପରେ ସୋମବାର ମଣ୍ଡି ଖୋଲିଥିଲା। ୭ ତାରିଖ ଠାରୁ ଟୋକନ ଧରି ବସିଥିବା ଚାଷୀମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୮ଜଣ ଚାଷୀଙ୍କ ଠାରୁ ୪୨୦ କ୍ୱିଣ୍ଟାଲ ଧାନ କିଣାଯିବା ପାଇଁ ଧାର୍ଯ୍ୟ କରାଯାଇ ଚାଷୀମାନଙ୍କୁ ଜଣାଇ ଦିଆଯାଇଥିଲା।

ଚାଷୀମାନେ ମଧ୍ୟ ମଣ୍ଡିରେ ଧାନ ଆଣି ଗଦା କରି ରଖିଥିଲେ। ଏହି ମଣ୍ଡିରୁ ଧାନ କିଣିବା ପାଇଁ ଜୟଲକ୍ଷ୍ମୀ ମିଲରକୁ ସରକାର ଦାୟିତ୍ୱ ଦେଇଥିବାବେଳେ ଆଜି ପ୍ରଥମ ଦିନରେ ବହୁ ବିଳମ୍ବରେ ମିଲର ମଣ୍ଡିରେ ପହଞ୍ଚି ୨ ଶହ କ୍ୱିଣ୍ଟାଲ ଅର୍ଥାତ୍ ଅଧା ଧାନ କିଣିଥିଲା। ଆଉ ଅଧା ଚାଷୀମାନେ ଧାନ ଓଜନ କରିବା ପାଇଁ ଜଗି ବସି ରହିଥିଲେ ମଧ୍ୟ ମିଲର ଗାଡ଼ି ନ ପଠାଇବାରୁ ଚାଷୀମାନଙ୍କର ଧାନ ନ ଯାଇ ପାରି ମଣ୍ଡିରେ ପଡ଼ିରହିଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଷୀମାନଙ୍କର ଟୋକନ ଅବଧି ଏକମାସ ସମୟ ହୋଇଥିବାବେଳେ ୨୦ଦିନ ପରେ ମଣ୍ଡି ଖୋଲାଯାଇଥିବାରୁ ଆଉ ୮ଦିନ ପରେ ବହୁ ଚାଷୀଙ୍କର ଟୋକନ ରଦ୍ଦ ହେବାର ଆଶଙ୍କା ପ୍ରକାଶ ପାଇଛି। ମିଲର ଅଧିକ ଗାଡ଼ି ପଠାଇଲେ ସମିତି ପକ୍ଷରୁ ବ୍ୟବସ୍ଥିତ କରାଯାଇ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣାଯିବାର ସୁବିଧା ହୋଇପାରିବ ବୋଲି ସଭାପତି ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଟୋକନ ପାଇଥିବା ଚାଷୀମାନଙ୍କ ଠାରୁ ମିଲର ଯଥାଶୀଘ୍ର ଅବଧି ସମୟ ମଧ୍ୟରେ ଧାନ କ୍ରୟ କରି ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଆଦର୍ଶ ଗ୍ରାମ କାର୍ଯ୍ୟ ପାଇଁ ବିଧାୟକଙ୍କ ବୈଠକ

ନିଶ୍ଚିନ୍ତକୋଇଲି,୨୦।୧(ସମିସ): ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ନିଶ୍ଚିନ୍ତକୋଇଲି ବ୍ଲକ ଜମରା ପଞ୍ଚାୟତ ବିଷମପଡ଼ା ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି। ଦୀର୍ଘଦିନ ହେବ ଏହି ଆଦର୍ଶ ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୩୪ ଲକ୍ଷ ଟଙ୍କା କେନ୍ଦ୍ର ସରକାରଙ୍କ ଅନୁଦାନ ଯୋଗାଇ ଦିଆଯାଇଥିଲା ବେଳେ ଗ୍ରାମବାସୀମାନଙ୍କ ଅସହଯୋଗ ପାଇଁ କାର୍ଯ୍ୟକ୍ରମ ହୋଇପାରୁ ନ ଥିଲା। ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଗ୍ରାମକୁ ଯାଇ ଏକ ବୈଠକ ଡ଼କାଇ ଗ୍ରାମବାସୀମାନଙ୍କୁ ବୁଝାସୁଝା କରିବା ପରେ ସେମାନଙ୍କ ମଧ୍ୟରେ ରହିଥିବା ମନୋମାଳିନ ଦୂର ହୋଇଥିଲା। ଯାହାଦ୍ୱାରା ଏହି ଗ୍ରାମରେ ସମସ୍ତ ଗ୍ରାମବାସୀମାନଙ୍କ ସହଯୋଗରେ ଆଦର୍ଶ ଗ୍ରାମ ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିବା ୩୪ଲକ୍ଷ ଟଙ୍କାରେ ୯ଟି ବିଭିନ୍ନ ପ୍ରକଳ୍ପ ହେବା ପାଇଁ ବିଧାୟକଙ୍କ ଦ୍ୱାରା ସ୍ଥିର ହୋଇଛି। ଏହି ପ୍ରକଳ୍ପ ମଧ୍ୟରେ ୪ଟି କଂକ୍ରିଟ ରାସ୍ତା, ଗୋଟିଏ ଡ୍ରେରନ୍, ଦୁଇଟି ଗୋଷ୍ଠୀ ପାଇଖାନା, ଗୋଟିଏ



ସ୍କୁଲ ଗେଟ, ଗୋଟିଏ ପ୍ରାଥମିକ ସ୍କୁଲ ଘର ଏବଂ ଗୋଟିଏ ଅଙ୍ଗନବାଡ଼ି ଘର ନିର୍ମାଣ କରାଯିବା ପାଇଁ ଗ୍ରାମବାସୀମାନଙ୍କ ଉପସ୍ଥିତିରେ ସ୍ଥିର ହୋଇଛି। ଖୁବ୍‌ଶୀଘ୍ର ଏହି ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକ ଶ୍ରୀ ପ୍ରଧାନ ଉପସ୍ଥିତ ଥିବା ବ୍ଲକ ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ଓ କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବିଧାୟକଙ୍କ ଦ୍ୱାରା ଗ୍ରାମବାସୀମାନଙ୍କ ମଧ୍ୟରେ ରହିଥିବା ମନୋମାଳିନର ସ୍ଥାୟୀ ସମାଧାନ ହୋଇଥିବାରୁ ସମସ୍ତ ଗ୍ରାମବାସୀ ବିଧାୟକଙ୍କୁ ସାଧୁବାଦ ଜଣାଇଥିଲେ। ଏହି ବୈଠକରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାଜକିଶୋର ଶାସ୍ତ୍ରୀ, ସୁରେନ୍ଦ୍ରନାଥ ଜେନା, ରାଜେନ୍ଦ୍ର ଲେଙ୍କା, ଉତ୍ସବ ମହାପାତ୍ରଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜମିଜମାକୁ କେନ୍ଦ୍ରକରି ଗଣ୍ଡଗୋଳ; ଥାନାରେ ଅଭିଯୋଗ

ସାଲେପୁର,୨୦।୧(ସମିସ): ସେଲୁନ୍ ଓ ଏକ ଆଜ୍‌ବେଷ୍ଟସ୍ ଘରକୁ ବଳପୂର୍ବକ ଭଙ୍ଗାଯିବା ନେଇ ଜପକୁଦ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଏ ନେଇ ସାଲେପୁର ଥାନାରେ ୨ଟି ଅଭିଯୋଗ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ଜପକୁଦ ନିକଟରେ ଥିବା ଅମରେନ୍ଦ୍ର ବାରିକଙ୍କ ଏକ ସେଲୁନ୍ ଦୋକାନ ଓ ଏହାକୁ ଲାଗିଥିବା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଏକ ଆଜ୍‌ବେଷ୍ଟସ ଘରକୁ ନେତ୍ରାନନ୍ଦ ଓ ତାଙ୍କର ସହଯୋଗୀ ଭାଙ୍ଗିଦେଇଥିବା ନେଇ ପୂର୍ଣ୍ଣଚନ୍ଦ୍ର ଓ ଅମରେନ୍ଦ୍ର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଅମରେନ୍ଦ୍ରଙ୍କ ଏକ ସେଲୁନ୍ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ସେହିପରି ପୂର୍ଣ୍ଣଚନ୍ଦ୍ର ଏକ ଆଜ୍‌ବେଷ୍ଟସ୍ ଘର ସ୍ଥାପନ କରି ସେଠାରେ ମା'କାଳୀଙ୍କ ପ୍ରତିମୂର୍ତ୍ତି ରଖି ପୂଜାର୍ଚ୍ଚନା କରୁଥିଲେ। ପୂର୍ଣ୍ଣଚନ୍ଦ୍ର ଓ ଅମରେନ୍ଦ୍ର ଉକ୍ତ ଜାଗାକୁ ସରକାରୀ ଜାଗା ବୋଲି ଦର୍ଶାଉଥିବାବେଳେ କିନ୍ତୁ ନେତ୍ରାନନ୍ଦ ଉକ୍ତ ଜାଗାକୁ ୨୦୨୩ ମସିହାରେ କ୍ରୟ କରିଛନ୍ତି ଓ ତାଙ୍କ ପାଖରେ ତାହାର ପଟ୍ଟା ରହିଥିବା ସେ ଦାବି କରିଛନ୍ତି। ପଟ୍ଟାକୁ ଆଧାର କରି ନେତ୍ରାନନ୍ଦ ଭୋଇଙ୍କ ଓ ତାଙ୍କ ପତ୍ନୀ ପୁଷ୍ପା ଭୋଇ ଉକ୍ତ ସ୍ଥାନରୁ ଅଳିଆ ଆବର୍ଜନା ସଫା କରୁଥିବାବେଳେ ପୂର୍ଣ୍ଣଚନ୍ଦ୍ର ଓ ଅମରେନ୍ଦ୍ର ତାଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିବାକୁ ଉଦ୍ୟମ କରିଥିବା ନେଇ ପୁଷ୍ପାଭୋଇ ସାଲେପୁର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଜପକୁଦ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ପୁଲିସ ପକ୍ଷରୁ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚାଲୁ ରଖିଥିବାବେଳେ ଅଦ୍ୟାବଧି ସାଲେପୁର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସାଲେପୁର ଆଇଆଇସି ମନୋଜ ସ୍ୱାଇଁ ପ୍ରକାଶ କରିଛନ୍ତି।

## ପାଚିକା-ସହାୟିକା ସଂଘର ବିକ୍ଷୋଭ

ଟାଙ୍ଗୀ,୨୦।୧(ସମିସ): ବର୍ଷକୁ ୧୨ ମାସର ଦରମା ଓ ପାଉଣା ବୃଦ୍ଧି ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ, ଟାଙ୍ଗୀ-ଚୌଦ୍ୱାର ଶାଖା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁ



ଅନୁବନ୍ଧିତ ଉକ୍ତ ସଂଘ ବ୍ଲକ ମୁଖ୍ୟାଳୟ ଟାଙ୍ଗୀସ୍ଥିତ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ସଭାପତି ବିଷ୍ଣୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାନେତ୍ରୀ ପୁଷ୍ପା ଦାଶ, କଟକ ଜିଲ୍ଲା ସମ୍ପାଦକ ଅଭୟ ସ୍ୱାଇଁ, ବରିଷ୍ଠ ନେତା ପିତାମ୍ବର ଲେଙ୍କା ଓ ରମେଶ ବେହେରା ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ଅଂଶୁମାନ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ତିଗିରିଆ,୨୦।୧(ସମିସ): ତିଗିରିଆ ବ୍ଲକ ସଦର ମହକୁମା ମୁନ୍‌ଲାଇଟ ପଡିଆରେ ସୋମବାର ୮ମ ଅଂଶୁମାନ ମେମୋରିଆଲ

### ସୁରପ୍ରତାପ ଢେଙ୍କାନାଳକୁ ହରାଇ ସେମିରେ କୁମାରବସ୍ତ ଖୋର୍ଦ୍ଧା



ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ମ୍ୟାଚ୍‌ରେ ଢେଙ୍କାନାଳର ସୁରପ୍ରତାପ କ୍ରିକେଟ ଟିମକୁ ବିପକ୍ଷ ଖୋର୍ଦ୍ଧାର କୁମାରବସ୍ତ ଫୁଟବଲ ଟିମ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଟସ ଜିଣି ପ୍ରଥମେ ସୁରପ୍ରତାପ ଦଳ ବୋଲିଂ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲା। ଏଥିରେ କୁମାରବସ୍ତ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୨୪୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏସଆର ରାୟ ୪୨ ବଲ୍‌ରେ ୮୦ରନ ଓ ଆଇଏସ ଗିରି ୩୩ ବଲରେ ୭୪ ରନ୍ ସଂଗ୍ରହ କରିଥିଲେ। ୨୪୬ ରନର ପିଛା କରି ସୁରପ୍ରତାପ ଦଳ ୧୯.୨ ଓଭରରେ ନିଜର ସମସ୍ତ ୱିକେଟ ହରାଇ ପରାଜୟ ବରଣ କରିଥିଲା। ଆଜିର ଖେଳରେ ସମାଜସେବୀ ସୁନିଲ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କୁମାରବସ୍ତ ଦଳର ଖେଳାଳି ଅସୀମାନନ୍ଦ ଦଳବେହେରା ୧୨ ବଲରେ ୨୬ ରନ୍ ସଂଗ୍ରହ କରିବା ସହ ୪ ଓଭରରେ ୧୩ ରନ ଦେଇ ୬ଟି ମୂଲ୍ୟବାନ ୱିକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ଞାନୋଦୟ ମିଶ୍ର ଓ ଉଦିତ୍ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଆଜିର ଖେଳରେ ସୌମ୍ୟରଞ୍ଜନ ରାଉତ ଧାରାବିବରଣୀ ପ୍ରଦାନ କରିଥିଲେ।

**ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ**

# ଲକ୍ଷ୍ମୀନାରାୟଣ ଥିଲେ ନିସ୍ୱାର୍ଥ ସେବାର ପ୍ରତୀକ

ଚୌଦ୍ୱାର,୨୦।୧(ସମିସ):

ସର୍ବଭାରତୀୟ ସେବା ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୨ତମ ଶ୍ରାଦ୍ଧୋତ୍ସବ ଓ ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରହିତ୍ୟରେ ଶିଶୁ ସଦନସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କୁ ନିସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଅଭିହିତ କରି ପରାଧୀନ ଭାରତରେ ଇଂରେଜ ଶାସନ କାଳରେ ଲକ୍ଷ୍ମୀନାରାୟଣ ସାହୁ ସେବା କ୍ଷେତ୍ରରେ ଓଡ଼ିଶା ଭୂଖଣ୍ଡର ଆଖି ଖୋଲିଥିଲେ ବୋଲି ପ୍ରକାଶ କରିଥିଲେ। କଟକ ମହାନଗର ନିଗମ ମେୟର ସୁବାସ ସିଂ ଓ ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ




ସ୍ୱର୍ଣ୍ଣପ୍ରଭା ସାମଲ ଏଥିରେ ଅତିଥିଭାବେ ଯୋଗଦେଇଥିଲେ।

ଶିଶୁ ସଦନର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସ୍ୱର୍ଣ୍ଣ ଶଂଖ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁ ଓ ଶିଶୁରୋଗ ବିଶେଷଜ୍ଞ ଡା. ଏସ୍.ଏନ୍ ପରିଡ଼ାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାରାଦିନ ବ୍ୟାପି ଅନୁଷ୍ଠିତ ଆନ୍ତଃବିଦ୍ୟାଳୟ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧ ସଂଗୀତ, ହସ୍ତକଳା ଆଦି ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ ଏବଂ ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଦେଇଥିଲେ। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଅତିଥି ଭାବେ ଯୋଗଦେଇ ପ୍ରଭାତରେ ଆୟୋଜିତ ଶିଶୁ ସମାରୋହର ଉଦ୍‌ଘାଟନ କରିଥିଲେ। ମଧ୍ୟାହ୍ନରେ କେନ୍ଦ୍ରର ମୁଖ୍ୟ ଦାମୋଦର ସାହୁ ଶତାଧିକ ଦୂରାରୋଗୀ ଓ ନିଃସହାୟଙ୍କୁ ପୂଜାର୍ଚ୍ଚନା ସହିତ ଅନ୍ନ ଓ ବସ୍ତ୍ର ବଣ୍ଟନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ସାହିତ୍ୟିକା ପ୍ରଫେସର ସୁଲୋଚନା ଦାସ, ଲକ୍ଷ୍ମୀନାରାୟଣ ସ୍ମୃତି କମିଟି ସଭାପତି ବିଜୟାନନ୍ଦ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଲକ୍ଷ୍ମୀନାରାୟଣଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ। ଶିଶୁ ସଦନର ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳକ ସୀମନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ଦାସ, ମନୋରଞ୍ଜନ ପାଲ, ଅମୀୟ ସେଠୀ, ପରେଶ ରଞ୍ଜନ ଓଝା, ଅଲେଖ ଚନ୍ଦ୍ର ମଲ୍ଲିକ, ମଧୁସ୍ମିତା ମଲ୍ଲ, ବନ୍ଦନା ମହାନ୍ତିଙ୍କ ସମେତ ଚୌଦ୍ୱାର କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

■ କେବେ ଆସିବେ ଗୋବିନ୍ଦପୁର ଥାନାକୁ ନୂଆ ଅଧିକାରୀ

## ୪ ମାସ ହେଲା ଖାଲିପଡ଼ିଛି ପଦ

କଣ୍ଟାପଡା,୨୦।୧(ସମିସ): ବହୁ ପୁରାତନ ବ୍ରିଟିଶ ଅମଳର ଗୋବିନ୍ଦପୁର ଥାନା ଏବେ ଅବହେଳିତ ହୋଇପଡୁଥିବା ଲକ୍ଷ୍ୟ କରାଯାଉଛି। ଯଦିଓ ସରକାରଙ୍କ ନୂଆ ନିୟମରେ ଏହି ଥାନାରେ ଆଇଆଇସି ପଦ ପୂରଣ କରାଯାଇଥିଲା ତେବେ ସଂପ୍ରତି ପ୍ରାୟ ୪ ମାସ ହେବ ଏଠାରେ ଥାନା ଅଧିକାରୀ ପଦ ଖାଲି ପଡିଛି। ପୁରୁଣା ଅଧିକାରୀଙ୍କ ବଦଳି ପରେ ଏଠାରେ ଅଦ୍ୟାବଧି ନୂଆ ନିଯୁକ୍ତି ଦିଆଯାଉନାହିଁ। ଏହା ପଛରେ କି କାରଣ ରହିଛି ଯଦିଓ ତାହା ଜଣାପଡୁନାହିଁ ତେବେ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତ ଦିନକୁ ଦିନ ବିଗିଡିବାକୁ ବସିଲାଣି। ଏପରିସ୍ଥଳେ ଏହି ଥାନାରେ ତୁରନ୍ତ ଜଣେ ଦକ୍ଷ ଥାନା ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାକୁ ସାଧାରଣରେ ଦାବି ହେଉଛି। ଗୋବିନ୍ଦପୁର ଥାନ ଅଧୀନରେ କଣ୍ଟାପଡା ବ୍ଲକର ୧୧ଟି ପଞ୍ଚାୟତ ରହିଛି। ସେଥିମଧ୍ୟରୁ ଦେବୀ ଓ କନ୍ଦଳ ନଦୀ ପୂର୍ବପଟେ ମଧ୍ୟ ଅନେକ ପଞ୍ଚାୟତର କିଛି ଅଞ୍ଚଳ ରହିଛି। ଏତଦ୍ ବ୍ୟତିତ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ମଧ୍ୟରେ ପାଞ୍ଚଟି ପଞ୍ଚାୟତର ବିସ୍ତୃତ ଅଞ୍ଚଳ ଏହି ଥାନା ଅଧୀନରେ ରହିଛି। ବିଶେଷ କରି ଏହି ଅଞ୍ଚଳରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ସେହିପରି ବ୍ୟାପକ ଚୋରା ନିଶାଦ୍ରବ୍ୟର ପେଣ୍ଠସ୍ଥଳି ପାଲଟିଛି ଏହି ଅଞ୍ଚଳ। ଯଦିଓ ନିଆଳୀ ଥାନା ଅଧିକାରୀ ଏହି ଥାନାକୁ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ତେବେ ନିଆଳି ଅଞ୍ଚଳ ମଧ୍ୟ କିଛି କମ୍ ନୁହେଁ। ଯେଉଁଥି ପାଇଁ ନିଜ ଥାନାଞ୍ଚଳକୁ ପ୍ରାଧାନ୍ୟ ଦେଇ ଗୋବିନ୍ଦପୁର ଥାନାଞ୍ଚଳ ବୁଝିବା ସେ ମହାଶୟଙ୍କ ପାଇଁ ମଧ୍ୟ କଷ୍ଟସାଧ ହୋଇପଡୁଛି। ଏପରିସ୍ଥଳେ କିଛି ଦଲାଲ ଏବେ ସକ୍ରିୟ ହୋଇପଡିଛନ୍ତି। ବିଭିନ୍ନ ଘଟଣାରେ ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇ ହଇରାଣ ହରକତ କରୁଥିବା ଘଟଣା ସାମ୍ନାକୁ ଆସିଲାଣି। ଏଣୁ ଗୋବିନ୍ଦପୁର ଥାନରେ ତୁରନ୍ତ ଥାନା ଅଧିକାରୀ ନିଯୁକ୍ତି କରାଯିବାକୁ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ୨୪ରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ସର୍ଭେ

**ଭୁବନେଶ୍ୱର,୨୦।୧(ସମିସ):** ଆଉ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଥିବା ଘରେ ବିଜୁ ପକ୍କାଘର ଲୋଗୋ ରହିବ ନାହିଁ। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପୂର୍ବ ସରକାରଙ୍କ ଏହି ଯୋଜନା ପାଇଁ ଆଉ ଅର୍ଥ ବ୍ୟୟ ବରାଦ କରାଯାଇ ନ ଥିବା ବେଳେ ଏବେ ଏହି ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଆଉ କୌଣସି ସରକାରୀ ଯୋଜନାରେ ନିର୍ମାଣ ହେଉଥିବା ଘରେ ବିଜୁ ପକ୍କାଘର ଲୋଗୋ ରହିବ ନାହିଁ ବୋଲି ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜୁ ପକ୍କାଘର ଲୋକ ରହିବାକୁ ନେଇ ଅନେକ ସମୟରେ ବିବାଦ ଦେଖା ଦେଇଛି। ବିରୋଧୀ ଦଳରେ ଥିବା ସମୟରେ ବିଜେପି ଏହାକୁ ବିରୋଧ କରୁଥିବା ବେଳେ ତତ୍କାଳୀନ ସରକାରୀ ଦଳ ବିଜେଡି ଏହା ପଛର କାରଣ ମଧ୍ୟ ଦର୍ଶାଇଛି। ମାତ୍ର ଏବେ ସରକାର ପରିବର୍ତ୍ତନ ସହ ବିଜୁ ଲୋଗକୁ ଲୋକଙ୍କ କାନ୍ଥରୁ ହଟାଇ ଦେବା ପାଇଁ ଯୋଜନା ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ରାଜ୍ୟରେ ନୂଆ ସରକାର ଆସନ୍ତା ୨୪ ତାରିଖରେ ଆବାସ ପୋର୍ଟାଲର ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି। ଫଳରେ ୨୪ ତାରିଖରୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ସର୍ଭେ ଆରମ୍ଭ ହେବ। ଉଭୟ ଅଫଲାଇନ୍ ଏବଂ ଅନଲାଇନ୍ ଜରିଆରେ ହିତାଧିକାରୀ ଆବେଦନ କରିପାରିବେ।

## ପ୍ରସଙ୍ଗ ଲୁଚାଇବାକୁ ନୀଲ୍-ହଂସ ମୋହରା

**ଭୁବନେଶ୍ୱର,୨୦।୧(ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ପ୍ରତିଦିନ ଏକାଧିକ ନାରୀ ବିରୋଧୀ ହିଂସା, ନିର୍ଯାତନାଠାରୁ ଆରମ୍ଭ କରି ହତ୍ୟା, ସାଇବର ଡକାୟତି ରାଜ୍ୟର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି ଆଇନଶୃଙ୍ଖଳା ନୁହେଁ; ଚାଷୀ ଆତ୍ମହତ୍ୟା ପରି ସଂଗୀନ ଓ ସ୍ପର୍ଶକାତର ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ସରକାର ଏକପ୍ରକାର ଅସହାୟ ହୋଇପଡ଼ିଛନ୍ତି।



ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ପ୍ରବଳ ସମାଲୋଚନା କରାଯାଉଛି। ଏପରି ସମ୍ବେଦନଶୀଳ ଏବଂ ଚିନ୍ତାଜନକ ପ୍ରସଙ୍ଗରୁ ଲୋକଙ୍କ ନଜର ଏଡ଼ାଇ ସରକାରଙ୍କ ରୋଷରୁ ବର୍ତ୍ତିବା ପାଇଁ ଯୋଜନାବଦ୍ଧ ଭାବେ ନୀଲ-ହଂସ (ଅନୀଲ ମହାନ୍ତି ଏବଂ ହଂସିତା ଅଭିଲିପ୍ସା) ପ୍ରସଙ୍ଗରେ ପୁଲିସ ପ୍ରତିଦିନ ଗଣମାଧ୍ୟମ ଆଗରେ ନୂଆ ନୂଆ କାହାଣୀ ବର୍ଣ୍ଣନା କରୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଠକେଇ ଅଭିଯୋଗରେ ହଂସିତା ଓ ଅନୀଲଙ୍କ ଗିରଫକୁ ୩ ସପ୍ତାହ ବିତି ଗଲାଣି। ତଥ୍ୟ ହାସଲ ପାଇଁ ଦୁଇଜଣଙ୍କୁ ଦିନିକିଆ ରିମାଣ୍ଡରେ ଆଣି ଜେରା କରିଛି କମିସନରେଟ ପୁଲିସ। ଜେରାରୁ ହାସଲ ତଥ୍ୟ ଆଧାରରେ ସେମାନଙ୍କ ନାମରେ ଠକେଇ ଓ ବ୍ଲାକମେଲିଂ, ଆଇଟିପିଏ ଆକ୍ଟ (ମାନବ ଚାଲାଣ) ଓ ନାମ ପରିବର୍ତ୍ତନ କରି ପାସ୍‌ପୋର୍ଟ ହାତେଇବା ଭଳି ୩ଟି ମାମଲା ରୁଜୁ କରାଯାଇଛି। ଇତିମଧ୍ୟରେ ଦୁଇଜଣଙ୍କ ପକ୍ଷରୁ ନିମ୍ନ ଅଦାଲତରେ ହୋଇଥିବା ଜାମିନ ଆବେଦନ ମଧ୍ୟ ବିଚାରାଧୀନ ଅଛି। ତଦନ୍ତ ଓ ଜେରାରୁ ମିଳିଥିବା ତଥ୍ୟ ଭିତ୍ତିରେ

**■ ରାଜ୍ୟରେ ବଢୁଛି ନାରୀ ବିରୋଧୀ ହିଂସା**
**■ ସୀମା ଟପୁଛି ହତ୍ୟା; ବିଗୁଡୁଛି ଆଇନଶୃଙ୍ଖଳା**

ପୁଲିସ କୋର୍ଟରେ ରିପୋର୍ଟ ଦାଖଲ କରିଛି। ବୁଦ୍ଧିଜୀବୀଙ୍କ କହିବା କଥା ହେଲା, ହଂସିତା ଓ ଅନୀଲଙ୍କୁ ଜେରା ଏବଂ ତଦନ୍ତ ବେଳେ ଯେଉଁ ତଥ୍ୟ ମିଳିଲା, ସେ ସଂପର୍କରେ ପୁଲିସ ଅଧିକାରୀ ଗଣମାଧ୍ୟମ ଆଗରେ ଏକାଥରକେ କହିପାରିଥା'ନ୍ତେ। ତାହା ନ କରି ପ୍ରତିଦିନ ସେହି ପୁରୁଣା ତଥ୍ୟରୁ ଗୋଟିଏ ଗୋଟିଏ ଖିଅ ବାହାର କରି ଗଣମାଧ୍ୟମକୁ ସୂଚନା ଦେଉଛି। ପ୍ରତିଦିନ ପ୍ରକାଶ ପାଉଥିବା ଖବରରେ କିଛି ନୂଆ ତଥ୍ୟ ସାମ୍ନାକୁ ଆସୁନାହିଁ। ମାମଲା ସଂଖ୍ୟା ବଢୁ ନ ଥିବା ବେଳେ ପୁଲିସ ଟାଣିଓଟାରି ପ୍ରସଙ୍ଗରେ ଯୋଡ଼ିବାକୁ ଉଦ୍ୟମ କରୁଛି। ତେଣୁ ହଂସିତା ଓ ଅନୀଲଙ୍କୁ ମୋହରା କରି ରାଜ୍ୟବ୍ୟାପୀ ଘଟୁଥିବା ଅନେକ ପ୍ରସଙ୍ଗ ଉପରୁ ଲୋକଙ୍କ ଦୃଷ୍ଟି ହଟାଇବାକୁ ପୁଲିସର ଏହା ସୁଚିନ୍ତିତ ଯୋଜନା ବୋଲି ଚର୍ଚ୍ଚା ହେଉଛି।

ବୁଦ୍ଧିଜୀବୀ ମହଲର ମତ ଅନୁସାରେ, ରାଜ୍ୟର ବିଭିନ୍ନ ସ୍ଥାନ ସହିତ ରାଜଧାନୀରେ ମଧ୍ୟ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଗଲାଣି। ପୁଲିସ ଉପରେ ଅପରାଧୀମାନେ ଭାରୀ ପଡ଼ିଛନ୍ତି। ରାଜ୍ୟରେ ନାରୀ ବିରୋଧୀ ହିଂସା ସର୍ବାଗ୍ରେ ରହିଛି। ଅପହରଣ, ହତ୍ୟା, ଗଣଦୁଷ୍କର୍ମ ଭଳି ଅନେକ ଘଟଣା ଘଟୁଥିବା ବେଳେ ହଂସିତା ଓ ଅନୀଲ ପଛରେ ପଡ଼ିଯାଇଛି କମିସନରେଟ ପୁଲିସ। ନିକଟ ଅତୀତରେ ବରଗଡ଼ ଧନୁଯାତ୍ରା ଦେଖି ଯାଇଥିବା ଜଣେ ଯୁବତୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରୁ ଉଦ୍ଧାର କରାଯିବା ଘଟଣାରେ ପଶ୍ଚିମ ଓଡ଼ିଶା ଉଠୁଛି ପଡୁଛି। ସମ୍ପୃକ୍ତ ପୀଡିତାଙ୍କୁ ଅପହରଣ କରି ଗଣଦୁଷ୍କର୍ମ କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ପୀଡ଼ିତା ଏବେ ସଙ୍କଟାପନ୍ନ ଅବସ୍ଥାରେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ସେହିପରି ରାଉରକେଲା ବ୍ରାହ୍ମଣୀ ନଦୀରୁ ସୁନ୍ଦରଗଡ଼ରୁ ନିଖୋଜ ଜଣେ ନାବାଳିକାର ଖଣ୍ଡବିଖଣ୍ଡିତ ମୃତଦେହ ମିଳିଛି। ଗୋଟିଏ ସ୍ଥାନରେ କଟା ହାତ-ଗୋଡ, ଆଉ ଗୋଟିଏ ସ୍ଥାନରେ ବସ୍ତାରେ ବନ୍ଧା ମୃତଦେହ ଏବଂ କଟା ମୁଣ୍ଡ ମିଳିଥିଲା। ଏକ ପକ୍ସୋ ମାମଲାରେ ଜେଲ୍ ଯାଇଥିବା ଅଭିଯୁକ୍ତ ଜାମିନରେ ଆସି ଏଭଳି ବର୍ବର କାଣ୍ଡ ଘଟାଇଥିଲା। ସେହିପରି ଭୁବନେଶ୍ୱର ରସୁଲଗଡ଼ ଛକରେ 'ପୁଲିସ ମିତ୍ର' ସହଦେବ ନାୟକଙ୍କୁ ଦୁର୍ବୃତ୍ତମାନେ ସ୍ପଷ୍ଟ ଦିବାଲୋକରେ ଜାତୀୟ ରାଜପଥ ଉପରେ ଅତି ବୀଭତ୍ସ ଭାବେ ହତ୍ୟା କଲେ। ହତ୍ୟାକାଣ୍ଡ ପଛରେ ରାଜନୈତିକ ଅଭିସନ୍ଧି ଥିବା ଅଭିଯୋଗ ଆସିଥିଲେ ହେଁ ପୁଲିସ ତରବରିଆ ଭାବେ ୫ଜଣଙ୍କୁ ଗିରଫ କରି ବସିଗଲା। ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମା' ଓ ପୁଅ ସମେତ ୩ଜଣ ଏବେ ବି ଫେରାର୍ ଅଛନ୍ତି।

ସମାନ ଭାବେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାଶୋଇ ଗାଁ ଦାଣ୍ଡରେ ରାକେଶ ସେଠୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଗଲା। ତାଙ୍କ ହାତ, ଗୋଡ ଓ ମୁଣ୍ଡ କାଟି ଦୁର୍ବୃତ୍ତ ଅଲଗା ଅଲଗା କରି ଦେଲେ। ରାଜ୍ୟର ଆଇନଶୃଙ୍ଖଳା ଏହି ସ୍ଥିତିରେ ଥିବାବେଳେ ହଂସିତା-ଅନୀଲଙ୍କ କାହାଣୀକୁ ଲମ୍ବା କରୁଛି ପୁଲିସ। ପ୍ରତିଦିନ ନୀଲ-ହଂସଙ୍କ କଳା ସାମ୍ରାଜ୍ୟର ଗୁମର ଗଣମାଧ୍ୟମର ଶିରୋନାମା ପାଲଟୁଛି ବୋଲି ବୁଦ୍ଧିଜୀବୀ ମହଲ ମତ ବାଢ଼ିଛି।

## ରାଜ୍ୟ କର୍ମଚାରୀଙ୍କ ପ୍ରଦର୍ଶନ ଉପରେ ରହିବ କେନ୍ଦ୍ରର ନଜର

**ଭୁବନେଶ୍ୱର, ୨୦।୧(ସମିସ):** ଓଡ଼ିଶାରେ ସରକାର ବଦଳିବା ପରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହି ପରିବର୍ତ୍ତିତ ଧାରାରେ ସାମିଲ ହୋଇଛି ରାଜ୍ୟ ସରକାରଙ୍କ ବାର୍ଷିକ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟ ଦାଖଲ ପାଇଁ ଉଦ୍ଦିଷ୍ଟ ପୋର୍ଟାଲ ଏଚ୍‌ଆରଏମ୍‌ଏସ୍। ଏଣିକି ଏହା କେନ୍ଦ୍ର ସରକାରଙ୍କ ଆଇ-ଜିଓଟି କର୍ମଯୋଗୀ ଭାରତ। ସମସ୍ତ ସରକାରୀ କର୍ମଚାରୀଙ୍କୁ କର୍ମଯୋଗୀ ଭାବେ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଅର୍ଥ ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ଶାସନ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି, ଜିଲ୍ଲାପାଳ ମାନଙ୍କୁ ପତ୍ର ଲେଖି କୁହାଯାଇଛି ଯେ ୨୦୨୫-୨୬ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଗ୍ରୁପ୍-ଏ ଏବଂ ଗ୍ରୁପ୍-ବି ଅଧିକାରୀମାନେ ଦାଖଲ କରିବାକୁ ଥିବା

**■ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ ସହ ଯୋଡ଼ି ହେଲା ଆଇ-ଜିଓଟି କର୍ମଯୋଗୀ**
**■ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ରହିବ ପ୍ରଶିକ୍ଷଣ ମାର୍କ**

ବାର୍ଷିକ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଆଇଜିଓଟି କର୍ମଯୋଗୀ ମାନଦଣ୍ଡ ଯୋଡ଼ାଯିବ। ସେଥିପାଇଁ ସମସ୍ତ ଅଧିକାରୀମାନଙ୍କ ପାଇଁ ଆଇ-ଜିଓଟି ବାବଦରେ ସର୍ବନିମ୍ନ ୨୦ ଘଣ୍ଟାର ଅନ୍‌ଲାଇନ୍ ପ୍ରଶିକ୍ଷଣ ନେବା ଜରୁରୀ ହେବ। ସଫଳତାର ସହ ୪ ଘଣ୍ଟା ପ୍ରଶିକ୍ଷଣ ଶେଷ କଲେ ୪ ମାର୍କ, ୮ ଘଣ୍ଟା ପ୍ରଶିକ୍ଷଣ ପାଇଁ ୨ ମାର୍କ, ୧୨ ଘଣ୍ଟା ପାଇଁ ୩ ମାର୍କ, ୧୬ ଘଣ୍ଟା ପାଇଁ ୪ ମାର୍କ ଏବଂ ୨୦ ଘଣ୍ଟା ପ୍ରଶିକ୍ଷଣ ସମାପ୍ତ କରିଥିବା ଅଧିକାରୀଙ୍କୁ ୫ ମାର୍କ ମିଳିବ। ଏହି ମାର୍କ ଅଧିକାରୀମାନଙ୍କ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଉଲ୍ଲେଖ ରହିବା ଆବଶ୍ୟକ ବୋଲି କୁହାଯାଇଛି। ଏହି ମାର୍କ ବ୍ୟବସ୍ଥା ସରକାର ନୂତନ ଭାବେ ଲାଗୁ କରିଛନ୍ତି। ଅର୍ଥାତ୍ ରାଜ୍ୟ ସରକାରଙ୍କର କେଉଁ ଅଧିକାରୀଙ୍କ ପ୍ରଦର୍ଶନ କେମିତି ରହିଛି, ତାହା ଉପରେ କେନ୍ଦ୍ର ସରକାରଙ୍କ ନଜର ରହିବ। ଅପରପକ୍ଷେ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ପୂର୍ବରୁ ଥିବା ମୋ ସରକାର ଏବଂ ୫-ଟି ଉପକ୍ରମ ଲୋଗୋ ହଟାଇ ଦିଆଯାଇଛି। ଏହା ଜରିଆରେ ସମ୍ପୃକ୍ତ ଅଧିକାରୀଙ୍କ ସମ୍ପର୍କରେ ସେବା ଗ୍ରହଣକାରୀ କ'ଣ ମନ୍ତବ୍ୟ ଦେଇଛନ୍ତି, ସେ କେତେଦୂର ସେବା ଯୋଗାଇବାରେ ସଫଳ ହୋଇଛନ୍ତି, ତାଙ୍କ ବିରୋଧରେ କିଛି ଅଭିଯୋଗ ରହିଛି କି ନାହିଁ ତାହା ସରକାର ଜାଣିପାରୁଥିଲେ। ଏଚ୍‌ଆରଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ସରକାରୀ କର୍ମଚାରୀମାନେ ନିଜ ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିଥାନ୍ତି।

**■ ହାଇକୋର୍ଟରେ ଜେଲ ୱାର୍ଡର୍ ନିଯୁକ୍ତି ମାମଲା**

## ଜବାବ ଦାଖଲ ପାଇଁ ଶେଷ ସୁଯୋଗ

**କଟକ, ୨୦।୧(ସମିସ):** ଜେଲ ୱାର୍ଡର ପଦରେ ନିଯୁକ୍ତି ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ରାଜ୍ୟ ସରକାରଙ୍କ ତରଫରୁ ଜବାବ ଦାଖଲ କରାଯାଇପାରିନାହିଁ। ଏହି ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜବାବ ଦାଖଲ ପାଇଁ ଶେଷ ସୁଯୋଗ ଦେଇଛନ୍ତି। ତେବେ ଏହି ସମୟସୀମା ଭିତରେ ସରକାର ଜବାବ ଦାଖଲ ନକଲେ, ଗୃହ ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ବିଷ୍ଣୁଚରଣ ସାହୁ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରି ୨୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

## ପିପିଲି ବିଧାୟକଙ୍କ ନାଁରେ ଥାନାରେ ଅଭିଯୋଗ

**ପୁରୀ, ୨୦।୧(ସମିସ):** ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନାଁରେ ପିପିଲି ଥାନାରେ ଅଭିଯୋଗ ହୋଇଛି। ବିଧାୟକଙ୍କ ନିର୍ଦ୍ଦେଶରେ ଜଣେ ଯୁବକଙ୍କୁ ମାଡ଼ ମରାଯାଇଥିବା ନେଇ ତାଙ୍କ ମାଆ ଉତ୍ତରସାହି ନୂଆଶାସନର ଜୟନ୍ତୀ ପ୍ରଧାନ ଏହି ଅଭିଯୋଗ କରିଛନ୍ତି। ଜୟନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ରବିବାର ଅପରାହ୍ଣରେ ତାଙ୍କ ପୁଅ ରାଜେନ୍ଦ୍ର ଏବଂ ସାଙ୍ଗ ପାର୍ଥସାରଥି ମହାପାତ୍ର ଗାଡ଼ିରେ ଯାଇ ନୂଆଶାସନ ବାଇପାସ୍ ନିକଟରେ ପହଞ୍ଚିଥିଲେ।

**ବିଜେଡି ଛାଡି ବିଜେପିରେ ମିଶିବାକୁ ଦେଲେ ଧମକ**

ଏହି ସମୟରେ ସେଠାରେ ବିଧାୟକଙ୍କ ଗାଡ଼ି ଲାଗିଥିଲା। ବିଧାୟକଙ୍କ ଗାଡ଼ିରୁ ଦେବୀପ୍ରସାଦ ମଲ୍ଲିକ, ପ୍ରଦୀପ ସାହୁଙ୍କ ସମେତ ଆଉ ଦୁଇଜଣ ମାଡ଼ି ଆସିଥିଲେ। ବିଧାୟକ ଗାଡ଼ିରୁ ବାହାରି ତାଙ୍କ ପୁଅକୁ ମାରିବା ପାଇଁ ସହଯୋଗୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଜୟନ୍ତୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନେ ତାଙ୍କ ପୁଅକୁ ଗାଡିରୁ ଭିଡ଼ିଆଣି ଗୋଇଠା, ବିଧା ମାରିବା ସହିତ ଡାହଣ ଗୋଡ଼କୁ ମୋଡ଼ି ଦେଇଛନ୍ତି। ଅପରପକ୍ଷେ ବିଧାୟକ ତାଙ୍କ ପୁଅକୁ ବିଜେଡି ଛାଡ଼ି ବିଜେପିରେ ମିଶିଯିବାକୁ ଧମକ ଦେଇଥିବା ଜୟନ୍ତୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ପିପିଲି ଆଇଆଇସି ସୌମେନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ମାମଲା ପଞ୍ଜୀକୃତ ହୋଇ ନ ଥିବାବେଳେ ଏହାର ତଦନ୍ତ ଚାଲିଛି।

## ଦେଶରେ ଦ୍ୱିଗୁଣିତ ହୋଇଛି ସାମାଜିକ ସୁରକ୍ଷା କଭରେଜ୍: ମାଣ୍ଡଭୀୟ

**ନୂଆଦିଲ୍ଲୀ,୨୦।୧(ଏଜେନ୍ସି):** ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ)ର ବିଶ୍ୱ ସାମାଜିକ ସୁରକ୍ଷା ରିପୋର୍ଟ ୨୦୨୪-୨୬ ଅନୁଯାୟୀ ଭାରତର ସାମାଜିକ ସୁରକ୍ଷା କଭରେଜ୍ ୨୪.୪ ପ୍ରତିଶତରୁ ଦ୍ୱିଗୁଣିତ ହୋଇ ଜନସଂଖ୍ୟାର ୪୮.୮ ପ୍ରତିଶତ ହୋଇଛି। ଦେଶର ପ୍ରାୟ ୯୨୦ ନିୟୁତ ଲୋକ, ଅର୍ଥାତ୍ ଜନସଂଖ୍ୟାର ୬୫ ପ୍ରତିଶତ ଲୋକ ଏଥିରେ କଭର ହୋଇଛନ୍ତି। ସାମାଜିକ ସୁରକ୍ଷା କଭରେଜକୁ ବିସ୍ତାର କରିବାରେ ଭାରତର ଯଥେଷ୍ଟ ଅଗ୍ରଗତି ବିଶ୍ୱର ହାରାହାରି ସାମାଜିକ ସୁରକ୍ଷା କଭରେଜକୁ ୫ ପ୍ରତିଶତ ପଏଣ୍ଟ ପଛରେ ପକାଇ ଦେଇଥିବା କେନ୍ଦ୍ର ଶ୍ରମ ଓ ନିଯୁକ୍ତି ଏବଂ ଯୁବ ବ୍ୟାପାର ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟ କହିଛନ୍ତି। ଆଜି ନୂଆଦିଲ୍ଲୀରେ 'ଅନୌପଚାରିକ କ୍ଷେତ୍ରରେ ଶ୍ରମିକଙ୍କ ପାଇଁ ଆନୁଷ୍ଠାନିକୀକରଣ ଏବଂ ସାମାଜିକ ସୁରକ୍ଷା କଭରେଜ୍: ଆହ୍ୱାନ ଏବଂ ନବସୃଜନ' ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଡ. ମାଣ୍ଡଭିୟ କହିଛନ୍ତି ଯେ, ଭାରତ ସ୍ୱାସ୍ଥ୍ୟ ସୁରକ୍ଷା,



ପେନସନ ସୁରକ୍ଷା, ଜୀବିକା ସୁରକ୍ଷା ଏବଂ ଖାଦ୍ୟ ସୁରକ୍ଷା ଭଳି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି, ଯାହା ଏହାର ଲୋକଙ୍କ ପାଇଁ ବ୍ୟାପକ ସହାୟତା ସୁନିଶ୍ଚିତ କରିଛି। ଏହି ଅବସରରେ ସେ ଦେଶର ୨୪୦୦୦ ହସ୍ପିଟାଲରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ କଭର ସହିତ ୬୦୦ ନିୟୁତ ଭାରତୀୟଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ସମେତ ପ୍ରମୁଖ ବିଷୟଗୁଡ଼ିକ ସମ୍ପର୍କରେ କହିଥିଲେ। ଏହି କର୍ମଶାଳାରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରାଣ୍ଡଲାଜେ, ସଚିବ ସୁମୀତା ଡାଭରା, ଆଇଏସ୍‌ଏସ୍‌ଏର ସଭାପତି ଡ. ମହମ୍ମଦ ଆଜମାନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

**■ ପ୍ରେମିକକୁ ବିଷ ଦେଇ ମାରିଥିଲା**

## ପ୍ରେମିକାକୁ ଫାଶୀଦଣ୍ଡ

**ତିରୁଅନନ୍ତପୁରମ, ୨୦।୧ (ଏଜେନ୍ସି):** ଦୁଇ ବର୍ଷ ତଳେ ପ୍ରେମିକ ଶରନ ରାଜ (୨୩)ଙ୍କୁ ଆର୍ଯ୍ୟୁବେଦିକ ଟନିକ୍‌ରେ ବିଷ ଦେଇ ହତ୍ୟା କରିଥିବା ପ୍ରେମିକା (୨୪) ଗ୍ରୀଷ୍ମାକୁ କେରଳର ସ୍ଥାନୀୟ କୋର୍ଟ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ବିରଳରୁ ଅତି ବିରଳ ବୋଲି କହିଛନ୍ତି କୋର୍ଟ। ଶରନ ସହ ସଂପର୍କ ଭାଙ୍ଗିବା ପାଇଁ ସେ ଏହି ଜଘନ୍ୟ କାଣ୍ଡ ଘଟାଇଥିଲା। ଗତ ସପ୍ତାହରେ କୋର୍ଟ ଏହି ମାମଲାରେ ଗ୍ରୀଷ୍ମା ଏବଂ ତାର ଦାଦାକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅପରାଧର ଭୟାବହତା ଦେଖି ଅପରାଧୀଙ୍କୁ ବୟସ ଆଧାରରେ କୌଣସି ଆଶ୍ୱସ୍ତି ପ୍ରଦାନ କରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି। ମାତ୍ର ଶିକ୍ଷାଗତ ଯୋଗ୍ୟତା, ଅପରାଧିକ ରେକର୍ଡ ନ ଥିବା ଏବଂ ବାପାମାଆଙ୍କ ଏକମାତ୍ର ଝିଅ ହୋଇଥିବା ଆଧାରରେ ଅଭିଯୁକ୍ତ ଦଣ୍ଡ କୋହଳ କରିବାକୁ ନିବେଦନ କରିଥିଲା। କିନ୍ତୁ ଅପରାଧକୁ ନେଇ ବିରୋଧୀ ପକ୍ଷ ଘଟଣାକ୍ରମ, ଡିଜିଟାଲ ଏବଂ ବୈଜ୍ଞାନିକ ପ୍ରମାଣ ଦେଇଥିବା କୋର୍ଟ କହିଥିଲେ। ଏଥିସହିତ ଗ୍ରୀଷ୍ମା ଫାଶୀ ଦଣ୍ଡ ପାଇଥିବା କେରଳର ସବୁଠୁ ଯୁବ ମହିଳା ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିଛି କୋଟିପତିଙ୍କ...

ଓଡ଼ିଶାର ସ୍ଥାନ ୧୯ରେ ରହିଛି। ଅନ୍ୟପକ୍ଷରେ କୋଟିଏରୁ ଶହେ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ୧୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ମେଘାଳୟରେ ସର୍ବାଧିକ ୭୦ ଜଣ ଥିବା ବେଳେ ଲକ୍ଷଦୀପରେ ଜଣେ ମାତ୍ର କୋଟିପତି କରଦାତା ଅଛନ୍ତି।

୮ ହଜାର ୬୬୦ କୋଟିପତି କରଦାତା ସହିତ ମଧ୍ୟ ପ୍ରଦେଶ ୪ର୍ଥ ସ୍ଥାନରେ ରହିଥିବା ବେଳେ ଏହାପଛକୁ ରହିଛନ୍ତି ତାମିଲନାଡୁ (୬୨୮୮), ଆନ୍ଧ୍ର ପ୍ରଦେଶ (୫୩୪୦), ଗୁଜରାଟ (୩୫୪୦), ପଶ୍ଚିମ ବଙ୍ଗ (୩୦୧୩), କର୍ଣ୍ଣାଟକ (୨୮୧୬) ଏବଂ ୧୦ମ ସ୍ଥାନରେ ରହିଛି ଜମ୍ମୁ-କଶ୍ମୀର (୨୬୦୦)।

ସରକାରୀ ତଥ୍ୟ ଅନୁଯାୟୀ ବର୍ଷକୁ ୫୦ ଲକ୍ଷରୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା କରଦାତାଙ୍କ ସଂଖ୍ୟାରେ ମଧ୍ୟ ୪୪୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୩-୧୪ରେ ଏଭଳି କରଦାତାଙ୍କ ସଂଖ୍ୟା ଏକ ଲକ୍ଷ ୯ହଜାର ୧୭୧ ଥିବା ବେଳେ ୨୦୨୩-୨୪ରେ ଏହି ସଂଖ୍ୟା ୫ଲକ୍ଷ ୮୯ ହଜାର ୭୬୨ରେ ପହଞ୍ଚିଛି। ଏହି ୧୦ ବର୍ଷ ଭିତରେ ୨୦ ଲକ୍ଷରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା କରଦାତାଙ୍କ ସଂଖ୍ୟା ୫୨୬ ପ୍ରତିଶତ ବୃଦ୍ଧି ପାଇଛି।

### ଟ୍ରମ୍ପ ୨.୦...

ପ୍ରତିଫଳିତ କରିଛନ୍ତି। ନିର୍ବାଚନ ସମୟରେ ଟ୍ରମ୍ପ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍ (ଏମଏଜିଏ)' ସ୍ଲୋଗାନ ଦେବା ସହିତ ଆମେରିକାକୁ ପୁଣିଥରେ ବିଶ୍ୱର ଶକ୍ତିଶାଳୀ ଓ ସାମର୍ଥ୍ୟବାନ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ସେ ବିଭିନ୍ନ ଦିଗରେ ଆମୂଳଚୂଳ ପରିବର୍ତ୍ତନ କରି ନୂଆ ଦିଶାରେ କାର୍ଯ୍ୟ କରିବେ ବୋଲି କହିଥିଲେ। ସେହି ଅନୁସାରେ ଟ୍ରମ୍ପ ଆସନ୍ତାକାଲି ଠାରୁ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ତାଙ୍କ ସ୍ୱାଗତ ଭାଷଣରେ କହିଛନ୍ତି। ଆଗାମୀ ୪ ବର୍ଷ ପାଇଁ ଟ୍ରମ୍ପ ତାଙ୍କ ଯୋଜନା ଏବଂ ସଙ୍କଳ୍ପ ବିଷୟରେ ଏହି ସମୟରେ ସୂଚନା ଦେଇଥିଲା ବେଳେ ପ୍ରଥମ ଦିନରୁ ଆକ୍ସନ ମୋଡରେ କାର୍ଯ୍ୟ କରିବାକୁ ଯାଉଥିବା କହିଛନ୍ତି। ବିଶେଷକରି ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ବିଦେଶୀଙ୍କୁ ବିଦା କରିବା ( ମାସ୍ ଡିପୋର୍ଟେସନ), ଆମେରିକାରେ କେବଳ ଦୁଇ ଲିଙ୍ଗ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ( ଟ୍ରାନ୍ସଜେଣ୍ଡର ରାଇଟସ୍), ସୀମା ସୁରକ୍ଷା , ଡ୍ରଗ୍ସ କାରବାର ଉପରେ ଅଙ୍କୁଶ , ଆବଶ୍ୟକ ସ୍ଥଳେ ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ଟାରିଫ୍‌ରେ ପରିବର୍ତ୍ତନ ଏବଂ ଆମେରିକାର ବୈଦେଶିକ ନୀତିକୁ ଆହୁରି ସଶକ୍ତ କରିବା ଆଦି ଦିଗରେ ଟ୍ରମ୍ପ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଯାଉଛନ୍ତି ବୋଲି କହିଛନ୍ତି। ସେହି ଅନୁସାରେ ସେ ଅତ୍ୟନ୍ତ ତ୍ୱରାନ୍ୱିତ ଢଙ୍ଗରେ କାର୍ଯ୍ୟ କରିବା ସହିତ ଆସନ୍ତାକାଲି ସରକାରୀ ସ୍ତରରେ ୨୦୦ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି। ଆମେରିକାରେ ଯେଉଁସବୁ କ୍ଷେତ୍ରରେ ସମସ୍ୟା ରହିଛି ସେଗୁଡିକର ତୁରନ୍ତ ସମାଧାନ କରିବା ସହିତ ବୈଶ୍ୱିକ ସ୍ତରରେ ଆମେରିକାର ପ୍ରତିପତି ଏବଂ ଛବିକୁ ଆହୁରି ସଶକ୍ତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

ତେବେ ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟ ବିଶ୍ୱର ବିଭିନ୍ନ ଦେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ବଢ଼ିଛି। ବିଶ୍ୱର ସବୁଠୁ ଶକ୍ତିଶାଳୀ ଏବଂ ଧନଶାଳୀ ରାଷ୍ଟ୍ର ଭାବେ ଆମେରିକାର ନୀତି ସଦାସର୍ବଦା ବୈଶ୍ୱିକ ଏବଂ ଭୂ-ରାଜନୀତିକୁ ପ୍ରଭାବିତ କରି ଆସିଥିଲା ବେଳେ ଟ୍ରମ୍ପଙ୍କ ସାଂପ୍ରତିକ ଆଭିମୁଖ୍ୟ ଆନ୍ତର୍ଜାତିକ ମହଲକୁ କିଭଳି ପ୍ରଭାବିତ କରିବ ତାହାକୁ ନେଇ ଏବେଠୁ ଆଲୋଚନା ଜୋର ଧରିଛି। ଏସିଆ ରାଜନୀତି ଠାରୁ ଆରମ୍ଭ କରି ୟୁରୋପ, ମଧ୍ୟପ୍ରାଚ୍ୟ ଏବଂ ଇସ୍ରାଏଲ-ପାଲେଷ୍ଟାଇନ ଓ ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ଆଗକୁ କିଭଳି ପରିସ୍ଥିତି ସୃଷ୍ଟି ହେବ ତାହାକୁ ନେଇ ତର୍ଜମା ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଭାରତ-ଆମେରିକା ସହଯୋଗ ଏବଂ ସମ୍ପର୍କକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚୀନ୍ ଏବଂ କାନାଡ଼ା ବିରୋଧରେ ଟ୍ରମ୍ପ ଟାରିଫ ବୃଦ୍ଧି କରିବାକୁ ପୂର୍ବରୁ ସୂଚନା ଦେଇଥିଲା ବେଳେ ଭାରତ ଉପରେ ମଧ୍ୟ ଟାରିଫ ଲାଗୁ କରିବାକୁ କହିଥିଲେ। ତେଣୁ ଆଗାମୀ ଦିନରେ ଦ୍ୱିପାକ୍ଷିକ ସମ୍ପର୍କ କିଭଳି ରହିବ ଏବଂ ଆମେରିକା ସହ ବିଭିନ୍ନ ଦିଗରେ ହୋଇଥିବା ବୁଝାମଣା କାର୍ଯ୍ୟକାରୀ ହେବା ଦିଗରେ କିଭଳି ପରିସ୍ଥିତି ସୃଷ୍ଟି ହେବ ତାହା ମଧ୍ୟ ପ୍ରଶ୍ନ ଉତଥାପନ କରିଛି। ୭୮ ବର୍ଷୀୟ ରିପବ୍ଲିକାନ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ ସମସ୍ତଙ୍କୁ ସମାନ ନୀତିରେ ପରଖିବା ସହିତ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ତାଙ୍କର ନୀତି ଓ ଆଭିମୁଖ୍ୟକୁ ନେଇ ଆଗାମୀ ଦିନରେ ତାଙ୍କର କାର୍ଯ୍ୟଧାରା କିଭଳି ରହିବ ତାହା ଏବେ ବୈଶ୍ୱିକ ସ୍ତରରେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି।

### ସଞ୍ଜୟକୁ ଆଜୀବନ...

ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା ବେଳେ ମୁଖ୍ୟ ଅଭିଯୁକ୍ତ ବିରୋଧରେ କଠୋରରୁ ଅତି କଠୋର ଦଣ୍ଡବିଧାନ ହେବ ବୋଲି ବିଭିନ୍ନ ମହଲରେ ଆଶା କରାଯାଇଥିଲା। କିନ୍ତୁ ଅଦାଲତ ମୁଖ୍ୟ ଅଭିଯୁକ୍ତ ସଞ୍ଜୟକୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ଘଟଣା ' ବିରଳ ରୁ ଅତି ବିରଳ' ( ରେୟାରେଷ୍ଟ ଅଫ୍ ଦି ରେୟାର୍ )' ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଦାସ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଗତ ଶନିବାର ସିଆଲଦା କୋର୍ଟ ସଞ୍ଜୟକୁ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ସଞ୍ଜୟ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲା। କୌଣସି କାରଣ ନଥାଇ ତାକୁ ଫସାଇ ଦିଆଯାଉଛି ବୋଲି ସେ କହିଥିଲା ବେଳେ ଏହି ଘଟଣା ପଛରେ ଜଣେ ଆଇପିଏସ୍ ଅଧିକାରୀଙ୍କ ହାତ ରହିଛି ବୋଲି ମଧ୍ୟ କୋର୍ଟରେ କହିଥିଲା। ସଞ୍ଜୟ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪ (ଦୁଷ୍କର୍ମ), ଧାରା ୬୬ ଓ ଧାରା ୧୦୩-୧(ହତ୍ୟା)ରେ ମାମଲା ରୁଜୁ ହୋଇଥିଲା। ଧାରା ୬୪ ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ହୋଇଥିବା ବେଳେ ଧାରା ୬୬ ପାଇଁ ସର୍ବାଧିକ ଦଣ୍ଡ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ଏବଂ ୧୦୩ (୧) ପାଇଁ ସର୍ବାଧିକ ଦଣ୍ଡ ଭାବେ ଆଜୀବନ କାରାଦଣ୍ଡ ବା ମୃତ୍ୟୁଦଣ୍ଡ ରହିଛି। ତଥାପି କୋର୍ଟ ତା'କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

### ଆର୍ଥିକ ପରିଚାଳନା...

ଯେଉଁସବୁ ବିଭାଗରେ ଅଦ୍ୟାବଧି ଖର୍ଚ୍ଚ କମ ହୋଇଛି, ସେହିସବୁ ବିଭାଗକୁ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ସମସ୍ତ ବିଭାଗମାନଙ୍କୁ ମଧ୍ୟ ଅନୁରୂପ ଭାବେ ଆଗାମୀ ବଜେଟ ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରି ଖର୍ଚ୍ଚ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଅଧକ୍ଷତା କରି ବିଭାଗର ପ୍ରଦର୍ଶନ ଉପରେ ସମୀକ୍ଷା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ସଚିବମାନଙ୍କୁ ନୂଆ ନୂଆ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅନେକ ବିଭାଗ ଭଲ କାମ କରିଛନ୍ତି। ମୋଟାମୋଟି ଭାବେ କାର୍ଯ୍ୟ ଓ ଖର୍ଚ୍ଚ ଠିକ ଚାଲିଛି। ତେବେ ସମସ୍ତଙ୍କୁ ବିଭାଗ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଆଗାମୀ ୨ ମାସ ମଧ୍ୟରେ ବଜେଟ ପୂର୍ବରୁ ବିଭାଗମାନେ ଶତ ପ୍ରତିଶତ ଖର୍ଚ୍ଚ ଲକ୍ଷ୍ୟ ହାସଲ ପ୍ରୟାସ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଚିରା ଚରିତ ଢାଞ୍ଚାରୁ ବାହାରି ନିଜ ନିଜ ବିଭାଗ ରେ ଦୀର୍ଘ ସୂତ୍ରୀ ଏବଂ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି।

ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର ଉନ୍ନତି, ସାମାଜିକ ସୁରକ୍ଷା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ବୈଠକରେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ଓ ସେତୁ ନିର୍ମାଣର ଅଗ୍ରଗତି ସହ ଓଡ଼ିଶାରେ ଜାତୀୟ ରାଜପଥର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃଷି ବିଭାଗ ପକ୍ଷରୁ ଶୀତଳ ଭଣ୍ଡାର ଖୋଲାଯିବା ନେଇ ଆଲୋଚନା କରା ଯାଇଥିଲା। ସେହିପରି ବିଦ୍ୟାଳୟ ଉନ୍ନତିକରଣ, ଜଳସମ୍ପଦ ବିଭାଗ ପ୍ରକଳ୍ପଗୁଡିକର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅର୍ଥ ପ୍ରେରଣ ସହିତ ଆଗାମୀ ୨ୟ କିସ୍ତି ପ୍ରଦାନ ସମ୍ପର୍କିତ ଆଲୋଚନା ବୈଠକରେ କରାଯାଇଥିଲା। ଏହାସହ ମୁଖ୍ୟମନ୍ତ୍ରୀ ପୁଲିସ ସେବାକୁ ସୁଦୃଢ଼ୀକରଣ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ବିକଶିତ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ପାଇଁ ୩.୨୦ ଲକ୍ଷ ପ୍ରସ୍ତାବ ଆସିଛି। ଆମେ ସେଥିରୁ ଭଲ ଭଲ ପ୍ରସ୍ତାବ ଗୁଡିକୁ ଗ୍ରହଣ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମସ୍ତ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ସମସ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

### ପ୍ରଶାସନିକ ଅବହେଳା...

ଡିସେମ୍ବର ୩୧ରୁ ଷୋଡ଼ଶ ଅର୍ଥ କମିଶନ ଗଠନ ହୋଇସାରିଛି। ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗର ଅଧ୍ୟକ୍ଷ ଭାବେ ଅରବିନ୍ଦ ପାନଗରିୟାଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ କମିଶନ ଗଠନ ନେଇ କୌଣସି ତତ୍ପରତା ପ୍ରକାଶ ପାଇ ନ ଥିବା ପ୍ରଶାସନିକ ବିଫଳତାକୁ ସୂଚାଉଛି। ଏ ନେଇ ଗତ ଶୀତ ଅଧିବେଶନରେ ମଧ୍ୟ ବିଜେଡି ଗୃହରେ ଉଦବେଗ ପ୍ରକାଶ କରିଥିଲା। ଦଳର ଉପମୁଖ୍ୟ ସଚେତକ ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ବେଶ୍ କ୍ଷୋଭ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ରାଜ୍ୟ ସରକାର କମିଶନ ଗଠନ ନ କରିବା, ରାଜ୍ୟ ପ୍ରଶାସନର ଚରମ ଅବହେଳାକୁ ପ୍ରଦର୍ଶିତ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ରାଜ୍ୟ ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଚଳିତ ଥର ଅର୍ଥ କମିଶନ ଗଠନ କରିବାରେ ବହୁ ବିଳମ୍ବ ହୋଇଛି। ଏପରି ଆଗରୁ କେବେ ହୋଇନଥିଲା। ଅର୍ଥ କମିଶନ ଗଠନରେ ବିଳମ୍ବ କାରଣରୁ ରାଜ୍ୟ ସରକାର ନିଜର ପ୍ରକୃତ ଦାବି କେନ୍ଦ୍ର ନିକଟରେ ଉପସ୍ଥାପିତ କରିପାରିବେ ନାହିଁ। ଯାହା ପ୍ରତ୍ୟକ୍ଷ ଭାବେ ରାଜ୍ୟକୁ ପାଣ୍ଠି ପ୍ରଦାନ ବେଳେ ସମସ୍ୟା ସୃଷ୍ଟି କରିବ। କେନ୍ଦ୍ରୀୟ ଅର୍ଥ କମିଶନ ନିଜର ଓଡ଼ିଶା ଗସ୍ତ ବେଳେ ରାଜ୍ୟ ଅର୍ଥ କମିଶନ, ରାଜ୍ୟ ସରକାର ଏବଂ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଏଯାଏଁ ରାଜ୍ୟ ସରକାର କମିଶନ ଗଠନ ପାଇଁ ପଦକ୍ଷେପ ନେଇ ନ ଥିବାରୁ ଓଡ଼ିଶା ଏହାଦ୍ୱାରା ସିଧାସଳଖ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି।

ଡବଲ ଇଞ୍ଜିନ ସରକାରରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଡବଲ ଦାବି ରଖି ଡବଲ ଫାଇଦା ହାସଲ କରିବାର ଥିଲା। ମାତ୍ର ସରକାରୀ ସ୍ତରରେ ସ୍ଥାଣୁତା କାରଣରୁ ଓଡ଼ିଶା ଏକ ବଡ଼ ସୁଯୋଗ ହାତଛଡ଼ା କରିବା ନେଇ ଆଶଙ୍କା ଦେଖାଦେଲାଣି। ସୂଚନାଯୋଗ୍ୟ ଯେ କେଉଁ ଟିକସ ଓ ରାଜସ୍ୱରୁ କେତେ ଅର୍ଥ ପଞ୍ଚାୟତ ଖର୍ଚ୍ଚ କରିବ, ସ୍ୱାୟତ୍ତ ସଂସ୍ଥାକୁ କେତେ ପ୍ରତିଶତ ପାଣ୍ଠି ଆବଣ୍ଟନ ହେବ ଏବଂ ସରକାର କେତେ ଅର୍ଥ ନିଜେ ଖର୍ଚ୍ଚ କରିବେ, ଏନେଇ ସରକାରଙ୍କୁ ରାଜ୍ୟ ଅର୍ଥ କମିଶନ ସୁପାରିଶ କରିଥାନ୍ତି। ଏହାଛଡ଼ା ଗ୍ରାମାଞ୍ଚଳ ସହିତ ସହରାଞ୍ଚଳ ବିକାଶର ନକ୍ସା ରାଜ୍ୟ ଅର୍ଥ କମିଶନ ଚୂଡ଼ାନ୍ତ କରିଥାନ୍ତି। କମିଶନଙ୍କ ସୁପାରିଶ ଓ ପରାମର୍ଶ ଅନୁଯାୟୀ ରାଜ୍ୟ ସରକାର ବିଭିନ୍ନ ଯୋଜନା ବାବଦରେ ଅର୍ଥ ବରାଦ କରିଥାନ୍ତି। ମାତ୍ର ଏଯାଏଁ କମିଶନ ଗଠନ ନହେବା ହିଁ ବଡ଼ ବିଡମ୍ବନା ବୋଲି ଅର୍ଥନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। କେନ୍ଦ୍ର ଅର୍ଥ କମିଶନ ଗଠନ ହେବାର ବର୍ଷେ ବିତିଥିଲେ ମଧ୍ୟ ରାଜ୍ୟରେ ଅର୍ଥ କମିଶନ ଗଠନ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଶୀତ ଅଧିବେଶନରେ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ କେଶ୍ରୀ ଦେବ ଏନେଇ ବିଧାନସଭାରେ ସ୍ୱର ଉତ୍ତୋଳନ କରିଥିଲେ। ରାଜ୍ୟର ଦାବି କେନ୍ଦ୍ର ନିକଟରେ ରଖିବା ପାଇଁ ଏହାହି ପ୍ରକୃଷ୍ଟ ଫୋରମ। ରାଜ୍ୟର ଦାବି ଅନୁଯାୟୀ, କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ଅନୁଦାନ ନେଇଥାନ୍ତି। ତେଣୁ ସରକାର ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ଦେବ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ ରବିନାରାୟଣ ସେନାପତି ରାଜ୍ୟ ପଞ୍ଚମ ଅର୍ଥ କମିଶନର ଅଧ୍ୟକ୍ଷ ରହିଥିଲେ। ସେହିପରି ୧୬ତମ କେନ୍ଦ୍ରୀୟ ଅର୍ଥ କମିଶନର ଅଧ୍ୟକ୍ଷ ଭାବେ ଡ. ଅରବିନ୍ଦ ପନଗରିୟା ବିଭିନ୍ନ ରାଜ୍ୟକୁ ଯାଇ ସେଠାକର ଅଂଶୀଦାରମାନଙ୍କ ସହ ଆଲୋଚନା କରୁଛନ୍ତି।

### ପ୍ରତାପ ଦେବ...

ସଭାପତି ନବୀନ ପଟ୍ଟନାୟକ ଜୁଲାଇ ମାସରେ ସଂଗଠନ ପୁନର୍ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଅଗଷ୍ଟ ମାସରେ ସଭାପତି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ୧୫ ଜଣିଆ ସଂଯୋଜନା କମିଟି ଗଠନ କରି ନିର୍ବାଚନ ପର୍ଯ୍ୟନ୍ତ ଦଳୀୟ ସାଂଗଠନିକ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ପ୍ରଦାନ କରିଥିଲେ। ଏହି କମିଟିରେ ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ, ପ୍ରତାପ କେଶରୀ ଦେବ, ପ୍ରଦୀପ ଅମାତ, ଅରୁଣ ସାହୁ, ଅଶ୍ୱିନୀ ପାତ୍ର, ପ୍ରତାପ ଜେନା, ସାରଦା ପ୍ରସାଦ ନାୟକ, ସୁଦାମ ମାର୍ଣ୍ଡି, ମନୋହର ରନ୍ଧାରୀ, ସ୍ନେହାଙ୍ଗିନୀ ଛୁରିଆ, ମହେଶ ସାହୁ, ଦେବେଶ ଆଚାର୍ଯ୍ୟଙ୍କୁ ସ୍ଥାନ ଦିଆଯାଇଥିଲା। ବିଜେଡିର ସଦସ୍ୟ ସଂଗ୍ରହ ଅଭିଯାନ ଶେଷ ହେବା ପରେ ଦଳର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା।

### ବିକ୍ଷୋଭକାରୀ-ପୁଲିସ୍...

ଚିବ୍ କହିଥିଲେ, କେନ୍ଦ୍ର ସରକାର ଗତ ୧୧ବର୍ଷ ମଧ୍ୟରେ ଦେଶର ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି। ସମ୍ବିଧାନର କ୍ଷମତାକୁ ସଙ୍କୁଚିତ କରି ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି। ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ବିରୋଧରେ ଇଡି, ସିବିଆଇ ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥା ଲଗାଇ ହଇରାଣ ହରକତ କରାଯାଉଛି। ଦେଶ ତଥା ରାଜ୍ୟରେ ବେକାରୀ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଛି। ବର୍ଷକୁ ୨କୋଟି ନିଯୁକ୍ତି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସ ସମ୍ପାଦକ ଅଜିତ ସିଂ ଓ ଅଭିନବ ଭଗତ ଅଂଶଗ୍ରହଣ କରି ଓଡ଼ିଶାରେ ସଂଖ୍ୟାଲଘୁ ଓ ଦଳିତ ଲୋକମାନେ ମୋହନ ସରକାରରେ ଭୟଭୀତ ଅବସ୍ଥାରେ ରହୁଛନ୍ତି ବୋଲି କହିଥିଲେ। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଯୁବ କଂଗ୍ରେସର ୮ ଦଫା ଦାବିକୁ ମୋହନ ସରକାର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଉତ୍କଟ ଦରଦାମ ବୋଝରେ ଓଡ଼ିଶାବାସୀ ହନ୍ତସନ୍ତ ହେଉଥିବା ବେଳେ ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବା ପରିବର୍ତ୍ତେ ସ୍ମାର୍ଟ ମିଟର ମାଧ୍ୟମରେ କରାଯାଉଥିବା ଖାଉଟି ଶୋଷଣକୁ ପ୍ରବଳ ବିରୋଧ କରାଯିବ ବୋଲି କୁହାଯାଇଛି। ପ୍ରତିବାଦ ସଭା ପରେ ଶ୍ରୀ ଚିବ୍‌ଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିବା ପାଇଁ ଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ତାରାପ୍ରସାଦ ବାହିନୀପତି, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ନବଜ୍ୟୋତି ପଟ୍ଟନାୟକ, ୟାସିର ନୱାଜ, ଉଦିତ ପ୍ରଧାନଙ୍କ ସମେତ ବହୁ ଯୁବ ଓ ଛାତ୍ର କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଯଦି ମୋତେ କୌଣସି ଧର୍ମ ଗ୍ରହଣ କରିବାକୁ ପଡ଼ିଥା'ନ୍ତା, ତେବେ ମୁଁ ସୂର୍ଯ୍ୟ ଉପାସନାକୁ ପ୍ରାଥମିକତା ଦେଇଥା'ନ୍ତି। କାରଣ ସୂର୍ଯ୍ୟ ହିଁ ସମସ୍ତଙ୍କଠାରେ ଜୀବନ ସଞ୍ଚାର କରିଛି।
-ନେପୋଲିୟନ ବୋନାପାର୍ଟ

ସକାଳ
THE SAKALA

## ଟଙ୍କା ଦୁର୍ବଳ

ଡଲାର ତୁଳନାରେ ଭାରତୀୟ ମୁଦ୍ରା ବା ଟଙ୍କା କ୍ରମାଗତ ଭାବେ ଦୁର୍ବଳ ହେଉଥିବାରୁ ଦେଶର ଅର୍ଥନୀତି ଉପରେ ତାହାର ସମ୍ଭାବୀ ପ୍ରତିକୂଳ ପ୍ରଭାବକୁ ନେଇ ଅର୍ଥଶାସ୍ତ୍ରୀଙ୍କ ମହଲରେ ଚିନ୍ତା ଓ ଉଦ୍‌ବେଗ ପ୍ରକାଶ ପାଇଛି। ଗତ ଦୁଇମାସ ମଧ୍ୟରେ ଟଙ୍କା ୨ ପ୍ରତିଶତ ଅଧିକ ଦୁର୍ବଳ ହୋଇଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ପାଇ ସର୍ବନିମ୍ନ ସ୍ତର ୮୬.୬ରେ ପହଞ୍ଚିଛି। ସ୍ଥିତିରେ ସୁଧାର ଆଣିବା ସକାଶେ ରିଜର୍ଭ ବ୍ୟାଙ୍କ ଗଚ୍ଛିତ ମୁଦ୍ରା ଭଣ୍ଡାରରୁ ଡଲାର ବିକିବା ଆରମ୍ଭ କରିଛନ୍ତି। ଏହା ସତ୍ତ୍ୱେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଟଙ୍କାର ସ୍ଥିତି କ୍ରମାଗତ ଦୁର୍ବଳ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ବାଣିଜ୍ୟ ନିଅଣ୍ଟ ଅଧିକରୁ ଅଧିକ ଚିନ୍ତା ବଢ଼ାଉଛି। ରପ୍ତାନି ଅପେକ୍ଷା ଅଧିକ ଆମଦାନୀ କରିବାକୁ ପଡୁଥିବାରୁ ଆୟକୁ ଦେୟ କୁଳେଇ ପଡୁଛି। ଏଠାରେ ମନେରଖିବାକୁ ହେବ ଯେ ଟଙ୍କା ଦୁର୍ବଳ ସ୍ଥିତିରେ ଥିବାରୁ ଆମଦାନୀ ବାବଦରେ ଆମକୁ ଅଧିକ ଡଲାର ଅପଚୟ କରିବାକୁ ପଡୁଛି। ଏବାବଦରେ ଆମଦାନୀ ସାମଗ୍ରୀର ମୂଲ୍ୟ ଆମ ବଜାରରେ ବଢ଼ିବା ସ୍ୱାଭାବିକ। ତେଣୁ ରପ୍ତାନି ବୃଦ୍ଧି ମାଧ୍ୟମରେ ଅଧିକରୁ ଅଧିକ ଡଲାର ଅର୍ଜନକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ। ଏଠାରେ ଉଲ୍ଲେଖଯୋଗ୍ୟ କି ବିଶ୍ୱ ବଜାରରେ ଡଲାରର ସର୍ବମାନ୍ୟ ଆଧିପତ୍ୟ ରହିଛି। କେବଳ ଟଙ୍କା ନୁହେଁ, ବିଶ୍ୱର ଅନ୍ୟ ମୁଦ୍ରାର ମଧ୍ୟ ବିନିମୟ କ୍ଷମତା ହ୍ରାସ ପାଉଛି। ଯୁକ୍ତିଛଳରେ ଏହା ଦର୍ଶାଯାଇଥିଲେ ମଧ୍ୟ ଭାରତୀୟ ମୁଦ୍ରାର ଦୁର୍ବଳ ସ୍ଥିତି ସବୁଠାରୁ ଅଧିକ ସଙ୍ଗିନ। ରପ୍ତାନି ବାଣିଜ୍ୟ ମାଧ୍ୟମରେ ସେମାନେ ସ୍ଥିତି ସୁଧାରୁଥିବା ବେଳେ ଆମେ ବିଫଳ ହୋଇଛେ। ଡୋନାଲ୍ଡ ଟ୍ରମ୍ପ ଏଥି ମଧ୍ୟରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କ ପ୍ରଶାସନ ପକ୍ଷରୁ ଯେ କୌଣସି ସମୟରେ ବହିଃଶୁଳ୍କ ବୃଦ୍ଧି କରାଯାଇପାରେ। ତେଣୁ ଆଗାମୀ ଦିନରେ ଆମକୁ ଆମଦାନୀ ବାବଦରେ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡ଼ିବ। ଆମ ବିଦେଶୀ ମୁଦ୍ରା ଭଣ୍ଡାର ନିମ୍ନଗାମୀ ହେଉଥିବା ବେଳେ ଆଗାମୀ ଦିନରେ ସ୍ଥିତି ଅଧିକ ବିଗିଡ଼ିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଆରବିଆଇର ପୂର୍ବତନ ଗଭର୍ଣ୍ଣର ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ରଘୁରାମ ରାଜନ କିଛି ଭିନ୍ନ ଯୁକ୍ତି ଦର୍ଶାଇଛନ୍ତି। ତାଙ୍କ କହିବା କଥା ହେଲା, ଟଙ୍କାର ମୂଲ୍ୟ ହ୍ରାସ ପାଇନାହିଁ ବରଂ ଆମେରିକୀୟ ଡଲାର ଅଧିକ ମଜଭୁତ ହେଉଛି। ଟଙ୍କାର ଦୁର୍ବଳ ସ୍ଥିତି ପାଇଁ ସେ ଘରୋଇ ଆର୍ଥିକ ପରିଚାଳନାକୁ ଦାୟୀ କରିନାହାନ୍ତି। ତାଙ୍କ ମତରେ ମୁଦ୍ରାର ମୂଲ୍ୟହ୍ରାସ ଉଦ୍‌ବେଗଜନକ ନୁହେଁ, ବରଂ ମଧ୍ୟମ ସ୍ଥିତିରେ ଅଛି। ଟଙ୍କା ଭଳି ୟୁରୋ ମଧ୍ୟ ସମାନ ସ୍ଥିତିରେ ରହିଛି। ଏହି ପ୍ରତିକ୍ରିୟା ଆମ ପାଇଁ ନିଶ୍ଚୟ ଆଶ୍ୱାସନାର ବିଷୟ। ଏକଥା ଉଲ୍ଲେଖ କଲାବେଳେ ପ୍ରମୁଖ ରେଟିଂ ଏଜେନ୍ସି ମୁଡିସ୍ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ନିଶ୍ଚୟ ଆଲୋଚନାସାପେକ୍ଷ। ଆମେରିକା ଓ ଚୀନ ମଧ୍ୟରେ ଲାଗି ରହିଥିବା ବାଣିଜ୍ୟିକ ଯୁଦ୍ଧରୁ ଭାରତ ଲାଭବାନ ହେବାର ସମ୍ଭାବନା ଅଛି। ଏସବୁ ସତ୍ତ୍ୱେ ରାଜସ୍ୱ ଆୟ ତୁଳନାରେ ସରକାରଙ୍କ ବ୍ୟୟ ଭାର ଯଦି ବୃଦ୍ଧିପାଏ, ତେବେ ତାହା ସାମଗ୍ରିକ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିବ। ତେବେ ବିଶ୍ୱସ୍ତରୀୟ ଓ ଆଞ୍ଚଳିକ ଆର୍ଥିକ ସ୍ଥିତିରେ ପରିଲକ୍ଷିତ ପରିବର୍ତ୍ତନର ପ୍ରଭାବରେ ଘରୋଇ ଚାହିଦା ମଜଭୁତ ହୋଇଛି ଓ ମୁଦ୍ରାସ୍ଫୀତିରେ ସାମାନ୍ୟ ହ୍ରାସ ଘଟିଛି।

ଗତ ଦୁଇମାସର ସ୍ଥିତିକୁ ଆକଳନ କରି କୁହାଯାଇଛି, ଦେଶର ବାଣିଜ୍ୟ ନିଅଣ୍ଟ ସଂକୁଚିତ ହେବା ପରିବର୍ତ୍ତେ ସମ୍ପ୍ରସାରିତ ହୋଇଛି। ଗତବର୍ଷର ଡିସେମ୍ବରରେ ବାଣିଜ୍ୟ ନିଅଣ୍ଟ ୧୮.୮ ବିଲିୟନ ଡଲାର ଥିବା ବେଳେ ତାହା ଏବେ ୨୧.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଅବଶ୍ୟ ଏହା ପୂର୍ବମାସରେ ଥିବା ନିଅଣ୍ଟ ୩୨.୮୨ ବିଲିୟନ ଡଲାର ଥିବା ବେଳେ ସେଥିରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ସରକାରୀ ପରିସଂଖ୍ୟାନରୁ ପ୍ରକାଶ ଯେ ୧ ପ୍ରତିଶତରୁ ଅଧିକ ରପ୍ତାନି ହ୍ରାସ ପାଇଥିବା ବେଳେ ଅଧିକ ଆମଦାନୀ ୫ ପ୍ରତିଶତ ଅତିକ୍ରମ କରିଛି। ଚଳିତ ଆର୍ଥିକ ବର୍ଷରେ ରପ୍ତାନି ବାଣିଜ୍ୟରେ ଅସ୍ଥିରତା ଲାଗି ରହିଛି। କେବଳ ସେବାକ୍ଷେତ୍ର ଉତ୍ସାହଜନକ ସ୍ଥିତିରେ ରହିଛି। ପ୍ରଥମ ତ୍ରୟମାସିକ ରିପୋର୍ଟ ଅନୁଯାୟୀ ବର୍ଦ୍ଧିତ ରପ୍ତାନି ହାର ଦ୍ୱିତୀୟ ତ୍ରୟମାସିକରେ ହ୍ରାସ ପାଇବା ଏକ ଶୁଭ ସୂଚନା ନୁହେଁ। ତୃତୀୟ ତ୍ରୟମାସିକର ଅକ୍ଟୋବର ମାସରେ ବର୍ଦ୍ଧିତ ରପ୍ତାନି ଆଗକୁ ସ୍ଥିତି ସୁଧାରିବ ବୋଲି ଆଶା କରାଯାଇଥିଲା, କିନ୍ତୁ ନଭେମ୍ବର ଓ ଡିସେମ୍ବର ନିରାଶାଜନକ ସ୍ଥିତି ପୁଣି ବାଣିଜ୍ୟ ନିଅଣ୍ଟକୁ ବଢ଼ାଇଛି। ଡଲାର ବିନିମୟରେ ଆମଦାନୀ ବାରମ୍ବାର ବୃଦ୍ଧି ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ତେଣୁ ସମଗ୍ର ଆର୍ଥିକ ବର୍ଷର ସ୍ଥିତିକୁ ଆକଳନ କଲେ ଆମେ ରପ୍ତାନି କ୍ଷେତ୍ରରେ ସଫଳତା ହାସଲ କରିପାରିନାହୁଁ ବୋଲି ଧରିନେବାକୁ ହେବ। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ସ୍ଥିତିରେ ଥିବା ବେଳେ ବର୍ଦ୍ଧିତ ଆମଦାନୀ ବ୍ୟୟଭାର ଆମ ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଟ୍ରମ୍ପ ପ୍ରଶାସନ ପକ୍ଷରୁ ବହିଃଶୁଳ୍କ ନେଇ ଯେଉଁ ଆଭିମୁଖ୍ୟ ରହିଛି, ସେଥିରେ ପଡ଼ୋଶୀ ରାଷ୍ଟ୍ର ଚୀନ୍‌ର ରପ୍ତାନି ବାଣିଜ୍ୟ ବାଧାପ୍ରାପ୍ତ ହେବ। ଏଭଳି ପରିସ୍ଥିତିରେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଚୀନ୍ ଏସୀୟ ବଜାର, ବିଶେଷକରି ଭାରତ ଉପରେ, ଅଧିକରୁ ଅଧିକ ଚାପ ପକାଇବ। ଏହା ଜାରି ରହିଲେ ଆମଦେଶର ରପ୍ତାନି ବୃଦ୍ଧି ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ନିଶ୍ଚୟ ବାଧାପ୍ରାପ୍ତ ହେବ।

ଟଙ୍କାର ଦୁର୍ବଳ ସ୍ଥିତି ଓ ରପ୍ତାନି ବାଣିଜ୍ୟ ହ୍ରାସ ସାଙ୍ଗକୁ ନିମ୍ନମୁଖୀ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ପାଇଁ ଆଗାମୀ ଦିନରେ ସ୍ଥିତି ସୁଧାରିବା ନିଶ୍ଚୟ କଷ୍ଟକର ହୋଇପଡ଼ିବ। ଜାନୁଆରୀ ୧୦ ତାରିଖରେ ଶେଷ ହୋଇଥିବା ସପ୍ତାହ ସୁଦ୍ଧା ମୁଦ୍ରା ଭଣ୍ଡାରରେ ଗଚ୍ଛିତ ପରିମାଣ ୬୨୫.୮୭୧ ବିଲିୟନ ଡଲାରକୁ ହ୍ରାସ ପାଇଛି। ଉଲ୍ଲେଖଯୋଗ୍ୟ କି ଗତ ସେପ୍ଟେମ୍ବର ବିଦେଶୀ ମୁଦ୍ରା ଭଣ୍ଡାରରେ ଗଚ୍ଛିତ ପରିମାଣ ନୂଆ ରେକର୍ଡ ସୃଷ୍ଟି କରିଥିଲା। ତାହା ୭୦୪.୮୮୫ ବିଲିୟନ ଡଲାରରୁ ଗତ ତିନିମାସ ମଧ୍ୟରେ କ୍ରମାଗତ ହ୍ରାସ ପାଇଛି। ଏଥିମଧ୍ୟରେ ଯେଉଁ ୭୯.୦୧୪ ବିଲିୟନ ଡଲାର ହ୍ରାସ ପାଇଛି, ତାହାର ମୁଖ୍ୟ କାରଣ ହେଲା ଗଚ୍ଛିତ ଭଣ୍ଡାରରୁ ଡଲାର ବଜାରକୁ ଛାଡୁଛନ୍ତି ରିଜର୍ଭବ୍ୟାଙ୍କ। ଦୁର୍ବଳ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଏହାବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଟଙ୍କାର ମୂଲ୍ୟରେ ଯଦି ହଠାତ ବଡ଼ଧରଣର ହ୍ରାସ ଘଟିବ, ତେବେ ସ୍ଥିତି ସୁଧାରିବା ରିଜର୍ଭବ୍ୟାଙ୍କ ପାଇଁ ଏତେ ସହଜ ହେବନାହିଁ। ଡଲାରର ବିନିମୟ ମୂଲ୍ୟ ଯେ କୌଣସି ସମୟରେ ୯୦ ଟଙ୍କା ଅତିକ୍ରମ କରିବ ବୋଲି ଯେଉଁ ଆକଳନ କରାଯାଇଛି, ତାହାର ଗତିଶୀଳତା ହ୍ରାସ କରିବା ସହ ସମୟ ବ୍ୟବଧାନ ପରିସ୍ଥିତିକୁ ସୁଧାରିପାରିବ। ଏହି ଆଶା ନେଇ ଡଲାର-ଟଙ୍କା ଯୁଦ୍ଧକୁ ନିୟନ୍ତ୍ରଣ କରାଯାଉଥିବା ମନେହୁଏ।

ଅଭିବୃଦ୍ଧିର ଧାର୍ଯ୍ୟ ଲକ୍ଷ୍ୟ ପୂରଣ, ନିଯୁକ୍ତି ସୁଯୋଗ ସୃଷ୍ଟି ଓ ବିଦେଶୀ ମୁଦ୍ରା ଅର୍ଜନ ରପ୍ତାନି ବାଣିଜ୍ୟର ସଫଳତା ଉପରେ ନିର୍ଭର କରେ। ଟଙ୍କାର ମୂଲ୍ୟ ହ୍ରାସକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଠାରେ ମନେ ରଖିବାକୁ ହେବ ଯେ ବଡ଼ଧରଣର ବାଣିଜ୍ୟ ନିଅଣ୍ଟ ଦେଶର ଚଳନ୍ତି ଜମାରାଶି ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ପ୍ରବଳ ଚାପରେ ଥିବା ଭାରତୀୟ ମୁଦ୍ରାରେ ସ୍ଥିରତା ଆଣିବାକୁ ହେଲେ ସରକାରଙ୍କୁ ରପ୍ତାନି ଅଭିବୃଦ୍ଧି ମାଧ୍ୟମରେ ସମତୁଲ ବାଣିଜ୍ୟ ପ୍ରତି ଅଗ୍ରାଧିକାର ଦେବାକୁ ପଡ଼ିବ।

## ସୃଜନ-କଳାରେ ଶବ୍ଦ ଓ ସ୍ୱରର ସମନ୍ୱୟ

**ମନୋରଞ୍ଜନ ମହାନ୍ତି**

ପ୍ରତିବର୍ଷ ଭାରତୀୟ ଚିତ୍ରତାରକାମାନେ ସେମାନଙ୍କ ଚମକ୍‌ଦାର୍ ଡିଜାଇନର୍ ଆଗା ବା ପୋଷାକ ପରିଧାନ କରି ସିନେମା, ଫେସନ୍, କଳାତ୍ମକ ଅଭିବ୍ୟକ୍ତିର ସଙ୍ଗମସ୍ଥଳ କ୍ୟାନିସ୍‌ର ରେଡ୍‌କାର୍ପେଟ୍ ଉପରେ ଚାଲନ୍ତି। କିନ୍ତୁ ପ୍ରତିଯୋଗିତା ବିଭାଗରେ ବିଗତ ତିରିଶ ବର୍ଷ ଧରି ଭାରତୀୟ ଚଳଚ୍ଚିତ୍ରଗୁଡ଼ିକ ସେଥିରେ ସ୍ଥାନ ପାଇ ପାରି ନ ଥିଲେ। ସୁଖର କଥା, ୨୦୨୪ରେ ପାୟଲ୍ କାପାଡ଼ିଆଙ୍କ 'ଅଲ୍ ଉଇ ଇମାଜିନ୍ ଆଜ୍ ଲାଇଟ୍' ଚଳଚ୍ଚିତ୍ରଟି ଫ୍ରାନ୍ସରେ 'ଗ୍ରାଣ୍ଡ ପ୍ରିକ୍ସ' ଜିତିଛି। ନାରୀତ୍ୱ ଓ ପ୍ରବାସୀ ଅନୁଭୂତି ସମ୍ବନ୍ଧୀୟ ବହୁସ୍ତରୀୟ, ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହା ଏକ ଅତୁଳନୀୟ ଚଳଚ୍ଚିତ୍ର, ଯାହା ଯୁବ ଚିତ୍ରନିର୍ମାତାମାନଙ୍କ ପାଇଁ ଏକ ନୂଆ ମାନକ ବା ମାନଦଣ୍ଡ ସ୍ଥାପନ କରିଛି। ସେଥିରେ ଅଛି ଶବ୍ଦ ଓ ସ୍ୱରର ଯାଦୁ, ଯାହା ସ୍ୱାଧୀନୋତ୍ତର ଭାରତୀୟ ସୃଜନକଳାର ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି। କାହାଣୀକାର ଉପଯୁକ୍ତ ଶବ୍ଦ ପ୍ରୟୋଗ କରିଛନ୍ତି, ସଂଳାପ-ରଚୟିତା ସଂଳାପଗୁଡ଼ିକରେ ସମାନୁପାତରେ ପ୍ରଭାବଶାଳୀ ଶବ୍ଦଗୁଡ଼ିଏ ବ୍ୟବହାର କରିଛନ୍ତି, ଅଭିନେତା ଅଭିନେତ୍ରୀମାନେ ମଧ୍ୟ ସଂଳାପଗୁଡ଼ିକୁ ଖୁବ୍ ପ୍ରଭାବୀ ଢଙ୍ଗରେ ଉଚ୍ଚାରଣ କରିଛନ୍ତି। ତତ୍‌ସହିତ ସଙ୍ଗୀତର ସ୍ୱରରେ ରହିଛି ଅନୁପମ ମାର୍ମିକ ମଧୁରତା।

ଶବ୍ଦ ଓ ସ୍ୱରର ଏପରି ଯାଦୁକରୀ ପ୍ରଭାବ ପ୍ରସଙ୍ଗରେ ଆମେ ସ୍ୱାଧୀନୋତ୍ତର ଭାରତବର୍ଷର କେତୋଟି ଚଳଚ୍ଚିତ୍ରକୁ ଦୃଷ୍ଟାନ୍ତ ସ୍ୱରୂପ ନେଇପାରିବା। ୧୯୫୩ରେ ମୁକ୍ତିଲାଭ କରିଥିବା 'ଦୋ ବିଘା ଜମିନ୍'ରେ ଉପସ୍ଥାପିତ ହୋଇଛି କିପରି ଋଣ ଓ ପରିସ୍ଥିତିର ଚାପରେ କୃଷକମାନଙ୍କର ଦରିଦ୍ରୀକରଣ ହେଉଛି ଆଧୁନିକ ଭାରତର ଅପରିବର୍ତ୍ତନୀୟ ଦୁଃଖଦ ଘଟଣାମାନଙ୍କ ମଧ୍ୟରେ ଅନ୍ୟତମ। ବିମଳ ରାୟଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଛି ନବ ଯଥାର୍ଥବାଦ ଆଧାରିତ ଏକ ସାର୍ବଭୌମ ଅଭିରୁଚିର ବିଷୟବସ୍ତୁ, ଏକ ଅତି ଦୁଃଖୀ ପରିବାର, ବିପୁଳ ସହରୀ ନିମ୍ନବର୍ଗଙ୍କ କାହାଣୀ। ପୁରସ୍କାରପ୍ରାପ୍ତ ଏ ଚଳଚ୍ଚିତ୍ରର କାହାଣୀକାର-ସଙ୍ଗୀତକାର ହେଉଛନ୍ତି ସଲିଳ ଚୌଧୁରୀ। ଦୁର୍ଗତି, ଦୁର୍ଦ୍ଦଶା, ବିପତ୍ତି ଦ୍ୱାରା ଚାପି ହୋଇଯାଇଥିବା ନାୟକ ଭୂମିକାରେ ବଲରାଜ ସାହାଣିଙ୍କ ଅଭିନୟ ଚଳଚ୍ଚିତ୍ରକୁ ଆହୁରି ଜୀବନ୍ତ କରି ତୋଳିଥିଲା। ୧୯୫୫ ମସିହାରରେ ମୁକ୍ତିଲାଭ କରିଥିବା 'ପଥେର୍ ପାଞ୍ଚାଲି' ଚଳଚ୍ଚିତ୍ରରେ ବଙ୍ଗଳାର ରମଣୀୟ ଗ୍ରାମାଞ୍ଚଳ କିଭଳି ପରିବର୍ତ୍ତିତ ହୋଇଛି, ତା'ର ଏକ ସମ୍ବେଦନଶୀଳ, ସୂକ୍ଷ୍ମ ରୂପାୟନ କରିଛନ୍ତି ନିର୍ଦ୍ଦେଶକ ସତ୍ୟଜିତ୍ ରାୟ। ମୁଖ୍ୟ ଭୂମିକାରେ ଅଳ୍ପ ବୟସର ବାଳକ ଅଭିନୀତ ଏହି ଚଳଚ୍ଚିତ୍ରଟି ହେଉଛି ଚିତ୍ର-ଜଗତରେ କାବ୍ୟିକ ଅତିସୂକ୍ଷ୍ମବାଦର ପ୍ରଧାନ ବା ପ୍ରମୁଖ ପରିଚୟ। କ୍ୟାନିସ୍‌ଠାରେ 'ଶ୍ରେଷ୍ଠ ହ୍ୟୁମାନ୍ ଡକୁମେଣ୍ଟ' ପୁରସ୍କାର ଓ ଭାରତରେ 'ଶ୍ରେଷ୍ଠ ଫିଚର୍ ଫିଲ୍ମ ପୁରସ୍କାର'ପ୍ରାପ୍ତ ଏହି ଚଳଚ୍ଚିତ୍ରଟି ବିଶ୍ୱ ସିନେମା ମାନଚିତ୍ରରେ ଭାରତକୁ ସ୍ଥାପିତ କଲା ଏବଂ ବିଦେଶରେ ଭାରତୀୟ ଚଳଚ୍ଚିତ୍ର ସମ୍ବନ୍ଧରେ ଏକ ବିକଳ୍ପ ବିଚାର ବା ଅବଧାରଣାର ଛାପ ସୃଷ୍ଟି କଲା।

କେରଳ ଉପକୂଳବର୍ତ୍ତୀ ଅଞ୍ଚଳର ଧୀବରମାନଙ୍କ ଜୀବନକାହାଣୀ ଆଧାରରେ ରଚିତ ମାଲାୟାଲମ୍ ଲେଖକ ଥାକାଝି ଶିବଶଙ୍କର ପିଲାଇଙ୍କ ଗୀତାତ୍ମକ ଉପନ୍ୟାସ 'ଚେମିନ୍'ର କଥାବସ୍ତୁ ଆଧାରିତ ରାମୁ କରିଆଟ୍‌ଙ୍କ ନିର୍ଦ୍ଦେଶିତ ଚେମିନ୍(୧୯୬୫) ଚଳଚ୍ଚିତ୍ର ଏକ ଦୁଃଖଦ ଅନ୍ତର୍ଧାର୍ମିକ ପ୍ରେମ କାହାଣୀ ହୋଇଥିଲେ ହେଁ ସୁନ୍ଦର ଫଟୋଗ୍ରାଫି ସହିତ ସଲିଳ ଚୌଧୁରୀଙ୍କ ସ୍ମରଣୀୟ ସଙ୍ଗୀତ ଏହାକୁ ସେହିବର୍ଷର ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କୃତ କରିଥିଲା। ୧୯୭୫ରେ 'ଶୋଲେ' ଚଳଚ୍ଚିତ୍ରର ସଂଳାପଗୁଡ଼ିକୁ ଶିଶୁମାନେ ନର୍ସରୀ ରାଇମ୍‌ଠାରୁ ଅଧିକ ଭଲଭାବରେ ମନେ ରଖୁଥିଲେ। ବିବାହ କର୍ମକାଣ୍ଡରେ ଶୁଭୁଥିଲା ପୁରୋହିତଙ୍କ ମନ୍ତ୍ର ସହିତ ପୃଷ୍ଠଭୂମିରେ ଗ୍ରାମୋଫୋନ୍‌ରୁ 'ତେରା କ୍ୟା ହୋଗା କାଲିଆ'। ଥିଏଟର୍ ପରଦାରେ ଅଭିନେତାମାନଙ୍କ ପୂର୍ବରୁ ଦର୍ଶକମାନେ ସଂଳାପଗୁଡ଼ିକୁ ପୁନରାବୃତ୍ତି କରୁଥିଲେ। ନିର୍ଦ୍ଦେଶକ ରମେଶ ସିପ୍ପି ନାୟକ ଓ ଖଳନାୟକ ଚରିତ୍ରଗୁଡ଼ିକ କିପରି ଆମ ଜୀବନର ଅଂଶ ହୋଇପାରନ୍ତି ତା'ର ଗୋଟେ ମାନକ ବା ମାନଦଣ୍ଡ ପ୍ରସ୍ତୁତ କରିପାରିଥିଲେ।

୧୯୮୦ ଦଶକ ଥିଲା ଭାରତୀୟ ସିନେମା ପାଇଁ ନିଶ୍ଚୟାତ୍ମକ ବା ସ୍ୱୀକାରାତ୍ମକ ରୂପ ଗ୍ରହଣ କରିବାର ସମୟ। ତେଣୁ ୧୯୮୩ର 'ଅର୍ଦ୍ଧସତ୍ୟ'ର କାହାଣୀରେ ଜଣେ ସଚ୍ଚୋଟ ପୁଲିସ୍ ଅଧିକାରୀ ତା'ର ଦୃଢ଼, କଠୋର, ତାନାଶାହୀ ବାପା ସହିତ ସଂଘର୍ଷ ଦେଖିବାକୁ ମିଳିଲା। ଓମ୍‌ପୁରୀ, ଅନନ୍ତ ଭେଲାଙ୍କାର ପ୍ରମୁଖ ଦିଗଗଜ କଳାକାର ଅଭିନୀତ 'ଅର୍ଦ୍ଧସତ୍ୟ' ଥିଲା ଗୋଟେ ଯାଦୁକରୀ ସୁପରହିଟ୍ ଫିଲ୍ମ, ବହୁ ପୁରସ୍କାରପ୍ରାପ୍ତ, ବ୍ୟବସାୟିକ ଦୃଷ୍ଟିରୁ ଖୁବ୍ ସଫଳ। ୧୯୯୦ ଦଶକରେ ଭାରତୀୟ ଅର୍ଥନୀତିର ଉଦାରୀକରଣ ହେଲା, ଉପଗ୍ରହ-ଦୂରଦର୍ଶନ ଆମେରିକୀୟ ସାବୁନ ଓ ସଂସ୍କୃତିକୁ ମଧ୍ୟବିତ୍ତ ପରିବାରକୁ ଆଣିଲା ଏବଂ ଜଗତୀକରଣ ଦ୍ରୁତ ଗତିରେ ହିନ୍ଦୀ ସିନେମା ପାଇଁ ଏକ ଡଲାର୍-ସମୃଦ୍ଧ ଅନିବାସୀ ଭାରତୀୟ ବଜାର ସୃଷ୍ଟି କଲା। ଏହି ଦ୍ରୁତ ପରିବର୍ତ୍ତନଶୀଳ ଆର୍ଥନୀତିକ ଓ ସାଂସ୍କୃତିକ ବ୍ରହ୍ମାଣ୍ଡରେ ୧୯୯୫ରେ ମୁକ୍ତି ଲାଭ କଲା 'ଦିଲ୍‌ୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ', ଯେଉଁଥିରେ ଦୁଇ ଯୁବ ଅନିବାସୀ ଭାରତୀୟଙ୍କ ମଧ୍ୟରେ ପ୍ରେମ କାହାଣୀ ଏକ ସକାରାତ୍ମକ, ସ୍ୱୀକାରାତ୍ମକ ରୂପ ଗ୍ରହଣ କଲା। ଚଳଚ୍ଚିତ୍ରଟି କୃତ୍ରିମ ଆଧୁନିକତା ଓ ସୁଖାନୁଭୂତିଦାୟକ ପରମ୍ପରା ମଧ୍ୟରେ ସଫଳ ସନ୍ତୁଳନ ରକ୍ଷା କଲା। ୨୦୧୫ରେ ମୁକ୍ତିଲାଭ କରିଥିବା ନିର୍ଦ୍ଦେଶକ ଏସ୍.ଏସ୍. ରାଜମୌଳିଙ୍କ ମହାକାବ୍ୟ 'ବାହୁବଳୀ'ରେ ଅତ୍ୟାଧୁନିକ ଦୃଶ୍ୟ ପ୍ରଭାବ ସହିତ ଏକ କଳ୍ପିତ, ପୌରାଣିକ କଥା ସମ୍ବନ୍ଧୀୟ ଅତୀତର ସମ୍ମିଶ୍ରଣ ପ୍ରଦର୍ଶିତ ହେଲା। ବିଭିନ୍ନ ଭାଷାରେ ମୁକ୍ତିଲାଭ କରିଥିବାରୁ ସୁପରହିଟ୍, ଅତି ଲୋକପ୍ରିୟ ଏ ଚଳଚ୍ଚିତ୍ରଟି ଭାଷାଗତ ବାଧା ନଷ୍ଟ କଲା, ବହୁତ ଅଧିକ ଧନ ଅର୍ଜନ କଲା, ଯା'ର ଗୁଣଗାନଭରା ବହୁ ସମୀକ୍ଷା ମଧ୍ୟ ପ୍ରକାଶିତ ହେଲା। ଉପରୋକ୍ତ ସମସ୍ତ ଚଳଚ୍ଚିତ୍ରରେ କାହାଣୀ ଓ ସଂଳାପ ରଚୟିତା, ଗୀତିକାରମାନେ ବ୍ୟବହାର କରିଥିବା ଶବ୍ଦ ଏବଂ ଅଭିନେତା, ସଙ୍ଗୀତଜ୍ଞମାନଙ୍କ ସ୍ୱରର ଯାଦୁକରୀ ପ୍ରଭାବରେ ଦର୍ଶକ, ଶ୍ରୋତାମାନେ ମୋହିତ ହୋଇଛନ୍ତି।

ସ୍ୱାଧୀନୋତ୍ତର ଭାରତରେ ଏଭଳି କେତେକ ଉପନ୍ୟାସ କାହାଣୀ ମଧ୍ୟ ସୃଷ୍ଟି ହୋଇଛି, ଯାହାର ଶବ୍ଦ ଓ ଅନ୍ତଃସ୍ୱର ପାଠକମାନଙ୍କୁ ମୁଗ୍ଧବିଭୋର ଅର୍ଥାତ୍ ମନ୍ତ୍ରମୁଗ୍ଧ କରିଛି। କେତୋଟି ପ୍ରତିନିଧିସ୍ଥାନୀୟ ସୃଷ୍ଟିକୁ ଦୃଷ୍ଟାନ୍ତ ସ୍ୱରୂପ ଉଲ୍ଲେଖ କରାଯାଇପାରେ। ୧୯୮୧ରେ ପ୍ରକାଶିତ ସଲ୍‌ମାନ୍ ରୁସ୍‌ଦିଙ୍କ 'ମିଡ୍‌ନାଇଟ୍ସ ଚିଲ୍‌ଡ୍ରେନ୍' ବୁକର୍ ପୁରସ୍କାର, ଜେମ୍ସ ଟେଟ୍ ମେମୋରିଆଲ୍ ପୁରସ୍କାର ପ୍ରାପ୍ତ ଉପନ୍ୟାସ। ଏ ହେଉଛି ୧୯୪୭ରେ ଘଟିଯାଇଥିବା ଘଟଣା ବା ବୃତ୍ତାନ୍ତଗୁଡ଼ିକର ଗୋଟେ ଢିଲା ରୂପକ (ଅର୍ଥାତ୍ କାହାଣୀ ଭିତରେ ଆଉ ଏକ କାହାଣୀ), ଯେଉଁଥିରେ ନାୟକ ଠିକ୍ ଭାରତ ସ୍ୱାଧୀନ ହେବାର ମୁହୂର୍ତ୍ତରେ ହିଁ ଜନ୍ମ ହୋଇଛି। ଅନେକ ବର୍ଷ ଧରି ରୁସ୍‌ଦି ଗୋଟେ ଫତ୍‌ୱା ଛାୟାରେ ବାସ କଲେ। ୨୦୨୨ ଅଗଷ୍ଟ ମାସରେ ତାଙ୍କ ଉପରେ ଆକ୍ରମଣ ହେଲା, କିନ୍ତୁ ବଞ୍ଚିଗଲେ। ସେହି ଆକ୍ରମଣ ଘଟଣା ଆଧାରରେ ପ୍ରକାଶ ପାଇଛି ତାଙ୍କର ସଦ୍ୟତମ ଉପନ୍ୟାସ 'ନାଇଫ୍'। ୧୯୮୬ରେ ପ୍ରକାଶ ପାଇଛି ବିକ୍ରମ ସେଠ୍‌ଙ୍କ 'ଦି ଗୋଲ୍‌ଡେନ୍ ଗେଟ୍', ଯେଉଁଥିପାଇଁ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଘରେ ଘରେ ସେ ପରିଚିତ। ଉପନ୍ୟାସଟି ଛନ୍ଦକବିତା ଆକାରରେ ଲିଖିତ, ୫୯୦ଗୋଟି ଓନେଜିନ୍ ଷ୍ଟାଞ୍ଜା ବା ପୁସ୍କିନ୍ ସନେଟ୍ ସେଥିରେ ଅଛି। ଚାର୍ଲ୍ସ ଜନ୍‌ଷ୍ଟନ୍ କରିଥିବା ପୁସ୍କିନ୍‌ଙ୍କ 'ଇଉଜିନ୍ ଓନେଜିନ୍'ର ଅନୁବାଦ ଦ୍ୱାରା ସେଠ୍ ପ୍ରଭାବିତ। ସାତ ବର୍ଷ ପରେ ପ୍ରକାଶ ପାଇଛି ସେଠ୍‌ଙ୍କର ଅନ୍ୟ ଏକ ସଫଳ ଓ ଅତି ଲୋକପ୍ରିୟ ଉପନ୍ୟାସ 'ଏ ସୁଇଟେବଲ୍ ବୟ୍'। ୧୯୮୮ରେ ପ୍ରକାଶିତ ଅମିତାଭ୍ ଘୋଷ୍‌ଙ୍କ 'ଦି ସ୍ୟାଡୋ ଲାଇନ୍ସ' ସ୍ୱଦେଶୀ ଆନ୍ଦୋଳନ, ୨ୟ ବିଶ୍ୱଯୁଦ୍ଧ, ବିଭାଜନ ଏବଂ ଢାକା ଓ କଲିକତାରେ ୧୯୬୩-୬୪ରେ ସାମ୍ପ୍ରଦାୟିକ ଦଙ୍ଗା ଇତ୍ୟାଦି ଐତିହାସିକ ଘଟଣାର ପୃଷ୍ଠଭୂମିରେ ରଚିତ। ଏଥିରେ ଉପସ୍ଥାପିତ ହୋଇଛି ସୀମାନ୍ତ ରେଖାଗୁଡ଼ିକର ଅସାରତା, ନିରର୍ଥକତା।

ଅରୁନ୍ଧତୀ ରାୟଙ୍କର ପ୍ରଥମ ଉପନ୍ୟାସ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ବୁକର୍ ପୁରସ୍କାର ଲାଭ କଲା ୧୯୯୭ ବର୍ଷରେ। ହାର୍ପର୍ କଲିନ୍ସର ସମ୍ପାଦକ ପଙ୍କଜ ମିଶ୍ର ଏ ଉପନ୍ୟାସର ପ୍ରାରୂପଟିକୁ ବ୍ରିଟିଶ୍ ପ୍ରକାଶକମାନଙ୍କ ନିକଟକୁ ପଠାଇଲେ ଓ ଅରୁନ୍ଧତୀ ପାଞ୍ଚଲକ୍ଷ ପାଉଣ୍ଡ ଅଗ୍ରିମ ଅର୍ଥ ପ୍ରାପ୍ତ କଲେ। ତାଙ୍କ ମତରେ, 'ମହାନ୍ ଗପଗୁଡ଼ିକ ହେଉଛି ତାହା ଯାହାକୁ ଆପଣ ଶୁଣିଛନ୍ତି ଓ ପୁଣିଥରେ ଶୁଣିବାକୁ ଇଚ୍ଛା କରୁଛନ୍ତି। ଗପର ଯେକୌଣସି ପୃଷ୍ଠା ପଢ଼ିଲେ ବି ତାହା ସୁଖପାଠ୍ୟ ହେବ।' ପ୍ରତିଷ୍ଠିତ ଉପନ୍ୟାସ 'କ୍ଲିଅର୍ ଲାଇଟ୍ ଅଫ୍ ଡେ'ର ଲେଖିକା ଅନିତା ଦେଶାଇ ଥିଲେ ଜଣେ ମାର୍ଗଦର୍ଶକ। ତାଙ୍କ ଝିଅ କିରଣ ଦେଶାଇ 'ଦି ଇନ୍‌ହେରିଟାନ୍ସ ଅଫ୍ ଲସ୍' ଉପନ୍ୟାସ ରଚନା କରି ୨୦୦୭ ମସିହାରେ ମାତ୍ର ୩୫ବର୍ଷ ବୟସରେ ମ୍ୟାନ୍‌ବୁକର୍ ପୁରସ୍କାର ଲାଭକଲେ। ଉପନ୍ୟାସଟିରେ ରହିଛି ୧୯୯୦ ଦଶକ ମଧ୍ୟଭାଗର ବିଶ୍ୱୀକରଣ ବା ଭୂମଣ୍ଡଳୀକରଣ, ଆତଙ୍କବାଦ ଓ ଅପ୍ରବାସର କାହାଣୀ। ଯେତେବେଳେ ଅମିଶ୍ ତ୍ରିପାଠୀଙ୍କ ପ୍ରଥମ ଉପନ୍ୟାସ ଓ ଶିବ ଉପନ୍ୟାସତ୍ରୟୀର ପ୍ରଥମ ପୁସ୍ତକ 'ଦି ଇମୋର୍ଟାଲ୍ସ ଅଫ୍ ମେଲୁହା' ୨୦୧୦ ବର୍ଷରେ ପ୍ରକାଶ ପାଇଲା ଭାରତୀୟ ଇଂରାଜୀ ଲେଖାରେ ଗୋଟେ ନୂଆ ଧାରା ବା ପ୍ରବାହର ପ୍ରଚଳନ ହେଲା - ପୌରାଣିକ ଉପନ୍ୟାସ। ଚେତନ ଭଗତଙ୍କ ସହିତ ସେ ମଧ୍ୟ ଥିଲେ ଇଂରାଜୀରେ ଲୋକପ୍ରିୟ ଲେଖାଗୁଡ଼ିକୁ ବ୍ୟବସାୟିକ ଦୃଷ୍ଟିରୁ ଯୋଗ୍ୟ କରିବା ଦିଗରେ ଜଣେ ମୁଖ୍ୟ ସଞ୍ଚାଳକ।

ଉପରୋକ୍ତ କଥାକାରମାନଙ୍କ ଉପନ୍ୟାସ ଓ ଗଳ୍ପଗୁଡ଼ିକରେ ଚରିତ୍ରମାନେ ପରସ୍ପର ସହିତ କଥା ହେଲାବେଳେ କିମ୍ବା ପରିସ୍ଥିତି, ଘଟଣା ପ୍ରତି ପ୍ରତିକ୍ରିୟା ପ୍ରକାଶ କଲାବେଳେ ସେମାନଙ୍କ ସ୍ୱରରେ ଯଥାର୍ଥ ଆବେଗ ଭରି ରହିଛି। ପାଠକ, ଦର୍ଶକ ଓ ଶ୍ରୋତାମାନଙ୍କୁ ସେହି ବାର୍ତ୍ତା ପ୍ରଦାନ କରୁଛି ପାୟଲ୍ କାପାଡ଼ିଆଙ୍କ ୨୦୨୪ର 'ଅଲ୍ ଉଇ ଇମାଜିନ୍ ଆଜ୍ ଲାଇଟ୍' ଚଳଚ୍ଚିତ୍ରଟି। ସ୍ୱାଧୀନନୋତ୍ତର ଭାରତର ସୃଜନ ସାହିତ୍ୟ ଓ କଳା କ୍ଷେତ୍ରରେ ଶବ୍ଦ ଓ ସ୍ୱରର ଏପରି ପ୍ରଭାବ ସତରେ ଅତ୍ୟନ୍ତ ଯାଦୁକରୀ ଓ ଚୁମ୍ବକୀୟ।

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

## ଆଧୁନିକତ୍ୱର ଆଧିପତ୍ୟରେ ହଜିଗଲାଣି ଗାଁ ଚଳଣି

**ମୋନାଲିସା ମହାନ୍ତି**

ଆଧୁନିକ ପରମ୍ପରାକୁ ଆପଣାଇବାକୁ ଯାଇ ମନୁଷ୍ୟ ତା' ରୁଚିରେ ବହୁ ପରିବର୍ତ୍ତନ ଆଣିଛି। ସମସ୍ତେ ନିଜର ଜୀବନଶୈଳୀକୁ ସମୟର ତାଳେ ତାଳେ ଗତିଶୀଳ କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି। ଏହାର ପ୍ରଭାବ ଆମ ଗ୍ରାମ୍ୟ ସଂସ୍କୃତି ଓ ଚାଲିଚଳଣ ଉପରେ ମଧ୍ୟ ପଡ଼ିଛି। କଟକ ରେଡିଓ ଷ୍ଟେସନ ବନ୍ଦ ହୋଇନି। ସମୟାନୁସାରେ ଖବର ପଢୁଛନ୍ତି ସମ୍ବାଦ ପାଠକ ଏବଂ କାର୍ଯ୍ୟକ୍ରମ ଉପସ୍ଥାପନା କରୁଛନ୍ତି ଘୋଷକ/ଘୋଷିକା। କିନ୍ତୁ ଶୁଣୁନାହାନ୍ତି ଗାଁଗଣ୍ଡାର ଶ୍ରୋତା। ରେଡିଓ ବଦଳରେ ଘରେ ଘରେ ଏଲଇଡି ଟିଭି ପ୍ରଚଳନ ହେଲାଣି। ପ୍ରତି ଘଣ୍ଟାରେ କେବୁଲ ଟିଭିରେ ଛବି ସହ ତଟକା ଖବର ଦେଖୁଛନ୍ତି ଓ ଶୁଣୁଛନ୍ତି ମଫସଲ ଅଞ୍ଚଳ ଲୋକେ। ତେଣୁ ରେଡିଓ ବିକ୍ରି ହେଉଥିବା ଦୋକାନ ଆଉ ଦେଖିବାକୁ ମିଳୁନି।

ପୂର୍ବରୁ ମଫସଲ ଅଞ୍ଚଳରେ ଭୁଆସୁଣି ରାତି ପାହିଲେ ପିଣ୍ଡାରେ ଗୋବର ପାଣି ଛିଞ୍ଚା ଆରମ୍ଭ କରୁଥିବା ବେଳେ ଘର ଭିତରୁ ରେଡିଓରୁ ବାହାରି ଆସେ ଭିକାରୀ ବଳ ଓ ପ୍ରଫୁଲ୍ଲ କରଙ୍କ ବିଭିନ୍ନ ଜଗନ୍ନାଥ ଭଜନର ସ୍ୱର। ପରେ ପରେ ଚାଷୀଭାଇଙ୍କ ପାଇଁ ଚାଷ ଖବର ଶୁଣି ହଳଲଙ୍ଗଳ ବାହାର କରୁଥିଲେ ଗାଁ ଲୋକେ। ଏବେ ଆଉ ତାହା ନାହିଁ। ରାତି ପାହିଲେ ଆଉ ଉଠୁ ନାହାନ୍ତି ଲୋକେ, ବରଂ ଉଠୁଉଠୁ ଜିମ୍ ଲକ୍ଷ୍ୟରେ ପାଖ ବଜାରକୁ ବାହାରି ଯାଉଛନ୍ତି ଯୁବକ ଯୁବତୀ। ଚାଷବାସ ସମୟରେ ବିଲକୁ ପୁରୁଷମାନେ ଯିବା ପାଇଁ ଘରେ ମହିଳାମାନେ ସକାଳୁ ସକାଳୁ ଶିଳରେ ଚାଉଳ ବାଟି ପିଠା କରିବାକୁ ଲାଗି ପଡୁଥିଲେ। ସମୟଚକ୍ରରେ ତାହା ବି ହଜି ଗଲାଣି। ପିଠା ବଦଳରେ ଏବେ ପିଜା ଖୋଜୁଛନ୍ତି ଲୋକେ। ଶିଳ ଓ ଶିଳପୁଆ ବଦଳରେ ଘରେ ଘରେ ଗ୍ରାଇଣ୍ଡର ବ୍ୟବହାର ହେଲାଣି। ପିଠାପଣା ଆଉ ନାହିଁ, ଯେଉଁଥି ପାଇଁ ବାର ମାସରେ ତେର ପର୍ବକୁ ଭୁଲି ଗଲେଣି ଏବେକାର ଲୋକେ। ଫେସ୍‌ବୁକରେ ପାଳିତ ହେଉଛି ପର୍ବପର୍ବାଣୀ। ପଖାଳ ଗାଁ ଦାଣ୍ଡରୁ ଉଠି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଦିନ ମଜୁରିଆ ବିଲକୁ ସକାଳ ୯ଟାରେ ଯାଉଛନ୍ତି। ସେମାନେ ଆଉ ଚାଷ ଓ କ୍ଷେତକୁ ଭଲ ପାଉନାହାନ୍ତି। କେମିତି ଘଣ୍ଟା ହିସାବରେ ମଜୁରୀ ନେବେ ସମୟକୁ ଅନାଇ ରହୁଛନ୍ତି। ଶ୍ରବଣ ମାସ ଚାଷ ଶେଷରେ ନିଜ ପିଣ୍ଡାରେ ଚଷାଭାଇ ବୁଣୁଥିଲେ ମସିଣା, ହେଁସ, ଅନ୍ଧିଲି, ଖଇଁଚି ଆଦି। ଏପରିକି ଚାଷକାମ ସରିଥିବାରୁ ଘରର ସ୍ତ୍ରୀ ଲୋକମାନେ ବାଡ଼ିରେ ଥିବା ନଡ଼ିଆ ବାହୁଙ୍ଗାରୁ ପତ୍ର କାଢ଼ି ସେଥିରୁ ପିଣ୍ଡା ମସିଣା ତିଆରି କରୁଥିବା ବେଳେ ନଡ଼ିଆ କଞ୍ଚି କାଢ଼ି ପହଁରା ତିଆରି କରିବା ସହ ଘରର ବିଭିନ୍ନ ଉପକରଣ ସାମଗ୍ରୀ ତିଆରି କରୁଥିଲେ। ଏବେ ଯାହା କିଛି ଆବଶ୍ୟକ ପଡ଼ିଲା ସହରକୁ ଯାଇ ଫର୍ଣ୍ଣିଚର ଦୋକାନରୁ ଯାହାକୁ ଯେତେ ଘର ଉପକରଣ କିଣି ଆଣୁଛନ୍ତି। ତେଣୁ ଏବେକାର ପିଲା ଅନ୍ଧିଲି ଓ ଖଇଁଚି କ'ଣ ବୋଲି ପ୍ରଶ୍ନ କରୁଛନ୍ତି।

ପୂର୍ବରୁ ଗାଁ ଦାଣ୍ଡରେ ଲୋକଙ୍କ କାମକାର୍ଯ୍ୟ ଓ ଭୋଜିଭାତ ବେଳେ ପେଟ୍ରୋମାକ୍ସ ଲାଇଟ୍‌ର ଖୋଜା ପଡୁଥିଲା। ଯୁଗ ବଦଳିବା ସହ ରୁଚି ବି ବଦଳି ଗଲାଣି। ବରଯାତ୍ରୀ ଶୋଭାଯାତ୍ରାରେ ଡିଜେ ବାଜା ସାଙ୍ଗକୁ ଅତ୍ୟାଧୁନିକ ରଙ୍ଗବେରଙ୍ଗର ଲାଇଟ ଏବେ ଗାଁ ଦାଣ୍ଡକୁ ଦୁଲୁକାଇବା ସହ ଚମକାଉଛି। ଏହା ସାଙ୍ଗକୁ ଗାଁମୁଣ୍ଡ ବରଗଛ ମୂଳେ ଖେଳା ଯାଉଥିବା କବାଡ଼ି, ଗଛ ବାଗୁଡ଼ି ଲୋପ ପାଇଯାଇଥିବା ବେଳେ କୋମଳମତି ଛାତ୍ରଛାତ୍ରୀ ଗାଁ ଦାଣ୍ଡରେ ଖେଳୁଥିବା କାଚ ଗୋଟି, ନଟୁ, କାଉଡ଼ାବୁଳ ଖେଳ ମଧ୍ୟ ଆଉ ନାହିଁ। ଯୁବତୀମାନେ ଖେଳୁଥିବା ବୋହୂବୋହୂକା, ପୁଚି ଆଉ ନାହିଁ। ସେମାନଙ୍କ ଜାଗା ନେଇଛି ମୋବାଇଲ ଓ ଫେସ୍‌ବୁକ୍। ମହିଳାମାନେ ଅପରାହ୍ନରେ ଲୁଡୁ କିମ୍ବା ତାସ ଖେଳି ସମୟ ବିତାଉଥିଲେ। ଆଉ ତାହା ଦେଖିବାକୁ ମିଳୁନି। ରୋଷେଇ କରୁ କରୁ କାନ୍ଥରେ ଲାଗିଥିବା ଏଲଇଡି ଟିଭିରେ ସିରିଏଲ ଦେଖିବାରେ ବ୍ୟସ୍ତ ରହୁଛନ୍ତି ମହିଳା।

ସେହିଭଳି ସନ୍ଧ୍ୟା ହେଲେ ଗାଁ ମଝିରେ ଥିବା ଭାଗବତ ଟୁଙ୍ଗିରେ ଏକତ୍ରିତ ହେଉଥିଲେ ଲୋକେ। ସେଠାରେ ପୁରାଣ ଓ ଭାଗବତ ପାଠ କରୁଥିବା ବ୍ୟକ୍ତିବିଶେଷଙ୍କ କଥା ଶୁଣି ଘରକୁ ଫେରୁଥିଲେ। ଯେଉଁଥିପାଇଁ ଗାଁ ଗଣ୍ଡାରେ ଉପୁଜୁଥିବା ସମସ୍ୟା ଓ କଳି ସେହିଠାରେ ତୁଟି ଯାଉଥିଲା। ଏବେ କିନ୍ତୁ କଥାରେ କଥାରେ ଥାନା, ପୁଲିସ, କୋର୍ଟ ଓ କଚେରି। ଏଥିପାଇଁ ବୁଡ଼ିଗଲାଣି ସମ୍ପର୍କର ଡୋରି, ହଜିଗଲାଣି ମାନବିକତା।

ଆଗରପଡ଼ା(ଭଦ୍ରକ), ମୋ: ୯୭୭୭୦୬୨୪୬୫

## ସ୍ୱାଡେକ୍ସ: ମହାକାଶ କେନ୍ଦ୍ର ସ୍ଥାପନର ପ୍ରଥମ ପାହାଚ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

୨୦୨୪ ମସିହା ଥିଲା ଭାରତୀୟ ମହାକାଶ ବିଜ୍ଞାନ କ୍ଷେତ୍ରରେ ସଫଳତାର ଆଉ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିବାର ଗୌରବମୟ ବର୍ଷ। ଗତ ଡିସେମ୍ବର ୩୦, ପୂର୍ବାହ୍ନ ୧୦ଟାରେ ପିଏସ୍‌ଏଲ୍‌ଭି-ସି ୬ ଉତ୍କ୍ଷେପକ ସାହାଯ୍ୟରେ ଶ୍ରୀହରିକୋଟା ମହାକାଶକେନ୍ଦ୍ରରୁ ବିଶେଷଭାବେ ନିର୍ମିତ ଉତ୍କ୍ଷେପଣ ଶଯ୍ୟା (ଲଞ୍ଚ ପ୍ୟାଡ୍)ରୁ ଦୁଇଟି କ୍ଷୁଦ୍ର କୃତ୍ରିମ ଉପଗ୍ରହ ଏବଂ ଅନ୍ୟାନ୍ୟ ବହୁ ପରୀକ୍ଷା ନିରୀକ୍ଷା ପାଇଁ ଉଦ୍ଦିଷ୍ଟ ଉପକରଣ ଉତ୍କ୍ଷେପଣ ହେବା ସହିତ ଆରମ୍ଭ ହେଲା ଭାରତର ବହୁପ୍ରତୀକ୍ଷିତ ସ୍ୱାଡେକ୍ସ ମିଶନ। ଏହି ମିଶନ୍‌ର ଲକ୍ଷ୍ୟ ହେଲା ମହାକାଶରେ ଦୁଇଟି କୃତ୍ରିମ ଉପଗ୍ରହକୁ ପରସ୍ପର ସହିତ ସଂଯୋଗ (ଡକିଂ) କରିବା।

ଏହି କୃତ୍ରିମ ଉପଗ୍ରହ ଦୁଇଟି ହେଲା 'ଏସ୍‌ଡିଏକ୍ସ-୦୧' ଓ 'ଏସ୍‌ଡିଏକ୍ସ-୦୨'। ସେ ଦୁଇଟିକୁ ଯଥାକ୍ରମେ 'ଅନ୍ୱେଷକ' ଏବଂ 'ଲକ୍ଷ୍ୟସ୍ଥଳ' ରୂପେ ମଧ୍ୟ ସୂଚୀତ କରାଯାଏ। କାରଣ ପରସ୍ପରଠାରୁ ଅଲଗା ହେଲା ପରେ ପ୍ରଥମଟି ଦ୍ୱିତୀୟଟିକୁ ଅନୁସରଣ କରିବାକୁ ଲାଗିଲା। କ୍ରମେ ସେମାନଙ୍କ ମଧ୍ୟରେ ଦୂରତ୍ୱ ପ୍ରାୟ ୨୦ କିଲୋମିଟରକୁ ବୃଦ୍ଧି ପାଇଲା। ଏପରିଭାବେ ୪ଦିନ ବିତିଲା ପରେ ଆରମ୍ଭ କରାଗଲା ସେମାନଙ୍କ ସଂଯୋଗ ବା 'ଡକିଂ' ଉଦ୍ୟମ। ଏଥିରେ ପ୍ରଥମଟିକୁ ଧୀର ମନ୍ଥର ଗତିରେ ଦ୍ୱିତୀୟଟିର ନିକଟବର୍ତ୍ତୀ କରାଗଲା। କ୍ରମେ ସେମାନଙ୍କ ମଧ୍ୟରେ ଦୂରତା ୫ କିଲୋମିଟରକୁ ହ୍ରାସ ପାଇଲା ଏବଂ ରେଡିଓ ସଂଯୋଗ ସ୍ଥାପିତ ହେଲା। ଫଳରେ ସେ ଦୁଇ ଉପଗ୍ରହ ମଧ୍ୟରେ ଅବସ୍ଥିତି, ଗତିର ଦିଗ ଓ ବେଗ ଏବଂ ଅନ୍ୟାନ୍ୟ ସୂଚନା ଆଦାନପ୍ରଦାନ ସମ୍ଭବ ହୋଇପାରିଲା। କ୍ରମଶଃ ଦୂରତ୍ୱକୁ ୧.୫ କିଲୋମିଟରକୁ ହ୍ରାସ କରାଯାଇ ବାଙ୍ଗାଲୋରସ୍ଥିତ 'ଲାବୋରଟେରୀ ଫର ଇଲେକ୍‌ଟ୍ରୋ-ଅପଟିକସ୍ ସିଷ୍ଟମସ୍' ଦ୍ୱାରା ବିକଶିତ ସଂବେଦକଗୁଡ଼ିକ (ସେନ୍‌ସର) ମାଧ୍ୟମରେ ସଂଯୋଗ ବା 'ଡକିଂ' ପ୍ରକ୍ରିୟା ଆରମ୍ଭ କରିବା ଲାଗି ସବୁ ଠିକ୍ ଠାକ୍ ଥିବାର ଜଣାପଡ଼ିଲା। ତପ୍ରେ 'ଅନ୍ୱେଷକ'କୁ 'ଲକ୍ଷ୍ୟସ୍ଥଳ' ଦିଗରେ ସେକେଣ୍ଡ ପ୍ରତି ୧୦ ମିଲିମିଟର ବେଗରେ ଗତି କରାଗଲା। ଜାନୁଆରୀ ୭ ତାରିଖ ଦିନ ସେ ଦୁଇଟିର 'ଡକିଂ' କରାଇବା ଲାଗି ଯୋଜନା ହୋଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତହିଁରେ କେତେ ତ୍ରୁଟି ପରିଲକ୍ଷିତ ହେବାରୁ ସ୍ଥଗିତ ରଖାଯାଇ କୃତ୍ରିମ ଉପଗ୍ରହ ଦୁଇଟିକୁ ଦୂରେଇ ନିଆଗଲା। ପୁନଶ୍ଚ ଜାନୁଆରୀ ୧୦ ତାରିଖ ଏବଂ ୧୨ ତାରିଖ ଦିନ ମଧ୍ୟ ସମାନ କାରଣରୁ 'ଡକିଂ' ପ୍ରକ୍ରିୟାକୁ ଶେଷମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। ଶେଷରେ ଗତ ୧୬ ତାରିଖ ଦିନ ଏହା ସଫଳତାର ସହ ସମ୍ପାଦିତ ହେଲା। ଏଥିସହିତ ଆମେରିକା, ରୁଷ୍ ଓ ଚୀନ୍ ପରେ ଏ ମିଶନ୍‌ରେ ସଫଳତା ହାସଲ କରି ଭାରତ ବିଶ୍ୱର ଚତୁର୍ଥ ଦେଶ ଭାବେ ଇତିହାସ ରଚନା କଲା।

ୟୁ ଆର୍ ରାଓ ସାଟେଲାଇଟ୍ ସେଣ୍ଟରର ନିର୍ଦ୍ଦେଶକ ଏମ୍ ଶଙ୍କରନ୍‌ଙ୍କ କହିବା ଅନୁଯାୟୀ ସ୍ୱାଡେକ୍ସ ପ୍ରକଳ୍ପ ସମ୍ପର୍କରେ ପ୍ରଥମେ ଚିନ୍ତା କରାଯାଇଥିଲା ୧୯୮୯ ମସିହାରେ। ସେତେବେଳେ ଏ ପ୍ରଯୁକ୍ତିବିଦ୍ୟାରେ ଆମ ବୈଜ୍ଞାନିକମାନଙ୍କ ଧାରଣା ଥିଲା ସୀମିତ। ୨୦୧୬ରେ ଏ ପ୍ରକଳ୍ପକୁ ମଞ୍ଜୁରୀ ମିଳିଲା ଏବଂ ଗୁରୁତ୍ୱର ସହ କାର୍ଯ୍ୟ ଆରମ୍ଭ ହେଲା। ଏଥିରେ ବ୍ୟୟର ଅଟକଳ କରାଯାଇଛି ୩୭୦ କୋଟି ଟଙ୍କା।

ସ୍ୱାଡେକ୍ସ ମିଶନ ମହାକାଶରେ ଦୁଇଟି କୃତ୍ରିମ ଉପଗ୍ରହମାନଙ୍କ 'ଡକିଂ' ପରୀକ୍ଷା କରିବାକୁ ଅଭିପ୍ରେତ ଥିଲେ ହେଁ ଏହାକୁ ବହନ କରି ନେଇଥିବା 'ପୋଲାର ଅର୍ବିଟାଲ୍ ଏକ୍ସପେରିମେଣ୍ଟାଲ ମଡୁଲ' ବା 'ପୋଏମ୍' ଆହୁରି ୨୪ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ବ୍ୟବସ୍ଥାମାନ ମଧ୍ୟ ବହନ କରି ନେଇଛି। ତନ୍ମଧ୍ୟରୁ ୧୪ଟି ଇସ୍ରୋର ନିଜସ୍ୱ ଥିବା ବେଳେ ଅବଶିଷ୍ଟ ୧୦ଟି ଦେଶର ବିଭିନ୍ନ ଗବେଷଣା ସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ଅନ୍ୟ କେତେକ ସଫଳ ହୋଇସାରିଲାଣି। ଉଦାହରଣସ୍ୱରୂପ ଇସ୍ରୋ ଦ୍ୱାରା ମହାକାଶରେ ବରବୁଡ଼ି ମଞ୍ଜିର ଗଜାହେବା ଏବଂ ସେଥିରୁ ଦୁଇଟି ପତ୍ର ବାହାରିବା ପର୍ଯ୍ୟନ୍ତ ବଢ଼ିବା ପରୀକ୍ଷା ଇତିମଧ୍ୟରେ ସମାପ୍ତ ହୋଇସାରିଛି। ଏଥିରୁ ସେଠାରେ ସୂକ୍ଷ୍ମ ମାଧ୍ୟକର୍ଷଣ ଶକ୍ତି ମଧ୍ୟରେ ଉଦ୍ଭିଦ କିପରି ବଢ଼ି ପାରିବ, ତାହା ଜଣାପଡ଼ିଛି। ସେହିପରି ମୁମ୍ବାଇସ୍ଥିତ ଆମିଟି ବିଶ୍ୱବିଦ୍ୟାଳୟ ପାଳଙ୍ଗଗଛ ଉପରେ ପରୀକ୍ଷାଟିଏ କରିବାର ବ୍ୟବସ୍ଥା ରଖିଛି।

ସ୍ୱାଡେକ୍ସ ମିଶନର ମୁଖ୍ୟ ପରୀକ୍ଷା କୃତ୍ରିମ ଉପଗ୍ରହ ଦୁଇଟିର 'ଡକିଂ' ବା ମିଳନ ଆମ ମହାକାଶ ବିଜ୍ଞାନ ପାଇଁ ହେବ ଅତି ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଚନ୍ଦ୍ରଯାନ-୪, ଗଗନାୟନ ଆଦି କାର୍ଯ୍ୟକ୍ରମର ସଫଳତାରେ ଏହାର ବ୍ୟାପକ ଭୂମିକା ରହିବ। ସେହିପରି ଆମ ଦେଶ ୨୦୩୫ ମସିହାରେ ସ୍ଥାପନ କରିବାକୁ ଯାଉଥିବା ମହାକାଶ କେନ୍ଦ୍ର ସ୍ଥାପନର ସଫଳତା ଦିଗରେ ଏହା ହେବ ପ୍ରଥମ ଏବଂ ପ୍ରଧାନ ପାହାଚ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ମଙ୍ଗଳବାର
୨୧ ଜାନୁଆରୀ, ୨୦୨୫



■ ରାଜ୍ୟରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି

# ପ୍ରାଥମିକ ବିଦ୍ୟାଳୟରେ ଖୋଲିବ 'ଶିଶୁ ବାଟିକା'

**ଭୁବନେଶ୍ୱର,୨୦।୧(ସମିସ):** ନୂଆ ଶିକ୍ଷାବର୍ଷରୁ ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ହେବାକୁ ଯାଉଛି। ଏଥିପାଇଁ ପିଲାମାନଙ୍କ ନାମଲେଖା ବୟସ ଓ ଶ୍ରେଣୀ ବିଭାଗର ଢାଞ୍ଚା ସଂପର୍କରେ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ଶିକ୍ଷା ପଦ୍ଧତି ଅନୁସାରେ, ପ୍ରାଥମିକ ଶିକ୍ଷା ସ୍ତରରେ ପ୍ରଥମଥର ପାଇଁ ପ୍ରି-ସ୍କୁଲ୍ ଶିକ୍ଷା ବା 'ଶିଶୁ ବାଟିକା' ଖୋଲିବ। ୫ରୁ ୬ବର୍ଷ ବୟସର ପିଲାମାନେ ତହିଁରେ ନାମ ଲେଖାଇବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ଶିକ୍ଷାନୀତି ଅନୁସାରେ ପିଲାଙ୍କ ନାମଲେଖା ବୟସରେ ମଧ୍ୟ ପରିବର୍ତ୍ତନ ହୋଇଛି। ପୂର୍ବରୁ ୫ ବର୍ଷ ପୂରଣ ହେଲେ ପ୍ରଥମ ଶ୍ରେଣୀରେ ନାମଲେଖା ହେଉଥିଲା। ଏଥିରେ ପରିବର୍ତ୍ତନ କରାଯାଇଛି। ୬ ବର୍ଷ ପୂରଣ ହେବା ପରେ ଯାଇ ଜଣେ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇ ପାରିବ। ଆସନ୍ତା ୨୦୨୫-୨୬ ଶିକ୍ଷାବର୍ଷରେ ସେପ୍ଟେମ୍ବର ପହିଲାରୁ ଏହା ଲାଗୁ ହେବ। ଏନ୍ଇପି ଲାଗୁ ହେବା ପରେ ପାଠପଢ଼ା ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ହୋଇଛି। ପୂର୍ବରୁ ଦଶମ ଓ ଦ୍ୱାଦଶ (୧୦+୨) ଶ୍ରେଣୀ ଢାଞ୍ଚାରେ ୧୮ ବର୍ଷ ପର୍ଯ୍ୟନ୍ତ ପାଠ ପଢୁଥିଲେ ଛାତ୍ରଛାତ୍ରୀ। ଏହା ପରିବର୍ତ୍ତନ ହୋଇ ୫+୩+୩+୪ ଢାଞ୍ଚା ହେଇଛି। ଏହି ଚାରୋଟି ବର୍ଗକୁ ଯଥାକ୍ରମେ ପ୍ରାରମ୍ଭ ବା ମୌଳିକ, ପ୍ରସ୍ତୁତି, ମଧ୍ୟ ଏବଂ ମାଧ୍ୟମିକ ସ୍ତର ଭାବେ ନାମକରଣ କରାଯାଇଛି। ଛାତ୍ରଛାତ୍ରୀମାନେ ୩ ବର୍ଷରୁ ନାମ ଲେଖାଇବେ।

- ■ ପ୍ରି ସ୍କୁଲ୍ ଶିକ୍ଷାରେ ୫-୬ ବର୍ଷ ବୟସର ପିଲା
- ■ ୬ ବର୍ଷ ପୂରଣ ହେଲେ ପଢ଼ିବେ ପ୍ରଥମ ଶ୍ରେଣୀ
- ■ ୧୮ ବର୍ଷ ବୟସ ପରେ ଦ୍ୱାଦଶ ଶ୍ରେଣୀରୁ ଉତ୍ତୀର୍ଣ୍ଣ

■ ବିଜ୍ଞପ୍ତିକୁ ଦେଢ଼ ବର୍ଷ ବିତିଲା; ଫରେଷ୍ଟର, ଫରେଷ୍ଟ ଗାର୍ଡ ନିଯୁକ୍ତି ନୋହିଲା

# ଶାରୀରିକ ପରୀକ୍ଷା କର; ନ ହେଲେ ଦାଦନ ଯିବୁ

**ଭୁବନେଶ୍ୱର, ୨୦।୧(ସମିସ):** ଅଧାରେ ଲଟକିଛି ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ଲାଇଭଷ୍ଟକ୍ ଇନ୍ସପେକ୍ଟର ନିଯୁକ୍ତି ପ୍ରକ୍ରିୟା। ଲିଖିତ ପରୀକ୍ଷା ପରେ ମେଧା ତାଲିକା ପ୍ରକାଶ ପାଇବାର ପ୍ରାୟ ସାଢ଼େ ଚାରି ମାସ ବିତିଲାଣି। ହେଲେ ଶାରୀରିକ ପରୀକ୍ଷା ପାଇଁ ପଦକ୍ଷେପ ନେଉ ନାହାନ୍ତି ସରକାର। ଏକାଧିକ ଥର ଆଶାର୍ଥୀମାନେ ରାଜଧାନୀର ରାଜରାସ୍ତାରେ ଆନ୍ଦୋଳନ କଲେଣି। କାନ ଧରି ଆଣ୍ଠେଇବା ସହ ପରୀକ୍ଷା ଦେଇ ଭୁଲ୍ ହୋଇଛି କି ବୋଲି ପ୍ରଶ୍ନ କରିଛନ୍ତି। ଏହାପରେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳରେ ଆଶାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅହେତୁକ ବିଳମ୍ବ କାରଣରୁ ଶାରୀରିକ ପରୀକ୍ଷା ପାଇଁ ପ୍ରସ୍ତୁତି କରିପାରୁ ନାହାନ୍ତି କି ଅନ୍ୟ କୌଣସି ପରୀକ୍ଷା ପାଇଁ ପଢ଼ି ପାରୁନଥିବା କ୍ଷୋଭର ସହ କହିଛନ୍ତି। ଆସନ୍ତା ୨୭ ତାରିଖ ମଧ୍ୟରେ ଶାରୀରିକ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରନ୍ତୁ। ନହେଲେ ୨୮ ତାରିଖରେ ସମସ୍ତ ମେଧାବୀ ଟ୍ରେନ୍‌ରେ ଦାଦନ ଯିବେ ବୋଲି ସୋମବାର ଏକ ସାମ୍ବାଦିକ ସମ୍ମିଳନୀ କରି ଆଶାର୍ଥୀମାନେ କହିଛନ୍ତି। ସୂଚନାଯୋଗ୍ୟ, ଏସବୁ ପଦରେ ନିଯୁକ୍ତି ପାଇଁ ୨୦୨୩ ସେପ୍ଟେମ୍ବର ୨୦ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪ ଏପ୍ରିଲ୍ ମାସରେ ଲିଖିତ ପରୀକ୍ଷା ସରବା ସହ ସେପ୍ଟେମ୍ବର ୨ ତାରିଖରେ ଏହାର ମେଧା ତାଲିକା ପ୍ରକାଶ ପାଇଛି। ହେଲେ ଶାରୀରିକ ପରୀକ୍ଷା କେବେ ହେବ ଏଯାଏଁ ତାରିଖ ଦେଉନାହାନ୍ତି ସରକାର। ବିଜ୍ଞପ୍ତିକୁ ପ୍ରାୟ ଦେଢ଼ ବର୍ଷ ବିତିଥିଲେ ନିଯୁକ୍ତି ପ୍ରକ୍ରିୟା ସରିପରୁ ନାହିଁ।

# ବାବାସାହେବଙ୍କ ଉତ୍ତରାଧିକାରୀ ପ୍ରସଙ୍ଗରେ କହିବାର କଂଗ୍ରେସର ନୈତିକ ଅଧିକାର ନାହିଁ: ଅନୁରାଗ

**ଭୁବନେଶ୍ୱର, ୨୦।୧(ସମିସ):** ଡ. ବାବାସାହେବ ଆମ୍ବେଦକରଙ୍କୁ କଂଗ୍ରେସ ବାରମ୍ବାର ଅପମାନିତ କରିଛି। ଏପରିକି ମୃତ୍ୟୁ ପରେ ଦିଲ୍ଲୀରେ ଶବଦାହ



କରିବାକୁ ମନା କରି ଆମ୍ବେଦକରଙ୍କ ପାର୍ଥିବ ଶରୀରକୁ ମଧ୍ୟ ଅସମ୍ମାନ କରିବାକୁ ପଛାଇନଥିଲା। ଡ. ଆମ୍ବେଦକରଙ୍କୁ ବିଧାନସଭା ନିର୍ବାଚନରେ ପରାସ୍ତ କରିବା ପାଇଁ କଂଗ୍ରେସର ବମ୍ବେ ପ୍ରିମିୟର ବି.ଜି. ଖରେ ଜାଣିଶୁଣି ଷଡ଼ଯନ୍ତ୍ର କରିଥିଲେ। କ୍ଷମତା ପାଇଁ ସମ୍ବିଧାନର ମୌଳିକ ଆତ୍ମାକୁ ବାରମ୍ବାର ଉଲ୍ଲଂଘନ କରିଥିବା କଂଗ୍ରେସକୁ ବାବାସାହେବଙ୍କ ଉତ୍ତରାଧିକାରୀ ପ୍ରସଙ୍ଗରେ କହିବାର କୌଣସି ନୈତିକ ଅଧିକାର ନାହିଁ ବୋଲି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର କହିଛନ୍ତି। ସମ୍ବିଧାନ ଗୌରବ ଅଭିଯାନ ପ୍ରସଙ୍ଗରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ଏବଂ ଆଲୋଚନାଚକ୍ରରେ ଯୋଗ ଦେଇ ଶ୍ରୀ ଠାକୁର ଆଜି ଏହା କହିଛନ୍ତି। ସେ ଆହୁରି କହିଥିଲେ, ବାବାସାହେବଙ୍କ ଉତ୍ତରାଧିକାରୀଙ୍କୁ ସମ୍ମାନିତ କରିବା ପାଇଁ ବିଜେପି ଯଥା ସମ୍ଭବ ପ୍ରୟାସ ଜାରି ରଖିଛି। ଏହି ଅବସରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସାଂସଦ ସୁଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀ ନେତାଙ୍କୁ ବି ମଣ୍ଡି ଯନ୍ତ୍ରଣା

**ବିଷମକଟକ, ୨୦।୧ (ସମିସ):** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧିଠାରୁ ଆରମ୍ଭ କରି କଟନି-ଛଟନି ବନ୍ଦ କରିବା, ଦଲାଲଙ୍କ ପ୍ରାଦୁର୍ଭାବ କମାଇବା, ଚାଷୀଙ୍କୁ ଅଭାବୀ ବିକ୍ରିଜନିତ ଶୋଷଣରୁ ରକ୍ଷା କରିବା ପାଇଁ ଯାବତୀୟ ବ୍ୟବସ୍ଥା କରାଯାଇଛି ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ସରକାରଙ୍କ

- ■ ୫ ଏକର ଜମିରୁ ୧୦୦ କ୍ୱିଣ୍ଟାଲ ଅମଳ; ୬ କ୍ୱିଣ୍ଟାଲ ବିକିବାକୁ ମିଳିଛି ଟୋକନ
- ■ ବଳକା ଧାନ କ'ଣ କରିବେ ଚିନ୍ତାରେ ଚାଷୀ ମୀନକେତନ

ଦାବି ଓ ବାସ୍ତବ ସ୍ଥିତି ମଧ୍ୟରେ ଆକାଶ-ପାତାଳ ଫରକ୍ ଦେଖିବାକୁ ମିଳୁଛି। କେଉଁଠି ମିଲର୍ ଜୋରଜବରଦସ୍ତ କଟନୀ-ଛଟନୀ କରୁଛି ତ କେଉଁଠି ମଣ୍ଡି ଖୋଲିବାର ୨୦ ଦିନ ପରେ ବି ବସ୍ତାଏ ଧାନ ଉଠିପାରୁନାହିଁ। ଏସବୁ ଅବ୍ୟବସ୍ଥା ଯୋଗୁଁ ବିଚରା ଚାଷୀ ପେଶି ହେଉଛି। ରାଜ୍ୟର ସବୁଆଡୁ ଏମିତି ଗୋଟିଏ ପରେ ଗୋଟିଏ ଚିତ୍ର ସାମ୍ନାକୁ ଆସୁଥିବା ବେଳେ ଚାଷୀ ଅସନ୍ତୋଷ ବିସ୍ଫୋରକ ରୂପ ନେବାକୁ ବସିଲାଣି। ତେବେ ଖାଲି ସାଧାରଣ ଚାଷୀ ନୁହେଁ, ଚାଷୀନେତା ବି ଏହି ଅବ୍ୟବସ୍ଥାର ଯନ୍ତ୍ରଣାରୁ ବାଦ୍ ପଡୁନାହାନ୍ତି। ରାୟଗଡ଼ା ଜିଲ୍ଲା ବିଷମକଟକରୁ ସରକାରୀ କଳ ଅବ୍ୟବସ୍ଥାର ଏମିତି ଏକ ଚିତ୍ର ଏବେ ପଦାକୁ ଆସିଛି।

ସୂଚନାନୁଯାୟୀ, ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ସଦସ୍ୟ ତଥା ବିଷମକଟକ ବ୍ଲକ୍ ଗଜବାହାଲ ମଣ୍ଡିର କୃଷକ ପ୍ରତିନିଧି ଦାୟିତ୍ୱରେ ଥିବା ମୀନକେତନ ହିକକା ଏବର୍ଷ ୫ ଏକର ଜମିରେ ୧୦୦ କୁଇଣ୍ଟାଲ ଧାନ ଅମଳ କରିଛନ୍ତି। କିନ୍ତୁ ମାତ୍ର ୬ କୁଇଣ୍ଟାଲ ଧାନ ବିକିବାକୁ ତାଙ୍କ ପାଖକୁ ଟୋକନ୍ ଆସିଛି। ତେଣୁ, ବଳକା ଧାନ ସେ କାହାକୁ ବିକିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। ବିଗତ ବର୍ଷମାନଙ୍କରେ ତାଙ୍କର ୭୦ କୁଇଣ୍ଟାଲ ଧାନ ବିକିବାକୁ ଟୋକନ୍ ଆସୁଥିଲା। ଏ ନେଇ ମଣ୍ଡି ପରିଚାଳନା ନିମନ୍ତେ ଆସୁଥିବା ଅଧିକାରୀମାନଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସମସ୍ତେ ନିରୁତ୍ତର। ଫଳ ଶୂନ। ଏ ସଂପର୍କରେ ସେ କହିଛନ୍ତି, ମଣ୍ଡିରେ ଅଧିକାରୀମାନଙ୍କ ସହ ଆଲୋଚନା କରି ଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଚାଷୀ ପ୍ରତିନିଧି ନିଯୁକ୍ତ କରାଯାଇଛି। କିନ୍ତୁ ନିଜେ ଚାଷୀ ପ୍ରତିନିଧି ନିଜ ସମସ୍ୟା ସମାଧାନ କରିପାରୁ ନଥିବା ବେଳେ ସେ ଅନ୍ୟ ଚାଷୀଙ୍କ ସମସ୍ୟା ସମାଧାନ କିପରି କରିବେ ବୋଲି କ୍ଷୋଭର ସହ କହିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ତାଲିକାରୁ ବ୍ରହ୍ମଗିରି, କୃଷ୍ଣପ୍ରସାଦ ବାଦ୍

# ଗର୍ଜିଲେ ଚାଷୀ; ତାଲିକାରେ ସାମିଲ କର

**ପୁରୀ, ୨୦।୧ (ସମିସ):** ପ୍ରାକୃତିକ ବିପର୍ଯ୍ୟୟ ତାଲିକାରୁ ପୁରୀ ଜିଲ୍ଲାର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ବାଦ୍ ପଡ଼ିଛି। ଏହି ପ୍ରଶାସନିକ ଷଡ଼ଯନ୍ତ୍ର ଏବଂ ଜନପ୍ରତିନିଧିଙ୍କ ନିରବତାକୁ ନେଇ ଚାଷୀ ଗର୍ଜିଛନ୍ତି। ସୋମବାର ବ୍ରହ୍ମଗିରି ବିଜୁ ଜନତା ଦଳ ପକ୍ଷରୁ ଏଭଳି ଅଣଦେଖାକୁ ବିରୋଧ କରି ବ୍ରହ୍ମଗିରି ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ଏଭଳି ପକ୍ଷପାତିତାକୁ ତୀବ୍ର ସମାଲୋଚନା କରିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦକୁ ବିପର୍ଯ୍ୟୟ ତାଲିକାରେ ସାମିଲ କରିବାକୁ ଦାବି କରିଛନ୍ତି। ଏହା ଘୋଷଣା କରିବାରେ ଯଦି କୌଣସି ଟାଳଟୁଳ ନୀତି ଅବଲମ୍ବନ କରାଯାଏ, ତେବେ ଚାଷୀମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ବିଶାଳ ବିକ୍ଷୋଭ ସମାବେଶରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା ଯୋଗଦେଇ କହିଥିଲେ ଯେ ପୁରୀ ଜିଲ୍ଲାର ବ୍ରହ୍ମଗିରି ଏବଂ କୃଷ୍ଣପ୍ରସାଦ ବ୍ଲକର ଅର୍ଥନୀତି ଧାନଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଅଧିକାଂଶ ପରିବାର ଧାନ ଅମଳକୁ ଚାହିଁ ରହିଥାନ୍ତି। ବର୍ଷକର ଆହାର ହେଉ ବା ପିଲାଛୁଆଙ୍କ ପାଠପଢ଼ା ଏହି ଧାନ ହିଁ ସେମାନଙ୍କର ସମ୍ବଳ। ଗତ ଡିସେମ୍ବରରେ



ସପ୍ତାହବ୍ୟାପୀ ଲଗାଣ ବର୍ଷାରେ ବ୍ରହ୍ମଗିରି ବ୍ଲକର ୨୫ଟି ପଞ୍ଚାୟତ ଓ କୃଷ୍ଣପ୍ରସାଦ ବ୍ଲକର ୨୧ଟି ପଞ୍ଚାୟତର ଚାଷୀମାନଙ୍କର ପ୍ରଭୂତ କ୍ଷତି ହୋଇଛି। ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହେବା ଫଳରେ ଉଭୟ ବ୍ଲକର ଖରିଫ୍ ଧାନ ନଷ୍ଟ ହୋଇଯାଇଛି। ପନିପରିବା ଓ ଚିନାବାଦାମ ଚାଷ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ରବି ଚାଷ ପାଇଁ ପଡ଼ିଥିବା ବିହନ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଗଜା ଧୋଇ ଯାଇଥିଲା। ଏଭଳି ପ୍ରାକୃତିକ ବିପର୍ଯ୍ୟୟରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ହଜାର ହଜାର ଚାଷୀକୁଳ ହତାଶ ହୋଇପଡ଼ିବା ସହ ସେମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି। ଫସଲକୁ ନେଇ ଦେଖିଥିବା ସପ୍ନ ତାଙ୍କର ଧୂଳିସାତ୍ ହୋଇଯାଇଛି। ଗୋଟିଏପଟେ ଫସଲ ନଷ୍ଟ ହେବା ଏବଂ ଅନ୍ୟପଟେ ବଜାର ଦର 'ହୁ'ହୁ' ହୋଇ ବଢ଼ିବା ଫଳରେ ଜୀବନଜୀବିକା ଦୁର୍ବିଷହ ହୋଇପଡ଼ିଛି। ବ୍ୟାଙ୍କରୁ ଆଣିଥିବା ଋଣ କିପରି ଶୁଝିବେ, ସେନେଇ ଚିନ୍ତାରେ ଥିବାବେଳେ ବିପର୍ଯ୍ୟୟ ତାଲିକାରୁ ବାଦ୍ ଦେଇ ଚାଷୀକୁଳକୁ ଧୋକା ଦେଇଛନ୍ତି ପ୍ରଶାସନିକ ଅଧିକାରୀ। ଏଭଳି ସ୍ଥିତିରେ ସ୍ଥାନୀୟ ଜନପ୍ରତିନିଧି ନିରବ ରହି ଚାଷୀଙ୍କ କଟା ଘା'ରେ ଚୂନ ଦେଇଛନ୍ତି ବୋଲି କହିଛନ୍ତି ଶ୍ରୀ ଦାସବର୍ମା। ସେ ଆହୁରି କହିଛନ୍ତି ଯେ ଆଶା ଥିଲା, ଡବଲ ଇଞ୍ଜିନ୍ ସରକାର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ଚାଷୀମାନଙ୍କ ପ୍ରତି ସମ୍ବେଦନଶୀଳ ହେବେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବେ। ରିଲିଫ କୋଡ୍ ଅନୁଯାୟୀ ଚାଷୀଙ୍କୁ ସୁବିଧା ସୁଯୋଗ ଯୋଗାଇଦେବେ। ହେଲେ ଡବଲ ଇଞ୍ଜିନ ସରକାର ଚାଷୀକୁଳକୁ ଡବଲ (ଖରିଫ ଓ ରବି ଧାନଚାଷ ନଷ୍ଟ) ଧୋକ୍କା ଦେଇଛନ୍ତି।

କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବ୍ଲକ ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ପୁରୀ ସଦର ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଜମ୍ବେଶ୍ୱର ସାହୁ, ସନ୍ଦୀପ କୁମାର ଜେନା, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବରିଷ୍ଠ ନେତା ଭଗବାନ ନାୟକ, ନବକିଶୋର ଷଣ୍ଢ, ସରପଞ୍ଚ ରାଧାକାନ୍ତ ସାହୁ, ହନ୍ତୁକ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନରସିଂହ ପତି, ଭାଇଲିପୁର ସମିତି ସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ନାରୀନେତ୍ରୀ ମାନସୀ ହରିଚନ୍ଦନଙ୍କ ସମେତ ବ୍ରହ୍ମଗିରି ବ୍ଲକ ୨୫ ଗୋଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ବ୍ରହ୍ମଗିରି, କୃଷ୍ଣପ୍ରସାଦ ବ୍ଲକର ହଜାର ହଜାର ଚାଷୀ ଭାଇ ଉପସ୍ଥିତି ଥିଲେ।

■ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଯୁବତୀ ଉଦ୍ଧାର ଘଟଣା

# ୯ ଦିନ ପରେ ୩ ଜଣଙ୍କୁ ବାନ୍ଧିଲା ପୁଲିସ୍

**ବରଗଡ଼, ୨୦।୧(ସମିସ):** ଧନୁଯାତ୍ରା ଦେଖିବାକୁ ଆସି ଜଣେ ଯୁବତୀ ନିଖୋଜ ହେବା ଓ ୪୮ ଘଣ୍ଟା ପରେ ସ୍ଥାନୀୟ କୁର୍ଲା ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାର ୯ ଦିନ ପରେ ପୁଲିସ୍ ଆଜି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ସର୍ଜନ ଡନସେନା, ପ୍ରହ୍ଲାଦ ଦାସ ଓ ଜୟକୃଷ୍ଣ ଡନସେନା। ସର୍ଜନ ଓ ପ୍ରହ୍ଲାଦର ଘର ବିଜେପୁର ବ୍ଲକ୍ ପୁଟକା ଗାଁରେ ହୋଇଥିବା ବେଳେ ଜୟକୃଷ୍ଣ ପଦ୍ମପୁର ଉପଖଣ୍ଡ ଜଗଦଳପୁର ଡୁମାଭଟା ଗାଁର ବାସିନ୍ଦା। କିନ୍ତୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର୍ ରହିଛି। ତାକୁ ଫେରାର୍ କରିବାରେ ଗିରଫ ୩ ଅଭିଯୁକ୍ତଙ୍କ ହାତ ରହିଛି ବୋଲି ପୁଲିସ୍ କହିଛି। ଅପରପକ୍ଷେ, ଏହାକୁ ନେଇ ଆଜି ବରଗଡ଼ରେ ରାଜନୀତି ସରଗରମ ହୋଇଛି। ଗିରଫ ସଜନ ଜଣେ ବିଜେପି କର୍ମୀ ଓ ମୁଖ୍ୟ ଅଭିଯୁକ୍ତ ତା' ପୁତୁରା ବୋଲି ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି। କିନ୍ତୁ ଏଭଳି ଏକ ସ୍ପର୍ଶକାତର ଘଟଣାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ଓ ମିଥ୍ୟା ତଥ୍ୟ ଦେବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ଦେବେଶ ସମାଲୋଚନା କରିଛନ୍ତି। ପୀଡ଼ିତାଙ୍କୁ ସମବେଦନା ଓ ନ୍ୟାୟ ଦେବା ପରିବର୍ତ୍ତେ ବିଧାୟକ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇ ଯେଉଁ ରାଜନୀତି କରୁଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହାସହ, ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବିଜେଡି ସରପଞ୍ଚଙ୍କ ସଂପର୍କୀୟ ବୋଲି ବିଧାୟକ ଶ୍ରୀ ଷଡ଼ଙ୍ଗୀ ଯେଉଁ ଦାବି କରିଛନ୍ତି, ତାହାକୁ ଦେବେଶ ଖଣ୍ଡନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାରେ ବରଗଡ଼ ନାଗରିକ କମିଟି ପକ୍ଷରୁ ଆସନ୍ତାକାଲି (ମଙ୍ଗଳବାର) ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ସମ୍ପୂର୍ଣ୍ଣ ବରଗଡ଼ ବନ୍ଦ ପାଇଁ ଡାକରା ଦିଆଯାଇଛି।

**୧୨ ଘଣ୍ଟିଆ ବରଗଡ଼ ବନ୍ଦ ଆଜି**

## ଯୁବତୀଙ୍କୁ ଦୁଷ୍କର୍ମ ହୋଇ ନାହିଁ: ଭିମସାର ରିପୋର୍ଟ

**ବୁର୍ଲା,୨୦।୧(ସମିସ):** ବରଗଡ଼ ଧନୁଯାତ୍ରାରୁ ନିଖୋଜ ହୋଇଥିବା ଯୁବତୀଙ୍କ ସୋମବାର ମେଡିକାଲ ରିପୋର୍ଟ ପ୍ରଦାନ କରିଛି ବୁର୍ଲା ଭିମସାର। ବୁର୍ଲା ଭିମସାର ପକ୍ଷରୁ ଏନେଇ ବରଗଡ଼ ପୁଲିସକୁ ରିପୋର୍ଟ ହସ୍ତାନ୍ତର କରଯାଇଛି। ହେଲେ ବିଳମ୍ବରେ ରିପୋର୍ଟ ପ୍ରଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମସ୍ତ ପ୍ରକାରର ରିପୋର୍ଟ ପୂର୍ବରୁ ପ୍ରସ୍ତୁତ ହୋଇଥିବାବେଳେ କେବଳ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗର ରିପୋର୍ଟ ମାତ୍ରାଧିକ ସମୟ ବିଳମ୍ବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇ ନ ଥିବା ନେଇ ଭିମସାର ପ୍ରଦାନ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ଲାଲମୋହନ ନାୟକଙ୍କ କହିବା ଅନୁସାରେ ଯୁବତୀ ଜଣକ ସୁସ୍ଥ ଅଛନ୍ତି, ତାଙ୍କ ସହ ଦୁଷ୍କର୍ମ ହୋଇ ନାହିଁ। ଏହାସହ ମୁଣ୍ଡରେ ଆଘାତ ଥିବାବେଳେ ଯୁବତୀଙ୍କ ଚିକିତ୍ସା ଚାଲିଥିବା ଡା. ଲାଲ ମୋହନ ନାୟକ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ୍‌ରେ ବିକ୍ରିହେବ ବଣ୍ଡା ମହିଳାଙ୍କ ଅଳଙ୍କାର

**ମାଲକାନଗିରି, ୨୦।୧(ସମିସ):** ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟ ମହିଳାଙ୍କ କଳା, ସଂସ୍କୃତି, ପାରମ୍ପରିକ ବେଶଭୂଷା ଓ ଅଳଙ୍କାର ସଂପୂର୍ଣ୍ଣ ନିଆରା ଓ ଆକର୍ଷଣୀୟ। ମାତ୍ର ଦିନକୁ ଦିନ ଏହା ଲୋପ



ପାଇଯାଉଛି। ଏହାକୁ ପୁନର୍ବାର ଉଜ୍ଜୀବିତ କରିବାକୁ ଆଗେଇ ଆସିଛି ମାଲକାନଗିରି ଜିଲ୍ଲା ପ୍ରଶାସନ। ବଣ୍ଡା ମହିଳାଙ୍କୁ ସ୍ୱତନ୍ତ୍ର ତାଲିମ ଦେଇ ପ୍ରାଚୀନ ଅଳଙ୍କାର ପ୍ରସ୍ତୁତ କରାଯାଉଛି। ଏହାକୁ ବିକ୍ରି କରି ବଣ୍ଡା ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା। ଆଗକୁ ବିଭିନ୍ନ ଅନଲାଇନ୍ ପ୍ଲାଟଫର୍ମରେ ଏହି ପାରମ୍ପରିକ ଗହଣା ବିକ୍ରି ପାଇଁ ଲକ୍ଷ୍ୟ ରହିଛି।

ମାଲକାନଗରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟିର ୨ଟି ପଞ୍ଚାୟତରେ ବାସ କରନ୍ତି ଆଦିମ ବଣ୍ଡା ଜନଜାତି। ତେବେ ସମୟର ତାଳେତାଳେ ବଣ୍ଡା ଯୁବତୀ ମାନେ ମଧ୍ୟ ଆଧୁନିକତାର ଚାକଚକ୍ୟ ମଧ୍ୟରେ ନିଜ ସଂସ୍କୃତିଠାରୁ ଦୂରେଇ ଗଲେଣି। ତେବେ ସେମାନଙ୍କ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ଉଦ୍ୟମରେ ପାରମ୍ପରିକ ଅଳଙ୍କାର ତିଆରି କରି ବଣ୍ଡା ରମଣୀମାନେ ଦୁଇ ପଇସା ରୋଜଗାର କରୁଛନ୍ତି। ଆଗକୁ ବଣ୍ଡା କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି। ବିଭିନ୍ନ ଅନ୍‌ଲାଇନ ପ୍ଲାଟଫର୍ମରେ ଏହି ବିରଳ ଅଳଙ୍କାର ବିକ୍ରି କରାଯିବ। ବଣ୍ଡା ମହିଳାମାନେ ମୁଣ୍ଡରେ ପିନ୍ଧୁଥିବା ମାଳି ବା ରିନାମ୍ବ, ଗଳାର ମାଳି ଲୁବେଇ ଡାକ୍, ବେକରେ ପିନ୍ଧୁଥିବା ଟଙ୍ଗୁ, ପଇସା ଓ କଉଡ଼ି ମାଳ ଗୁଡେ, କାନ ଫୁଲ ଜୁନାଙ୍ଗ, ଅଣ୍ଟାରେ ପିନ୍ଧା ଯାଉଥିବା ବସ୍ତ୍ର ରିଙ୍ଗା ଆଦିର ଅନ୍ତର୍ଜାତୀୟ ବଜାରରେ ବେଶ୍ ଚାହିଦା ରହିଛି।

# ଗଣେଶ୍ୱର ବେହେରା ପାଇବେ ଶ୍ରେଷ୍ଠ ବିଧାୟକ ସମ୍ମାନ

## ନବ ଦାସ ଫାଉଣ୍ଡେସନ ପକ୍ଷରୁ ୬ ଜଣ ହେବେ ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨୦।୧(ସମିସ):** ନବ ଦାସ ସ୍ମାରକୀ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୨୯ ତାରିଖରେ ଗୀତଗୋବିନ୍ଦ ସଦନଠାରେ ଶ୍ରେଷ୍ଠ ବିଧାୟକ ଭାବେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରାଙ୍କୁ ଶ୍ରେଷ୍ଠ ବିଧାୟକ ଭାବେ ସମ୍ବର୍ଦ୍ଧିତ କରାଯିବ। ଏହାସହ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜ, ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, ପରିବେଶ କର୍ମୀ ଅଶୋକ କୁମାର ସାହୁ, ସ୍ତମ୍ଭକାର ଶିବଶଙ୍କର ନନ୍ଦ, ସମାଜସେବୀ ଜୟନ୍ତ ଦୀକ୍ଷିତଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଫାଉଣ୍ଡସନର ସମ୍ପାଦକ ବିଷ୍ଣୁ ପ୍ରସାଦ କେଡିଆ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ ଓ ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ଫେମିନା' ମାଗାଜିନ୍‌ରେ ମାଲକାନଗିରି ଝିଅ ଜୟନ୍ତୀ

**ମାଲକାନଗିରି,୨୦।୧(ସମିସ):** ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ପୁଣିଥରେ ଜିଲ୍ଲା ପାଇଁ ଆଣିଛନ୍ତି ଗୌରବ। ଆନ୍ତର୍ଜାତୀୟ ଇଂରାଜୀ ପତ୍ରିକା 'ଫେମିନା'ରେ ବିଭିନ୍ନ ଖ୍ୟାତନାମା ମହିଳାଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ ଫେମିନା ମାଗାଜିନ୍‌ରେ ଫେମିନାର ଫେବ୍-୬୫ ତାଲିକାରେ ସେ ସ୍ଥାନ ପାଇଛନ୍ତି। ଜିଲ୍ଲାର ପ୍ରଥମ ମହିଳା ସାମ୍ବାଦିକା ତଥା ସମାଜସେବୀ ଭାବେ ଜୟନ୍ତୀଙ୍କ ଜୀବନ କାହାଣୀ 'ଫେମିନା'ର ଡିସେମ୍ବର ସଂଖ୍ୟାରେ ପ୍ରକାଶ ପାଇଛି। ଜଙ୍ଗଲରାଣୀ ଓ ବଡ଼ିଦିଦି ଭାବେ ପରିଚିତ ଜୟନ୍ତୀଙ୍କୁ ଏହି ଉପଲବ୍ଧି ନିମନ୍ତେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଫେମିନା ପକ୍ଷରୁ ସଦ୍ୟ ପ୍ରକାଶିତ ତାଲିକାରେ ଦେଶର ଅନେକ ଶକ୍ତିଶାଳୀ ମହିଳା ସ୍ଥାନ ପାଇଛନ୍ତି। ତାଲିକାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସିନେ ଅଭିନେତ୍ରୀ ଆଲିଆ ଭଟ୍ଟ, ନିତା ଅମ୍ବାନୀ, କିରଣ ରାଓଙ୍କ ପରି ଅନେକ ନାମୀଦାମୀ ମହିଳା ରହିଛନ୍ତି। ଗତବର୍ଷ ଜୟନ୍ତୀ ପ୍ରତିଷ୍ଠିତ ଫୋର୍ବସ୍ ଇଣ୍ଡିଆ ମାଗାଜିନ୍‌ରେ ସ୍ଥାନ ପାଇଥିଲେ। ଏହା ପୂର୍ବରୁ ସେ ଏଫ୍‌ଡବ୍ଲୁଏମ୍‌ଆଇ, ୱିମେନ୍ ଆଣ୍ଡ ନେଟୱର୍କରେ ଫେଲୋସିପ୍ ଗ୍ରହଣ କରିଥିଲେ।



# ମାଣ୍ଡିଆ କ୍ରୟ ସମୀକ୍ଷା କଲେ କୃଷି ସଚିବ

**ଭୁବନେଶ୍ୱର,୨୦।୧(ସମିସ):** ଚଳିତ ବର୍ଷ ଚାଷୀମାନଙ୍କୁ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସ୍ଥିର ହୋଇଛି। ଏଥିସହ ରାଜ୍ୟ ସରକାରଙ୍କ ଅତିରିକ୍ତ ପ୍ରୋତ୍ସାହନ ରାଶି ୨୧୦ ଟଙ୍କା ମିଶି କୁଇଣ୍ଟାଲ ପିଛା ସର୍ବମୋଟ ୪୫୦୦ ଟଙ୍କା ପ୍ରଦାନ ପାଇଁ ସରକାର ଅନୁମୋଦନ କରିଛନ୍ତି। ଚାଷୀ ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଏବଂ ଜିଲ୍ଲା ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ସହ ମାଣ୍ଡିଆ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଆଜି କୃଷି ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢ଼ୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ସରକାରୀ ପ୍ରୋତ୍ସାହନ ବନ୍ଦ, ସହାୟତା ରାଶି ମିଳୁନାହିଁ

# ଚିନ୍ତାରେ ବୁଣାକାର, ସଙ୍କଟରେ ଜୀବିକା

**ଭୁବନେଶ୍ୱର,୨୦।୧(ସମିସ):** ରାଜ୍ୟରେ ବୁଣାକାରଙ୍କୁ ଋଣଠାରୁ ଆରମ୍ଭ କରି ସହାୟତା ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଶିଥିଳ ପଡ଼ିଲାଣି। ଯାହାକୁ ନେଇ ବୁଣାକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷକରି ରାଜ୍ୟରେ ଜନଜାତି ବୁଣାକାରଙ୍କ ଜୀବିକା ବନ୍ଦ ହେବାକୁ ବସିଲାଣି। ବୁଣାକାରଙ୍କ ଜୀବନ ଏବଂ ଜୀବିକାରେ ବ୍ୟାପକ ପରିବର୍ତ୍ତନ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିଲେ ହେଁ ଏବେ ଜନଜାତିଙ୍କୁ କଣପାଇଁ ହତାଦାର କରାଯାଉଛି, ସେନେଇ କାହା ପାଖରେ ଉତ୍ତର ନାହିଁ। ଗତ ବିଜେଡି ସରକାର ଅମଳରେ ମିଳୁଥିବା ସହାୟତା ରାଶି ଆଉ ଜନଜାତି ବୁଣାକାରଙ୍କୁ ଆଉ ମିଳୁନି। ଯାହାଫଳରେ ବୁଣାକାର ଏବେ ରୋଜଗାର ପାଇଁ ବାହାର ରାଜ୍ୟକୁ ଗଲେଣି। ଏଭଳି ସ୍ଥିତି ଏବେ ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାରେ ଦେଖିବାକୁ ମିଳିଛି। ଏପରିକି ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ଏକ ପ୍ରକାର ବନ୍ଦ ହୋଇପଡ଼ିଲାଣି ବୋଲି ଅଭିଯୋଗ ହେଉଛି।

ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରଠାରୁ ବୁଣାକାରଙ୍କୁ ଆଦୌ ପ୍ରୋତ୍ସାହନ ମିଳୁନାହିଁ। ଡଙ୍ଗରିଆଙ୍କ କପଡ଼ାଗଣ୍ଡା ସାଲ୍‌ଠାରୁ ଆରମ୍ଭ କରି ବିଭିନ୍ନ ହାତବୁଣା ସାମଗ୍ରୀ ଏବେ ବଜାରରୁ ଉଭାନ୍ ହେବାକୁ ବସିଲାଣି। ଆଦିମ ଜନଜାତିଙ୍କ ଜୀବନ ଜୀବିକା ବିକାଶ ପାଇଁ ପୂର୍ବ ବିଜେଡି ସରକାର ୨୦୧୭ ମସିହା ଜୁନରେ ଓପିଇଏଲଆଇପି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କିନ୍ତୁ ମୋହନ ସରକାର ଆସିବା ପରଠୁ ଜନଜାତିଙ୍କ ବିକାଶ ଏକପ୍ରକାର ଠପ୍ ହୋଇଯାଇଛି। ସମାନ ଭାବରେ ଗଞ୍ଜାମ ଜିଲ୍ଲାରେ ବି ସ୍ଥିତି ସଙ୍ଗୀନ ହେଲାଣି। ବୁଣାକାରଙ୍କୁ ମିଳୁଥିବା ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ମିଳୁନଥିବାରୁ ସେଠାକାର ହସ୍ତତନ୍ତ ଏବେ ଠପ୍ ହେବାକୁ ବସିଲାଣି।

## କାର୍ଯ୍ୟକାରୀ ହେଉନି ନିର୍ବାଚନୀ ପ୍ରତିଶ୍ରୁତି

ରାଜ୍ୟ ସରକାରଙ୍କ ଆଦିବାସୀଙ୍କ ପ୍ରତି ଅବହେଳା ମନୋବୃତ୍ତିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବୁଣାକାର। ପୂର୍ବ ସରକାର ବେଳେ ଆମେ ଭଲଭାବେ ଜୀବନଜୀବିକା ନିର୍ବାହ କରିପାରୁଥିଲୁ। ଆମକୁ ତନ୍ତକାମରେ ଯଥେଷ୍ଟ ସହାୟତା ମିଳୁଥିଲା। ମାତ୍ର ଏବର ସରକାର ଏନେଇ ଧ୍ୟାନ ଦେଉନାହାନ୍ତି ବୋଲି ଅଭିଯୋଗ ହେଉଛି। ବିଶେଷକରି ବୁଣାକାରଙ୍କୁ ଋଣ ସହାୟତା ଏବେ ପ୍ରହସନ ସାବ୍ୟସ୍ତ ହେଉଛି। ଋଣ ପାଇଁ ବ୍ୟାଙ୍କକୁ ଗଲେ ୧୨ ପ୍ରତିଶତରୁ ଅଧିକ ସୁଧ ଦାବି କରାଯାଉଥିବା ଢେଙ୍କାନାଳର ବୁଣାକାରମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ କ୍ଷମତାକୁ ଆସିଲେ ବିଜେପି ବୁଣାକାର ଏବଂ ହସ୍ତତନ୍ତ ଶିଳ୍ପୀଙ୍କ ପାଁ ବୁଣାକାର ସମ୍ମାନ ନିଧି ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସେହିପରି ପଶ୍ଚିମ ଓଡ଼ିଶାରେ ୩ଟି ସମନ୍ୱିତ ଟେକ୍ସଟାଇଲ ପାର୍କ ସ୍ଥାପନ ସହ ୫୧ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏହା ଉପରେ କୌଣସି ପଦକ୍ଷେପ ନନିଆଯିବା ନେଇ ବୁଣାକାରମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଏସ୍‌ସିବିରେ ଡାକ୍ତର-ରୋଗୀ ମୁହାଁମୁହିଁ

# ଚିକିତ୍ସା ପାଇଁ କ୍ଷମା ମାଗିଲେ ବାପା-ପୁଅ

କଟକ, ୨୦।୧(ସମିସ)

ଆଜି ଭୋର ସମୟରେ ଏସ୍‌ସିବି କାଜୁଆଲିଟିରେ ଏକ ଅଭାବନୀୟ କାଣ୍ଡ ଘଟିଯାଇଛି। କୁକୁର କାମୁଡାରେ ଆହତ ହୋଇ ଏଠାକୁ ଆସିଥିବା ବାପା-ପୁଅ ଏବଂ କାଜୁଆଲିଟି ଡ୍ୟୁଟିରେ ଥିବା ଡାକ୍ତର ମୁହାଁମୁହିଁ ହୋଇଥିଲେ। ପ୍ରାୟ ୪ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ଆହତ ଦ୍ୱୟଙ୍କୁ ଚିକିତ୍ସା ମିଳିଥିଲା ସତ, ମାତ୍ର ସର୍ବସମ୍ମୁଖରେ ହାତ ଯୋଡ଼ି କ୍ଷମା ପ୍ରାର୍ଥନା କରିବାକୁ ତାଙ୍କୁ କୁହାଯାଇଥିଲା। ଚିକିତ୍ସା ଅବହେଳା ଯୋଗୁଁ ଉତ୍ତେଜନା ଦେଖା ଦେଇଥିବା ବେଳେ ଚିକିତ୍ସା ଯୋଗାଇ ଦେବା ପୂର୍ବରୁ ରୋଗୀ କ୍ଷମା ମାଗିବା ଭଳି ଅଶୋଭନୀୟ ଘଟଣାକୁ ନେଇ ମେଡିକାଲରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ କାଜୁଆଲିଟିରେ ଡ୍ୟୁଟି କରୁଥିବା ସମ୍ପୃକ୍ତ ଡାକ୍ତର ଏଭଳି ଘଟଣାକୁ ନେଇ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ଏପରିକି ଡାକ୍ତରମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ଏସ୍‌ସିବି କର୍ତ୍ତୃପକ୍ଷ ଏକ ଜରୁରୀକାଳିନ ବୈଠକ ମଧ୍ୟ ଡାକିଥିଲେ।

ସୋମବାର ଭୋର ପ୍ରାୟ ୪ଟା ୩୦ ସମୟରେ ଅଡଶପୁର ଅଞ୍ଚଳର ଜୟଦେବ ମହାପାତ୍ର (୫୫) ଓ ସ୍ନେହାଶିଷ ମହାପାତ୍ର (୨୫) କାଜୁଆଲିଟିକୁ ଆସିଥିଲେ। ଉଭୟ ସମ୍ପର୍କରେ ବାପା ଏବଂ ପୁଅ। ଘରେ ପାଳିଥିବା

- ମଙ୍ଗଳାବାଗ ଥାନାରେ ଡାକ୍ତରଙ୍କ ଏତଲା
- ଡାକ୍ତରଙ୍କ ସୁରକ୍ଷା ନେଇ ଜରୁରୀକାଳିନ ବୈଠକ
- ରୋଗୀଙ୍କ ଅଭିଯୋଗ, ଡାକ୍ତର କରୁଛନ୍ତି ଦାଦାଗିରି

କୁକୁର କାମୁଡାରେ ଗୁରୁତର ଆହତ ହୋଇଥିବା ବାପା ପୁଅଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଏସ୍‌ସିବି କାଜୁଆଲଟିକୁ ଚିକିତ୍ସା ନିମନ୍ତେ ଆଣିଥିଲେ। କାଜୁଆଲିଟିରେ ଡାକ୍ତର ନଥିବା ଏବଂ ଠିକ୍ ସମୟରେ ଚିକିତ୍ସା ନ ହେବାରୁ ଡାକ୍ତରଙ୍କ ଆସିବା ନେଇ ମେଡିକାଲ କର୍ମଚାରୀଙ୍କୁ ଆହତ ଦ୍ୱୟ ପ୍ରଶ୍ନ କରିଥିଲେ। କିଛି ସମୟ ବ୍ୟବଧାନରେ ଡାକ୍ତର ଆସିବା ପରେ ଚିକିତ୍ସା ହେବ ବୋଲି କର୍ମଚାରୀ ଉତ୍ତର ଦେଇଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ବାପା-ପୁଅ ଡାକ୍ତରଙ୍କୁ ଅପେକ୍ଷା କରି ରହିଥିଲେ ସୁଦ୍ଧା ଉଭୟଙ୍କୁ ସଠିକ ସମୟରେ ଚିକିତ୍ସା ମିଳି ପାରିନଥିଲା। କିଛି ସମୟ ବ୍ୟବଧାନରେ ଡାକ୍ତର ପହଞ୍ଚିବା ପରେ ଯୁକ୍ତିତର୍କ ହେବା ସହ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖା ଦେଇଥିଲା। ଘଟଣା ବାବଦରେ ତୁରନ୍ତ ମେଡିକାଲ ଫାଣ୍ଡିକୁ ଖବର ଦିଆଯାଇଥିଲା। ୪ ଘଣ୍ଟା ଧରି ଏଭଳି ହାଇଡ୍ରାମା ଚାଲିବା ପରେ ଶେଷରେ ବାପା-ପୁଅଙ୍କୁ ଭୁଲ ମାଗିବାକୁ ବାଧ୍ୟ କରିଥିଲେ ସମ୍ପୃକ୍ତ ଡାକ୍ତର। ଭୁଲ ମାଗିବା ପରେ ଉଭୟଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ଡାକ୍ତରମାନେ ଦାଦାଗିରି କରୁଛନ୍ତି ବୋଲି ରୋଗୀ ଅଭିଯୋଗ ଉଠାଇଛନ୍ତି। ଏହାଛଡ଼ା ଡାକ୍ତର ଜଣକ ମଙ୍ଗଳାବାଗ ଥାନାରେ ଏତଲା ଦେବା ପରେ କେସ ନଂ-୨୨/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ମେଡିକାଲରେ ଡାକ୍ତରଙ୍କ ଉପରେ ଆକ୍ରମଣ ଘଟଣା ନେଇ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡାକ୍ତର ଲୁସି ଦାସଙ୍କ ଅଧକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଡକାଯାଇଥିଲା। ବୈଠକରେ କୁଳସଚିବ ଡଃ ଅବିନାଶ ରାଉତ, ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା, ମଙ୍ଗଳାବାଗ ଥାନା ଅଧିକାରୀ ଉମାକାନ୍ତ ସାହୁ, ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନ ଉପସ୍ଥିତ ରହିଥିଲେ। ମେଡିକାଲରେ କାର୍ଯ୍ୟରତ ଡାକ୍ତର ସୁରକ୍ଷିତ ଭାବେ ଯେପରି ଡ୍ୟୁଟି କରିବେ ଏବଂ ଏଭଳି ଘଟଣାର ପୁନରାବୃତ୍ତି ନହେବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ମେଡିକାଲରେ କାର୍ଯ୍ୟ କରୁଥିବା ସୁରକ୍ଷାକର୍ମୀଙ୍କୁ ଅଧିକ ସଜାଗ ରହିବା ନେଇ ନିର୍ଦ୍ଦେଶ ଦିଆଯିବା ସହ ସୁରକ୍ଷା ନେଇ ପୁଲିସ ପ୍ରଶାସନର ସହାୟତା ଲୋଡିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଘଟଣା ନେଇ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡାକ୍ତର ଲୁସି ଦାସଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ।

**● ବାରମ୍ବାର ବିବାଦରେ ଜଣେ ଡାକ୍ତର!**

ଆଜି ରୋଗୀ ସମ୍ପର୍କୀୟଙ୍କ ସହ ମୁହାଁମୁହିଁ ଘଟଣାରେ ସମ୍ପୃକ୍ତ ଡାକ୍ତର ଜଣକ ପୂର୍ବରୁ ଅନେକଥର ଏଭଳି ଘଟଣାରେ ସାମିଲ ଥିବାର ଉଦାହରଣ ରହିଛି। ରୋଗୀଙ୍କୁ ଦୁର୍ବ୍ୟବହାର ଘଟଣାରେ ତାଙ୍କୁ ପୂର୍ବରୁ ଦାୟିତ୍ୱରୁ ମଧ୍ୟ ହଟାଇ ଦିଆଯାଇଥିଲା। ରୋଗୀଙ୍କୁ କାଜୁଆଲିଟିରୁ ଘରୋଇ ହସ୍ପିଟାଲକୁ ରେଫର କରିବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ତାଙ୍କ ନାମରେ ରହିଛି। ତଥାପି ସମ୍ପୃକ୍ତ ଡାକ୍ତରଙ୍କୁ କାହିଁକି କାଜୁଆଲିଟି ଦାୟିତ୍ୱ ଦିଆଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କେବୁଲ ତାରରେ ଅଗ୍ନିକାଣ୍ଡ



ଫୁଲନଖରା, ୨୦।୧(ସମିସ): ଫୁଲନଖରା ଛକ ଭେଟନାରୀ ଅଫିସ୍ ସମ୍ମୁଖରେ ଆଜି ଅଗ୍ନିକାଣ୍ଡ ଘଟିଛି। କେବୁଲ ତାରରେ ନିଆଁ ଲାଗିଯିବାରୁ ପାଖରେ ଥିବା ଏକ ଗଛ ଜଳିଯାଇଥିଲା। ଏହା ନିକଟରେ ଅନେକ ଦୋକାନ ରହିଥିବାରୁ ନିଆଁ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଫଳରେ କିଛି ସମୟ ପାଇଁ ଦୋକାନୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଦୋକାନୀମାନେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ଆୟତ ହୋଇପାରି ନ ଥିଲା। ଖବର ପାଇ ପାହାଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଲିଭାଇବାରୁ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଥିଲା। ତେବେ

**● ଅଳ୍ପକେ ବର୍ତ୍ତିଗଲା ବହୁ ଦୋକାନ**

ନିଆଁ କିଭଳି ଲାଗିଲା ସେ ସମ୍ପର୍କରେ କିଛି କାରଣ ଜଣା ପଡ଼ି ନ ଥିଲେ ମଧ୍ୟ ତାର ଗୁଡିକ ଗୋଛା ହୋଇ ରହିଥିବାରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ଡା. ଗୋପାଳ ଚନ୍ଦ୍ର କରଙ୍କ ବିୟୋଗରେ ଶୋକ

କଟକ, ୨୦।୧(ସମିସ): ବିଶିଷ୍ଟ ଚିକିତ୍ସକ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ତିରୋଧାନରେ କଳା ବିକାଶ କେନ୍ଦ୍ର କଟକର ସଭାପତି ଡ.ବିଜୟାନନ୍ଦ ସିଂହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଡାକ୍ତର କର ଜଣେ ଖ୍ୟାତି ସମ୍ପନ୍ନ ଡାକ୍ତର ଥିବା ସହିତ ଓଡ଼ିଆ ସାହିତ୍ୟ ସଂସ୍କୃତି ଓ ପରମ୍ପରାର ସୁରକ୍ଷାରେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ତିରୋଧାନରେ ଓଡ଼ିଶାର ଏକ ଅପୂରଣୀୟ କ୍ଷତି ସାଧିତ ହେଲା।

**● ଏସ୍‌ସିବିରେ ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ଘଟଣା**

## ତଦନ୍ତ ନିମନ୍ତେ ଡିଏମ୍‌ଇଟିଙ୍କୁ ଚିଠି

କଟକ, ୨୦।୧(ସମିସ): ଏସ୍‌ସିବି ମେଡିକାଲରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କଲେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ମିଳୁଛି। ଅସ୍ଥିଶଲ୍ୟ ବିଭାଗରୁ ଏଭଳି ପ୍ରମାଣପତ୍ର ନେଇ ଜଣେ ମହିଳା ସରକାରୀ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ତାଙ୍କ ବାମ ହାତ ଅଙ୍ଗୁଳି ସାମାନ୍ୟ ବଙ୍କା ଥିବା ବେଳେ ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଆସିବା ପରେ ଏହି ଘଟଣା ଜଣାପଡ଼ିଥିଲା। ତେବେ ଘଟଣାର ତଦନ୍ତ ନିମନ୍ତେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଡିଏମଇଟିଙ୍କୁ ଚିଠି ଲେଖିଛନ୍ତି। ଏପରିକି ଏସ୍‌ସିବି କର୍ତ୍ତୃପକ୍ଷ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ବି ଚିଠି ଲେଖିଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଗଞ୍ଜାମ ଜିଲ୍ଲାର ଜଣେ ମହିଳାଙ୍କର ବାମହାତର ଆଙ୍ଗୁଠି ସାମନ୍ୟ ବଙ୍କା। ମାତ୍ର ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ରକୁ ଆଧାର କରି ୨୦୧୯ରେ ଓପିଏସ୍‌ସି ମାଧ୍ୟମରେ ହୋଇଥିବା ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ନିଯୁକ୍ତି ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇ ସେ ଚାକିରି ପାଇଛନ୍ତି। ମୀନକେତନ ସାହୁ, ପ୍ରଭାତ କୁମାର ଦାସ, ଜଟାୟୁଧ ଶର୍ମା ପ୍ରମୁଖ ରାଷ୍ଟ୍ରପତିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କଟକ, ୨୦।୧(ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ୮୧ତମ ବାର୍ଷିକ ଉତ୍ସବ ଅଧକ୍ଷା ଡ. ଦିପା ନାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ସମାହିତ ହୋଇଛି। ମୁଖ୍ୟଅତିଥି ଭାବରେ ଲୋକସେବକମଣ୍ଡଳର ଜାତୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଃସ୍ୱାର୍ଥପର




ସମାଜସେବା କରି ରାଜ୍ୟ ତଥା ଦେଶର ପ୍ରଗତିରେ ସହାୟକ ହେବା ପାଇଁ ଉପଦେଶ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିସପ ରାଇଟ ରେଭରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ ଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ ସମ୍ମାନୀୟ ଅତିଥିଭାବରେ ଯୋଗଦେଇଥିଲେ। ଅଧକ୍ଷା ଡ. ନାଗ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧାପକ କ୍ୟାପଟେନ ଅକ୍ଷୟ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ହାସଲ କରିଥିବା ଏବଂ ବିଭିନ୍ନ ବିଭାଗର ସର୍ବାଧିକ ନମ୍ବର ରଖି କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଉତ୍ସବକୁ ଅଧାପିକା ଡ. ମୁନିରା ସଲିମ ଓ ଡ. ସନ୍ଧ୍ୟା ସାୟନ୍ତିନି ମହାନ୍ତି ପରିଚାଳନା କରିଥିବା ବେଳେ ଅଧାପକ ଡ. ରାଶିକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ଇ-କେୱାଇସି କରିପାରି ନ ଥିବା ହିତାଧିକାରୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି

କଟକ, ୨୦।୧(ସମିସ): ରାଜ୍ୟରେ ବର୍ତ୍ତମାନ ଇ-କେୱାଇସି ଚାଲିଛି ଗତ ଅଗଷ୍ଟ ମାସରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଏହି ବ୍ୟବସ୍ଥା ସରକାର ଆରମ୍ଭ କରିଛନ୍ତି। ଇତି ମଧ୍ୟରେ ରାଜ୍ୟରେ ପ୍ରଚଳିତ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ୩ କୋଟି ୩୫ ଲକ୍ଷ ୫୭୦ ଜଣ ପଡ଼ି କାର୍ଡ ଧାରୀଙ୍କ ମଧ୍ୟରୁ ଆଜି ସୁଦ୍ଧା ୨ କୋଟି ୯୩ ଲକ୍ଷ ୮୫ ହଜାର ୪୫ ଜଣ ଇ-କେୱାଇସି କରିବାକୁ ସଫଳ ହୋଇଥିବା ବେଳେ ୪୧ଲକ୍ଷ ୧୫ ହଜାର ୫୨୫ ଜଣ ପଡ଼ିକାର୍ଡଧାରୀ ଆଜି ଯାଏଁ ବିଭିନ୍ନ କାରଣରୁ ଇ-କେୱାଇସି କରିବାକୁ ସକ୍ଷମ ହୋଇପାରୁ ନାହାଁନ୍ତି। ତଥ୍ୟ ଅନୁଯାୟୀ ୩୧ ଡିସେମ୍ବର ଥିଲା ଇ-କେୱାଇସିର ଶେଷ ତାରିଖ ସେହିଦିନ ରାଜ୍ୟର ଇ-କେୱାଇସି କରିଥିବା ଲୋକଙ୍କ ସଂଖ୍ୟା ୨ କୋଟି ୮୭ ଲକ୍ଷ ୮୩ ହଜାର ୮୪୮ ରହିଥିଲା ଏବଂ ଆଜି ଜାନୁଆରୀ ମାସ ୨୦ ତାରିଖ ସୁଦ୍ଧା ଏହି ସଂଖ୍ୟା ବୃଦ୍ଧି ପାଇଁ ୨ କୋଟି ୯୩ ଲକ୍ଷ ୮୫ ହଜାର ୪୫ରେ ପହଞ୍ଚିଛି। ଏହି କୋଡ଼ିଏ ଦିନରେ ହାରାହାରି ଦିନକୁ ୩୮ ହଜାର ୧୪୩ ଜଣ ପଡ଼ିକାର୍ଡ ଧାରି ବିଭିନ୍ନ ଖୁଚୁରା ବିକ୍ରୟ କେନ୍ଦ୍ରରେ ଇ-କେୱାଇସି କରିଚାଲିଛନ୍ତି। ଇତି ମଧ୍ୟରେ ସରକାର ପୁନଶ୍ଚ ପ୍ରଥମେ ୧୫ ଦିନ ଅର୍ଥାତ୍ ଜାନୁଆରୀ ୧୫ ତାରିଖ ଓ ପରେ ଜାନୁଆରୀ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ହେଲେ ପ୍ରଶ୍ନ ଏଠି ଜାନୁଆରୀ ମାସ ୩୧ ତାରିଖ ଇ-କେୱାଇସି ସାରିବା କଷ୍ଟକୁ ନେଇ। ପରିତାପର ବିଷୟ ସରକାର ଇ-କେୱାଇସି ପାଇଁ ସମୟ ସୀମା ବୃଦ୍ଧି କରୁଥିଲେ ମଧ୍ୟ ଭିତ୍ତିଭୂମିର କୌଣସି ବ୍ୟବସ୍ଥା କରି ନ ଥିବା ବେଳେ ଅଦ୍ୟାବଧି ୪୧ ଲକ୍ଷ ୧୫ ହଜାର ୫୨୫ ଜଣ ପଡ଼ିକାର୍ଡଧାରୀ ଏହି ଇ-କେୱାଇସି କରିବାକୁ ସକ୍ଷମ ହୋଇପାରି ନାହାଁନ୍ତି। ଏହାର କୌଣସି ତର୍ଜମା କିମ୍ବା ବିକଳ୍ପ ବ୍ୟବସ୍ଥା ଯୋଗାଣ ବିଭାଗ କିମ୍ବା ସରକାର କରୁନାହାନ୍ତି। ଏ ସବୁ ଦିଗରୁ ବିଚାର କଲେ ଗୋଟିଏ କଥା ଆସୁଛି ଯେ ସରକାର ଇ-କେୱାଇସି କରିପାରି ନ ଥିବା ଲୋକଙ୍କ ନାଁ ପଡ଼ି କାର୍ଡରୁ ବାଦ୍ ଦେବା ପୂର୍ବରୁ ଯଥେଷ୍ଟ ଯତ୍ନବାନ ହେବା ସହ ଇ-କେୱାଇସି କରିବାକୁ ସକ୍ଷମ ହୋଇ ପାରୁ ନ ଥିବା ଲୋକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସର୍ବ ଭାରତୀୟ ଡିଲର୍ସ ଫେଡରେସନ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ତଥା କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ସୈୟଦ୍ ଏକ୍ରାମ ହୁସେନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



**ଟାଙ୍ଗୀରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

## ଅବ୍ୟବସ୍ଥା ମଧ୍ୟରେ ସରିଲା ଶିବିର

ଟାଙ୍ଗୀ, ୨୦।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଥିବାବେଳେ ଶିବିରରେ ଯୋଗଦେଇ ଜଣେ ଦିବ୍ୟାଙ୍ଗ ମୃତ୍ୟୁବରଣ କରିବା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରାୟ ୬୫ବର୍ଷୀୟ ମୃତକଙ୍କ ପରିଚୟ ମିଳି ନ ଥିଲେ ହେଁ ସେ ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ଚାରିଘରିଆ ବାସିନ୍ଦା ବୋଲି ଜାଣିବାକୁ ମିଳିଛି। ତେବେ ୨୪ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକର ମୋଟ ୯୮୩ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକୃତ କରିଥିବାବେଳେ ସାମାଜିକ ସୁରକ୍ଷା ଭତ୍ତା, ବ୍ୟାଙ୍କ ଲୋନ୍, ବସ୍ ପାସ୍, ଆୟ ପ୍ରମାଣପତ୍ର ଓ ବାଣିଶ୍ରୀ ଯୋଜନାରେ ୮୨ ଜଣ ଆବେଦନ କରିଛନ୍ତି। ତେବେ ଆବେଦନକାରୀଙ୍କ ମଧ୍ୟରେ ୩୧୭ ଜଣ ଅସ୍ଥିଶଲ୍ୟ, ୧୧୫ ଜଣ ସ୍ନାୟୁଗତ, ୧୨୯ ଜଣ ଦୃଷ୍ଟିବାଧିତ, ୧୧୪ ଜଣ ଶ୍ରୁତିବାଧିତ, ଥାଲେସେମିଆ ୮ ଓ ଅନ୍ୟାନ୍ୟ ୨୮ ଜଣ ରହିଥିବା ଜାଣିବାକୁ ମିଳିଛି। ମିଳିଥିବା ତଥ୍ୟ ଅନୁଯାୟୀ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ




ସଶକ୍ତିକରଣ ବିଭାଗ ଓ ସମଗ୍ର ଶିକ୍ଷା ପକ୍ଷରୁ ଟାଙ୍ଗୀ ବିଦ୍ୟାପୀଠ ପରିସରରେ ଶିବିର ଆୟୋଜିତ ହୋଇଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶିବିର ଉଦଘାଟନ ପୂର୍ବକ ଦିବ୍ୟାଙ୍ଗଙ୍କ ପୂର୍ଣ୍ଣ ସହଯୋଗ ନିମନ୍ତେ ଆହ୍ୱାନ ଦେଇଥିଲେ। ବିଡିଓ ସୌମ୍ୟା ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ଟେଟ୍ରାହେଡ୍ରନ ଶିକ୍ଷା ସମୂହର ଅଧ୍ୟକ୍ଷ ତ୍ରିଦେବ ବେହେରା, ଆଠଗଡ଼ ବିଧାୟକ ପ୍ରତିନିଧି ସେକ୍ ସାହାଜାନ୍, ଚୌଦ୍ୱାର-କଟକ ବିଧାୟକ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଶିକ୍ଷାବିତ ଧିରେନ୍ଦ୍ର ଜେଠୀ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଗରୁଡ଼ଗାଁ ସରପଞ୍ଚ ଦିପ୍ତିମୟୀ ବେହେରା, ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ଯୁବ ସଂଗଠକ ଜନ୍ମେଜୟ ଖିଲାରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସରକାରୀ ସହାୟତା ପ୍ରଦାନ ସପକ୍ଷରେ

**ଶିବିରରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ !**

ଯୁକ୍ତି ବାଢ଼ିଥିଲେ। କିନ୍ତୁ ୮୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗଙ୍କୁ ମାସିକ ସାମାଜିକ ସୁରକ୍ଷା ଭତ୍ତା ୩ ହଜାର ୫୦୦ଟଙ୍କା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଥିବାରୁ ଶିବିରରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଆବଶ୍ୟକ ବ୍ୟବସ୍ଥା ଅଭାବରୁ ପଞ୍ଜିକରଣ ଓ ଡାକ୍ତରୀ ପରୀକ୍ଷା ନିମିତ୍ତ କାଉଣ୍ଟରରେ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ଟାଙ୍ଗୀ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ନିଜ ସହକର୍ମୀ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶୈଳବାଳା ମହାବିଦ୍ୟାଳୟ ପକ୍ଷରୁ ଏଡସ୍ ସଚେତନତା




କଟକ, ୨୦।୧(ସମିସ): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ରେଡ୍ ରିବନ କ୍ଲବ ଏବଂ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ.ବିଚିତ୍ରା ପାଣିଙ୍କ ଦିଗ୍‌ଦର୍ଶନରେ କଟକର ପଟ୍ଟାପୋଲ ଅଞ୍ଚଳରେ ଏଚ୍‌ଆଇଭି ଏଡସ୍ ରୋଗ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ଅଧିକାରୀ ଡ. ଗାୟତ୍ରୀ କର ଏହି କାର୍ଯ୍ୟକ୍ରମ ଆଭିମୁଖ୍ୟ ଓ ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ। ଯୁବ ରେଡକ୍ରସର କାଉନସେଲର ଡ. ମେନକାରାଣୀ ସାହୁ ଏବଂ ପ୍ରତିଭାରାଣୀ ବାରିକ୍ ଏହି କାର୍ଯ୍ୟକ୍ରମର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ସ୍ୱେଚ୍ଛାସେବୀ ଛାତ୍ରୀମାନେ ପଟ୍ଟାପୋଲ ଅଞ୍ଚଳରେ ଏଡସ୍ ସଚେତନା ବିଷୟରେ ଶୋଭାଯାତ୍ରା ମାଧ୍ୟମରେ ଏହି ରୋଗର କାରଣ ଓ ନିରାକାରଣ ଏବଂ ଭୟାବହତା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଯୁବ ରେଡକ୍ରସର ସମସ୍ତ ଅଧିକାରୀ ଏବଂ କଟକ ପଟ୍ଟାପୋଲରେ ଅବସ୍ଥିତ ଐକ୍ୟତା ଭବନର ସମ୍ପାଦକଙ୍କ ସହଯୋଗରେ ଏହି ଏହି କାର୍ଯ୍ୟକ୍ରମ ସଫଳ ଭାବେ ରୂପାୟିତ ହୋଇଛି।

**ବଢୁଛି କୃତ୍ରିମ ଛେନା ବେପାର**

## କଲିକତାରୁ ମଙ୍ଗୁଳିକୁ ଲମ୍ବିଛି ଚେର

ଚୌଦ୍ୱାର, ୨୦।୧(ସମିସ)

ସାକାହାରୀମାନଙ୍କ ମୁଖ୍ୟ ଖାଦ୍ୟ ଛେନା ବା ପନିର। ସେହିଭଳି ଛେନା ତିଆରି ମିଠାର ଚାହିଦା ମଧ୍ୟ ପୂର୍ବଭଳି ରହିଛି। ତେବେ ମିଠା ପ୍ରସ୍ତୁତ ହେଉଥିବା ଛେନା କେତେ ଲାଭଦାୟକ ଆଉ କେତେ ହାନିକାରକ ତାହାର ହିସାବ ନାହିଁ। ପ୍ରକୃତ ପକ୍ଷେ ଛେନାରେ ଅଧିକ ପ୍ରୋଟିନ ତଥା ଜୀବସାର ରହିଥିବାବେଳେ ଏହା ସ୍ୱାସ୍ଥ୍ୟପାଇ ବେଶ ହିତକାରକ। କିନ୍ତୁ ସମ୍ପ୍ରତି ଯେଉଁ କୃତ୍ରିମ ଛେନା ଏବେ ବଜାରରେ ମିଳୁଛି ସେ ବିଷୟରେ ନ କହିବା ଭଲ। ଅନ୍ୟପକ୍ଷରେ ରାଜ୍ୟରେ ଯେତିକି ଗାଇ କ୍ଷୀରରେ ଛେନା ତିଆରି ହେଉଛି ତାହା ପର୍ଯ୍ୟାପ୍ତ ହେଉ ନ ଥିବା ବେଳେ ବ୍ୟବସାୟୀମାନେ ବାଧ୍ୟ ହୋଇ ବିଭିନ୍ନ ରାସାୟନିକ ସାମଗ୍ରୀ ସହ ଅଖାଦ୍ୟରୁ ମଧ୍ୟ ଛେନା ତିଆରି କରୁଛନ୍ତି। ପ୍ରକୃତ ଛେନା ଭଳି ଏହି ନକଲି ଛେନା ଆଖିକୁ ସମାନ ଲାଗୁଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟପାଇଁ ହାନିକାରକ। ଏହି ଛେନାଦ୍ୱାରା କ୍ୟାନସର ଭଳି ରୋଗ ବ୍ୟାପିବାର ଆଶଙ୍କା ରହିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ପ୍ରକାଶ କରିଛନ୍ତି। ୧ ଲିଟର କ୍ଷୀରରୁ ମାତ୍ର ୧୫୦ ଗ୍ରାମ ଛେନା ହେଉଥିବାବେଳେ ଟନଟନ ଛେନା ପ୍ରସ୍ତୁତ ପାଇଁ ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବା ଅଭିଯୋଗ ଉଠିଛି। ତେବେ ଏହି ନକଲି ବା କୃତ୍ରିମ ଛେନାର ଚେର ଲମ୍ବିଛି କଲିକତାକୁ। ସେଠାରୁ ମଙ୍ଗୁଳିକୁ ପ୍ରତିଦିନ ଆସୁଛି ଟନ ଟନ ଛେନା।

ତେବେ ଏହି ନକଲି ଛେନା ପ୍ରସ୍ତୁତି ବିଷୟରେ ଜାଣିଲେ ଯେ କେହିବି ଆଶ୍ଚର୍ଯ୍ୟ ହୋଇଯିବ। ବିନା ଦୁଗ୍ଧ କିମ୍ବା ସ୍ୱଳ୍ପ ପରିମାଣର ନଷ୍ଟ ହୋଇଥିବା କ୍ଷୀରରେ ବିଭିନ୍ନ



ରାସାୟନିକ ସାମଗ୍ରୀ ମିଶାଇବା ସହ ଗୁଣ୍ଡ ଦୁଗ୍ଧ ମିଶାଇ ଏଭଳି ନକଲି ଛେନା ପ୍ରସ୍ତୁତ କରାଯାଉଛି। ଏହି ନକଲି ଛେନା ମଧ୍ୟରେ ରହିଛି ସିନ୍ଥେଟିକ ଛେନା। ଯାହା ପାଟିକୁ ଛେନା ଭଳି ଲାଗୁଥିଲେ ମଧ୍ୟ ଖାଇବାବେଳେ ରବର ଭଳି ଅନୁଭବ ହୋଇଥାଏ। ଏହା ହାଲୁକା ଖଟା ମଧ୍ୟ ହୋଇଥାଏ। ପ୍ରଥମେ କ୍ଷୀରକୁ ଗରମ କରି ସେଥିରେ ଥିବା ସମସ୍ତ ଲହୁଣିକୁ ବାହାର କରାଯାଇଥାଏ। ଏହାପରେ ସେହି କ୍ଷୀରରେ ଆରାରୁଟ ଗୁଣ୍ଡ ପକାଇ ପତଳା ଥିବା କ୍ଷୀରକୁ ଗାଢ଼ କରାଯାଏ। ସେଥିରେ ଛେନାପାଣି ଦେଇ କ୍ଷୀରକୁ ଛିଣ୍ଡାଇ ଛେନା ପ୍ରସ୍ତୁତ କରାଯାଇଥାଏ। ଏଥି ସହିତ ଏହି ଛେନାକୁ ଅଧିକ ଦିନ ସତେଜ ରଖିବା ପାଇଁ ଫର୍ମାଲିନ ଭଳି ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଏ। ମାତ୍ର ଏହି ଫର୍ମାଲିନକୁ ଶବ ସଂରକ୍ଷିତ ପାଇଁ ବ୍ୟବହାର

- ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ
- ମିଠାଦୋକାନରେ ବହୁଳ ବ୍ୟବହାର ହେଉଛି ନକଲି ଛେନା

କରାଯାଉଥିବାବେଳେ ଏହା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ ହାନିକାରକ ହୋଇଥାଏ। ଏହାକୁ ମିଶାଇବା ଦ୍ୱାରା ଦୀର୍ଘ ଦିନ ଧରି ଛେନା ଖଟା ନ ହେବା ସହ ସତେଜ ରହିଥାଏ। ଦ୍ୱିତୀୟତଃ ଶୁଖିଲା ଗୁଣ୍ଡ ଦୁଗ୍ଧରେ ରିଫାଇନ ତେଲ ମିଶ୍ରଣ କରାଯାଇ ସେଥିରେ ପାଣି ଗୋଳାଇ ଉଚ୍ଚ ଆଞ୍ଚରେ ଫୁଟାଯାଏ। ସେଥିରେ କିଛି ବେକିଂ ପାଉଡ଼ର ମିଶାଇ ଛେନାରୁ ପାଣିକୁ ଅଲଗା କରାଯାଇଥାଏ। ସେହିଭଳି କ୍ଷୀରରୁ ଲହୁଣି ବାହାର କରିଦେବା ପରେ ତାହା ନଷ୍ଟ ହୋଇ ଯାଇଥାଏ। ମାତ୍ର ସେଥିରେ ସୋଡିୟମ ବାଇ କାର୍ବୋନେଟ ଏବଂ ଡିଟରଜେଣ୍ଟ ଓ ସଲଫରିକ ଏସିଡ୍ ମିଶାଇ ଛେନା ପ୍ରସ୍ତୁତ କରାଯାଇଥାଏ। ଏହି ଛେନାରୁ ପନିର, ରସଗୋଲା, ଛେନାପୋଡ଼, ଷ୍ଟିମ ପୋଡ଼, ଛେନାଗଜା ଆଦି ଭଳିକି ଭଳି ମିଠା ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି କରାଯାଉଛି। ତେବେ ଏହା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ ହାନିକାର ହୋଇଥିବାବେଳେ ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ନିରବଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କଟକ ଜିଲ୍ଲାର ମଙ୍ଗୁଳି ଛକ ଠାରେ ଟନ ଟନ ଛେନା କଲିକତା ଆଦି ଅଞ୍ଚଳରୁ ଆସୁଥିବାବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବସ ଯୋଗେ ପଠାଯାଉଛି। ବିଶେଷ କରି ଚୌଦ୍ୱାର, ମଙ୍ଗୁଳି, ଜଗତପୁର, କଟକ ସହର, ଆଠଗଡ଼, ବାଙ୍କୀ ଭଳି କଟକ ଜିଲ୍ଲାର ବଡ଼ବଡ଼ ବଜାରରେ ଏହା ବିକ୍ରି ହେଉଥିବାବେଳେ ଅନୁଗୋଳ, ଦେବଗଡ଼, ସମ୍ବଲପୁର, ରାୟଗଡ଼ା, ବରଗଡ଼, ବଲାଙ୍ଗୀର ଆଦି ଜିଲ୍ଲାକୁ ମଧ୍ୟ ଏହା ପଠାଯାଉଥିବା ଜଣାପଡ଼ିଛି। ଏ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ବିଶେଷ କରି ଚୌଦ୍ୱାର ଅଞ୍ଚଳରେ ଏହାର ବହୁଳ ବିକ୍ରି ହେଉଥିବାବେଳେ ବିଭିନ୍ନ ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମରେ ପନିର ମଧ୍ୟ ବ୍ୟବହାର ହେଉଛି। ଏ ଦିଗରେ ଚୌଦ୍ୱାର ପୌରପାଳିକା ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫
- ପାଉଣ୍ଡ ୧୦୫.୯୭
- ୟୁରୋ ୮୯.୪୧
- ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୪,୫୦୦ (ଭୁବନେଶ୍ୱର)
- ରୁପା : ୯୪,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୦୭୩.୦୦
- ନିଫ୍ଟି ୨୩,୩୪୪.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ୨୦୨୫ ବଜେଟ୍ ପୂର୍ବବର୍ତ୍ତୀ ସମୟ ସୁନା କିଣିବାର ସୁବର୍ଣ୍ଣ ସୁଯୋଗ: ସଞ୍ଜୟ ହଂସ

ଭୁବନେଶ୍ୱର,୨୦।୧(ସମିସ): ୨୦୨୫ ବର୍ଷରେ କେନ୍ଦ୍ରର ନୂଆ ବଜେଟ୍ ଅନୁସାରେ କେନ୍ଦ୍ର ସରକାର ସୁନା ଉପରେ ସୀମା ଶୁଳ୍କ ବଢ଼ାଇପାରନ୍ତି। ଏଣୁ ବିଶେଷଜ୍ଞଙ୍କ ମତ ଅନୁଯାୟୀ, ବର୍ତ୍ତମାନ ଦାମ କମ ଥିବା ସମୟରେ ସୁନା କିଣିନେବା ଏକ ଲାଭଦାୟୀ ପନ୍ଥା ରହିବ। ଗତ ବର୍ଷ ଜୁଲାଇ ୨୩ ତାରିଖରେ ପାରିତ ବଜେଟରେ ସୁନାର ସୀମା ଶୁଳ୍କ ୧୫ରୁ ୬ ପ୍ରତିଶତକୁ ହ୍ରାସ ହୋଇଥିଲା। ଏହା ଫଳରେ ସୁନା ଆମଦାନୀରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଥିଲା। ସୁନାର ଦରରେ ସନ୍ତୁଳନ ରକ୍ଷା କରିବା ସହ ପର୍ଯ୍ୟାପ୍ତ ଯୋଗାଣ ପାଇଁ ସୀମା ଶୁଳ୍କ ହ୍ରାସ କରାଯାଇଥିଲା। କିନ୍ତୁ ମୁଲ୍ୟ ହ୍ରାସ ହେତୁ ମାତ୍ରାଧିକ ସୁନା କ୍ରୟ ଚିନ୍ତାର ବିଷୟ ହେଲା କାରଣ ଏହା ନିଅଣ୍ଟିଆ ବାଣିଜ୍ୟ ପରିସ୍ଥିତି ସୃଷ୍ଟି କଲା।



ସୁନା ଆମଦାନୀରେ ଭାରତ ହେଉଛି ଦ୍ୱିତୀୟ ବୃହତ୍ତମ ଦେଶ ଏବଂ ଦେଶରେ ବର୍ଦ୍ଧିତ ସୁନାର ଚାହିଦା ପୂରଣ କରିବା ପାଇଁ ଭାରତ ଆମଦାନୀ ହେଉଥିବା ସୁନା ଉପରେ ଅନେକାଂଶରେ ନିର୍ଭରଶୀଳ।ଏହି ସବୁ କାରଣରୁ ଡଲାରର ମୁଲ୍ୟ ଦୃଢ଼ ରହିବା ସତ୍ୱେ ଗତ ସପ୍ତାହ ସୁନାର ମୁଲ୍ୟ ପାଖାପାଖି ୧ପ୍ରତିଶତ ବୃଦ୍ଧି ଘଟିଥିଲା। ଏମ୍‌ସିଏକ୍ସରେ ସୁନାର ଦାମ୍ ୭୯,୦୧୯ ଟଙ୍କା ପ୍ରତି ୧୦ ଗ୍ରାମ୍ ଥିବା ବେଳେ ପୁର୍ବ ସପ୍ତାହର ଶେଷ ସମୟ ମୁଲ୍ୟ ୭୮,୪୦୦ ଟଙ୍କା ପ୍ରତି ୧୦ ଗ୍ରାମ୍ ରହିଥିଲା। ସରକାର ଯଦି ସୀମା ଶୁଳ୍କ ବୃଦ୍ଧି କରନ୍ତି ତେବେ ଘରୋଇ ବଜାରରେ ସୁନା ମୁଲ୍ୟରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ। ସୁନାର ବର୍ଦ୍ଧିତ ଆମଦାନୀକୁ କେବଳ ଆୟତ୍ତ କରିବା ପାଇଁ ସରକାର ଏଥର ୨୦୨୫ ବଜେଟ୍ରେ ସାଧାରଣ ସୀମା ଶୁଳ୍କ ବୃଦ୍ଧି କରିପାରନ୍ତି ବୋଲି ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସ କହିଛନ୍ତି । କେନ୍ଦ୍ର ବଜେଟ୍ ୨୦୨୫ରେ ଶୁଳ୍କ ବୃଦ୍ଧି ସମୟରେ, ଗତ ବର୍ଷର ଏହି ଆମଦାନୀ ଶୁଳ୍କରେ ହ୍ରାସ ବ୍ୟବସ୍ଥାର ଭାରସ୍ୟାମ ରକ୍ଷା କରିବା ନେଇ ସରକାର ନିଶ୍ଚିତ ଚିନ୍ତା କରିବେ ବୋଲି ସେ କହିଛନ୍ତି। ଏହା ସହ ଆମଦାନୀ ଶୁଳ୍କରେ ବୃଦ୍ଧି ସ୍ଥାନୀୟ ବଜାରରେ ବିକ୍ରି ହେବାକୁ ଥିବା ସୁନାର ମୁଲ୍ୟ ବଢ଼ାଇଦେବ ବୋଲି ମଧ୍ୟ ସେ କହିଛନ୍ତି। ଏହି କାରଣରୁ ଦର ହ୍ରାସ ହୋଇଥିବା ବେଳେ ଆବଶ୍ୟକ ସୁନା ଏକାସହ କିଣି ନେବା ଏକ ଉପଯୋଗୀ ପଦକ୍ଷେପ। ଶ୍ରୀ ହଂସ କହିଛନ୍ତି ଯେ, ନିବେଶକମାନେ ଆମେ ଆଶା କରୁଥିବା ଏହି ସ୍ୱଳ୍ପ ଅବଧିର ମୁଲ୍ୟବୃଦ୍ଧି ଘଟଣାରୁ ନିଶ୍ଚିତ ଲାଭ ଉଠାଇପାରିବେ। ସୁନା ବଜାରର ଜଣେ ଦାୟିତ୍ୱବାନ୍ ସମୀକ୍ଷକ ଭାବେ ପରିଚିତ ଶ୍ରୀ ହଂସ କହିଛନ୍ତି କି ବର୍ତ୍ତମାନ ୭୬,୦୦୦ ଟଙ୍କା ପ୍ରତି ୧୦ ଗ୍ରାମ୍ ହିସାବରେ ସୁନାର ଦାମ୍ ଜରୁରୀ ସହାୟକ ମୂଲ୍ୟଠାରୁ ଅଧିକ ରହିଛି। ହେଲେ ଦେଖିବାକୁ ଗଲେ ଭଲ କଥା ହେଉଛି, ସୁନାରେ ଦରବୃଦ୍ଧିର ସୀମା ୭୯,୨୦୦ଟଙ୍କା ପ୍ରତି ୧୦ ଗ୍ରାମ ଯାଏଁ ହିଁ ରହିବ।

# ୧୩୫ ବର୍ଷରେ ଭାରତରୁ ବ୍ରିଟେନ୍ ଲୁଟିଛି ୬୪.୮୨ ଟ୍ରିଲିୟନ୍ ଡଲାର୍‌ର ସମ୍ପତ୍ତି

ନୂଆଦିଲ୍ଲୀ,୨୦।୧(ଏଜେନ୍ସି)

ଦୀର୍ଘ ବର୍ଷ ଇଂରେଜମାନେ ଭାରତକୁ ଶାସନ କରୁଥିଲେ। ଏହି ସମୟ ୧୭୬୫ରୁ ୧୯୪୭ ଯାଏ ଥିଲା। ତେବେ ୧୭୬୫ରୁ ୧୯୦୦ ମସିହା ଯାଏ ଉପନିବେଶବାଦ ଶାସନ ସମୟରେ ଇଂରେଜମାନେ ଭାରତରୁ ପ୍ରାୟ ୬୪.୮୨ ଟ୍ରିଲିୟନ ଡଲାର ବା ୬୪ ଲକ୍ଷ ୮୨ ହଜାର କୋଟି ଡଲାର ଅର୍ଥ ଲୁଟି ନେଇ ଯାଇଛନ୍ତି। ଏହା ମଧ୍ୟରୁ ୩୩.୮ ଟ୍ରିଲିୟନ ଡଲାର ବ୍ରିଟେନର ୧୦% ଧନୀଙ୍କ ପକେଟକୁ ଯାଇଛି। ଭାରତରୁ ଇଂରେଜମାନେ ନେଇ ଯାଇଥିବା ଅର୍ଥ ପରିମାଣ ଏତେ ଥିଲା ଯେ ଯଦି ଏହି ଅର୍ଥରେ ଆମେରିକା, ଚୀନ୍, ଜାପାନ ଭଳି ୫ ଦେଶ ଗଠନ କରାଯାଇପାରିବ। ଅଥବା ଏହାକୁ ବ୍ରିଟେନର ୫୦ ପାଉଣ୍ଡର ନୋଟ୍‌ରେ ପରିଣତ କରାଯାଏ, ତା'ହେଲେ ପୂରା ଲଣ୍ଡନରେ ୪ ଥର ନୋଟ୍‌ର କାରପେଟ୍ ବିଛା ଯାଇପାରିବ। ଅକ୍ସଫାମ ଇଣ୍ଟରନ୍ୟାଶନାଲ୍ ପକ୍ଷରୁ ପ୍ରକାଶିତ ଏକ ନୂଆ ରିପୋର୍ଟରେ ଏହା କୁହାଯାଇଛି।

ବିଶ୍ୱ ଅର୍ଥନୈତିକ ଫୋରମର ବାର୍ଷିକ ବୈଠକର ଅବ୍ୟବହିତ ପୂର୍ବରୁ ଏପରି ରିପୋର୍ଟ ଜାରି କରାଯାଇଛି। ଏହି ରିପୋର୍ଟର ଶୀର୍ଷକ 'ଟେକର୍ସ, ନଟ୍ ମେକର୍ସ'ରଖାଯାଇଛି। ସମଗ୍ର ବିଶ୍ୱରେ ଥିବା ଧନୀ ଓ ଶକ୍ତିଶାଳୀ ଲୋକଙ୍କ ବାର୍ଷିକ ବୈଠକର କିଛି ଘଣ୍ଟା ପୂର୍ବରୁ ଡାଭୋସରେ ଏହାକୁ ସାର୍ବଜନୀନ କରାଯାଇଛି। ଏହି ରିପୋର୍ଟରେ ଏକାଧିକ ଗବେଷଣା, ତଦନ୍ତ ଓ ଦସ୍ତାବିଜରୁ ମିଳିଥିବା ତଥ୍ୟ ଆଧାରରେ ଦାବି କରାଯାଇଛି ଯେ ଆଧୁନିକ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ କେବଳ ଉପନିବେଶବାଦ ଯୋଗୁ ସୃଷ୍ଟି ହୋଇଛନ୍ତି। ଐତିହାସିକ ଉପନିବେଶନବାଦ ସମୟରେ ବ୍ୟକ୍ତି ଅସମାନତା ଓ ଲୁଟର ବିକୃତି, ଆଧୁନିକ ଜୀବନକୁ ରୂପ ଦେବାରେ ଲାଗିଛି। ଏଥିଯୋଗୁ ଗୋଟିଏ ଗଭୀର ଅସମାନତାର ବିଶ୍ୱ ତିଆରି ହୋଇଛି। ବର୍ଣ୍ଣବୈଷମ୍ୟ ଆଧାରରେ ଗୋଟିଏ ବିଭାଜିତ ବିଶ୍ୱ ଗଠିତ ହୋଇଛି। ଏହା ଏପରି ଏକ ବିଶ୍ୱ ଯେଉଁଠାରେ ବେଶ ବ୍ୟବସ୍ଥିତ ଢଙ୍ଗରେ ଗ୍ଲୋବାଲ ସାଉଥଠାରୁ ଟଙ୍କା ଶୋଷଣ କରାଯାଇ ଏହାର ଲାଭକୁ ଗ୍ଲୋବାଲ ନର୍ଥର ଧନୀ ଲୋକମାନଙ୍କୁ ଦିଆଯାଉଛି। ବିଭିନ୍ନ ଅଧ୍ୟୟନ ଓ ଦସ୍ତାବିଜକୁ ଆଧାର କରି ଅକ୍ସଫାମ ଆକଳନ କରିଛି ଯେ ୧୭୬୫ରୁ ୧୯୦୦ ମସିହା ମଧ୍ୟରେ ବ୍ରିଟେନର ସବୁଠାରୁ ୧୦% ଧନୀ କେବଳ ଭାରତ ଠାରୁ ଆଜିର ମୂଲ୍ୟ ହିସାବରେ ୩୩.୮

**୩୩.୮ ଟ୍ରିଲିୟନ ଡଲାର ବ୍ରିଟେନର ୧୦% ଧନୀଙ୍କ ପକେଟ୍‌କୁ ଯାଇଛି**

**ଅର୍ଥରେ ଗଢ଼ି ହେବ ଆମେରିକା, ଚୀନ୍, ଜାପାନ ଭଳି ୫ ଦେଶ**

ଟ୍ରିଲିୟନ ଡଲାର ସମ୍ପତ୍ତି ନେଇଯାଇଛନ୍ତି। ଏହା ଲଣ୍ଡନକୁ ବ୍ରିଟେନର ୫୦ ପାଉଣ୍ଡ ନୋଟରେ ୪ ଥର ଘୋଡ଼ାଇ ଦେଇପାରିବାକୁ ସକ୍ଷମ।

ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୟରେ ଧନୀ ଲୋକଙ୍କ ଗୋଟିଏ ବଡ଼ ଅଂଶ ନିଜ ପରିବାର ପାଖରେ ଥିବା ସମ୍ପତ୍ତିର ଶ୍ରେୟ ଗୁଲାମୀ ଓ ଉପନିବେଶବାଦକୁ ଦେଉଛନ୍ତି। ବିଶେଷ କରି ଗୁଲାମୀ ଶେଷ ହେବା ପରେ ମାଲିକଙ୍କୁ ଦିଆଯାଇଥିବା କ୍ଷତିପୂରଣରୁ ସେମାନଙ୍କୁ




ଅଧିକ ଆୟ ହୋଇଛି। ଆଧୁନିକ ବହୁରାଷ୍ଟ୍ରୀୟ କମ୍ପାନୀ ସୃଷ୍ଟି ହେବା ପଛରେ ଉପନିବେଶବାଦ ରହିଥିବା କଥା ଦାବି କରି ଅକ୍ସଫାମ କହିଛି ଯେ ଏହାର ଆରମ୍ଭ ଇଷ୍ଟ ଇଣ୍ଡିଆ କମ୍ପାନୀ ଭଳି ନିଜସ୍ୱ ନିୟମରୁ ହୋଇଛି। ଏମାନେ ନିଜସ୍ୱ ଆଇନ ପ୍ରସ୍ତୁତ କରିଥିଲେ ଓ ଅନେକ ଉପନିବେଶନବାଦ ଅପରାଧ କାରଣ ପାଲଟିଥିଲେ। ରିପୋର୍ଟରେ କୁହାଯାଇଛି ଯେ ଆଧୁନିକ ଯୁଗରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ସର୍ବଦା ଏକଚାଟିଆ ଓ ପ୍ରାୟ ଏକଚାଟିଆ ସ୍ଥିତିରେ ରହିଛନ୍ତି। କମ୍ପାନୀଗୁଡ଼ିକ ବିଶ୍ୱର ଦକ୍ଷିଣ ପ୍ରାନ୍ତର ଶ୍ରମିକ ବିଶେଷ କରି ମହିଳା ଶ୍ରମିକମାନଙ୍କୁ ଶୋଷଣ କରି ଚାଲିଛନ୍ତି। ଉତ୍ତର ପ୍ରାନ୍ତର ଧନୀ ଅଂଶଧାରୀଙ୍କ ପାଇଁ ସେମାନେ ଏପରି କରୁଥିବା ଅକ୍ସଫାମ କହିଛି। ବିଶ୍ୱସ୍ତରୀୟ ସପ୍ଲାଏ ଚେନ ଓ ରପ୍ତାନୀ ପ୍ରକ୍ରିୟା ଶିଳ୍ପ ସଂସ୍ଥାଗୁଡ଼ିକ ଆଧୁନିକ ଉପନିବେଶବାଦ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛନ୍ତି। ଦକ୍ଷିଣ-ଉତ୍ତର ସମ୍ପତ୍ତି ବାଗବଣ୍ଟାକୁ ପ୍ରୋତ୍ସାହିତ କରୁଛନ୍ତି। ସପ୍ଲାଏ ଚେନରେ ଥିବା ଶ୍ରମିକମାନେ ସବୁବେଳେ ଶୋଷଣର ଶିକାର ହେଉଛନ୍ତି। ସେମାନଙ୍କୁ ନିଜର ଅଧିକାର ମିଳୁନାହିଁ। ସେମାନେ ସାମାଜିକ ସୁରକ୍ଷାର ଲାଭ ପାଉ ନାହାନ୍ତି। ସମାନ ଦକ୍ଷତା ପାଇଁ ଉତ୍ତର ପ୍ରାନ୍ତର ଲୋକଙ୍କୁ ମିଳୁଥିବା ପାରିଶ୍ରମିକ ତୁଳନାରେ ଦକ୍ଷିଣ ପ୍ରାନ୍ତର ଶ୍ରମିକଙ୍କୁ ୮୭ରୁ ୯୫% କମ ମିଳୁଛି।

ବଡ଼ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀ ବିଶ୍ୱର ଯୋଗାଣ ବ୍ୟବସ୍ଥାକୁ ନିଜ ଦଖଲରେ ରଖିଛନ୍ତି। ସେମାନେ ଶସ୍ତା ଶ୍ରମିକମାନଙ୍କ ଦ୍ୱାରା ଲାଭ ଉଠାଉଛନ୍ତି ଓ ଦକ୍ଷିଣ ପ୍ରାନ୍ତରେ ଥିବା ସମ୍ପତ୍ତିକୁ ନେଇ ଯାଉଛନ୍ତି। ସେମାନେ ବେଶ ବ୍ୟବସ୍ଥିତ ଢଙ୍ଗରେ ବିଶ୍ୱ ଅର୍ଥନୀତିକୁ ନିଜ ଅକ୍ତିଆରରେ ରଖି ଚାଲିଛନ୍ତି। ଭାରତରୁ ଉପନିବେଶବାଦ ଶାସନ ମଧ୍ୟରେ ବ୍ରିଟେନ ନେଇଥବା ଟଙ୍କାର ଲାଭ କେବଳ ଧନୀ ପାଇ ନାହାନ୍ତି, ବରଂ ନୂଆ କରି ସାମ୍ନାକୁ ଆସିଥିବା ମଧ୍ୟବିତ୍ତ ମଧ୍ୟ ଏହାର ଲାଭ ପାଇଛନ୍ତି। ୧୦% ଧନୀ ଲୋକ ଭାରତରୁ ଯାଇଥିବା ୫୨% ଆୟର ଲାଭ ପାଇଥିବା ଲେ ୩୨% ଆୟ ମଧ୍ୟବିତ୍ତଙ୍କ ପାଖକୁ ଯାଇଛି ବୋଲି ଅକ୍ସଫାମ୍‌ର ଏହି ରିପୋର୍ଟରେ କୁହାଯାଇଛି।

## ବଦଳିଲା ରେଳବାଇର ଆର୍‌ଏସି ନିୟମ

# ଆର୍‌ଏସି ଟିକଟଧାରୀଙ୍କୁ ଏସି କୋଚ୍‌ରେ ମିଳିବ ସମ୍ପୂର୍ଣ୍ଣ ବେଡ୍ ରୋଲ୍




ନୂଆଦିଲ୍ଲୀ,୨୦।୧(ଏଜେନ୍ସି)

ଭାରତୀୟ ରେଳବାଇ ସଂରକ୍ଷଣ ବାତିଲ ବିରୁଦ୍ଧ ବା ରିଜର୍ଭେସନ୍ ଏଗ୍‌ନେଷ୍ଟ କ୍ୟାନ୍‌ସଲେସନ୍( ଆର୍‌ଏସି) ଟିକେଟଧାରୀଙ୍କୁ ପାଇଁ ଏକ ବଡ଼ ସୁବିଧା ଆଣିଛି। ଏହି ଅନୁଯାୟୀ, ରେଳବାଇ ଆର୍‌ଏସିର ନିୟମରେ ପରିବର୍ତ୍ତନ କରିଛି। ନୂତନ ନିୟମ ଅନୁଯାୟୀ, ଏଣିକି ରେଳବାଇରେ ଆର୍‌ଏସି ଟିକଟ୍ ସହିତ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଏସି କୋଚରେ ସମ୍ପୂର୍ଣ୍ଣ ବେଡରୋଲର ସୁବିଧା ଦିଆଯିବ। ପୂର୍ବରୁ, ଏହି ଶ୍ରେଣୀରେ ଟିକଟ ଥିବା ଦୁଇଜଣଙ୍କୁ ଯାତ୍ରୀ ଏକାଠି ଏକ ବେଡରୋଲ୍ ଦିଆଯାଉଥିଲା।

ରେଳବାଇର ଏହି ନିଷ୍ପତ୍ତି ପରେ, ସେହି ସମସ୍ତ ଯାତ୍ରୀଙ୍କୁ ସାହାଯ୍ୟ ମିଳିବ ଯେଉଁମାନେ ଟିକଟ ପାଇଁ ସମ୍ପୂର୍ଣ୍ଣ ଟଙ୍କା ଦେଉଥିଲେ, କିନ୍ତୁ ସେମାନେ କେବଳ ଅଧା ଆସନ ପାଇବେ। ରେଳବାଇର ନୂତନ ନିୟମ ଅନୁଯାୟୀ, ଆର୍‌ଏସି ଯାତ୍ରୀମାନଙ୍କୁ ପ୍ୟାକେଜ୍ ହୋଇଥିବା ବେଡରୋଲ୍ ଯୋଗାଇଦେବ। ସେଥିରେ ଦୁଇଟି ବେଡସିଟ୍, ଗୋଟିଏ କମ୍ବଳ, ଗୋଟିଏ ତକିଆ ଏବଂ ଗୋଟିଏ ତଉଲିଆ ରହିବ। ଏ ପର୍ଯ୍ୟନ୍ତ, ଆର୍‌ଏସି ଟିକଟ୍ ଥିବା ଯାତ୍ରୀମାନଙ୍କୁ ପାର୍ଶ୍ୱ ତଳ ବର୍ଥର ଅଧା ସିଟ୍‌ରେ ଯାତ୍ରା କରିବାକୁ ପଡୁଥିଲା। ଅନ୍ୟ କାହା ସହିତ ସିଟ୍ ସେୟାର କରିବାକୁ ମଧ୍ୟ ପଡୁଥିଲା। କିନ୍ତୁ ଏବେ ଯାତ୍ରୀମାନଙ୍କୁ ପୂର୍ଣ୍ଣ ସେଟ୍ ସହିତ ଏକ ସମ୍ପୂର୍ଣ୍ଣ ସିଟ୍ ମିଳିବ।

### ■ ଟ୍ରେନରେ ଆର୍‌ଏସି ସିଟ୍

ଆର୍‌ଏସି କହିଲେ ସଂରକ୍ଷଣ ବାତିଲ ବିରୁଦ୍ଧରେକୁ ବୁଝାଏ। ଏହାର ଅର୍ଥ ହେଉଛି କେବଳ ସେହି ଆର୍‌ଏସି ଟିକଟଗୁଡ଼ିକ ନିଶ୍ଚିତ ହେବ, ଯେତେବେଳେ ସାମ୍ନା ବ୍ୟକ୍ତି ତାଙ୍କ ଟିକଟ୍ ବାତିଲ କରନ୍ତି। ଏପରି ଆର୍‌ଏସି ଅଧୀନରେ, ଆପଣଙ୍କୁ ଦୁଇଟି ବସିବା ପାଇଁ ସିଟ୍ ଦିଆଯାଏ। କିନ୍ତୁ ଏବେ, ନୂତନ ନିୟମ ଅନୁଯାୟୀ, ଆର୍‌ଏସି ଟିକଟ୍ ଥିବା ଯାତ୍ରୀମାନଙ୍କୁ ପୂର୍ଣ୍ଣ ସିଟ୍ ମିଳିବ। ଏପରି ପରିସ୍ଥିତିରେ, ଆପଣ କେବଳ ସିଟ୍ ଉପରେ ବସିପାରିବେ ନାହିଁ, ଆପଣ ଆରାମରେ ଶୋଇପାରିବେ।

### ■ ସ୍ଲିପର୍ କୋଚ୍‌ରେ ଆର୍‌ଏସି ସିଟ୍

ସ୍ଲିପର କୋଚଗୁଡ଼ିକରେ ବର୍ତ୍ତମାନ କେବଳ ପାର୍ଶ୍ୱ ତଳ ବର୍ଥ ଅଛି, ସମସ୍ତ କୋଚରେ ୭ଟି ସିଟ୍ ଆର୍‌ଏସି ଅଟେ, ଯେଉଁଥିରେ ୧୪ ଜଣ ଯାତ୍ରୀ ଯାତ୍ରା କରିପାରିବେ। ଯଦି ଆର୍‌ଏସି ସିଟରେ ବସିଥିବା ଜଣେ ବ୍ୟକ୍ତି ତାଙ୍କ ଟିକଟ୍ ବାତିଲ କରନ୍ତି, ତେବେ ସାମ୍ନାରେ ଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ସିଟ୍ ପାଇଥାନ୍ତି।

# ଉତ୍କଳ ହ୍ୟୁଣ୍ଡାଇରେ 'ହ୍ୟୁଣ୍ଡାଇ କ୍ରେଟା ଇଲେକ୍‌ଟ୍ରିକ୍'ର ବଜାର ପ୍ରବେଶ

ଭୁବନେଶ୍ୱର,୨୦।୧(ସମିସ)

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଆଇଏଲ୍) ପକ୍ଷରୁ ସୋମବାର ଉତ୍କଳ ହ୍ୟୁଣ୍ଡାଇରେ 'ହ୍ୟୁଣ୍ଡାଇ କ୍ରେଟା ଇଲେକ୍‌ଟ୍ରିକ୍'ର ବଜାର ପ୍ରବେଶ ହୋଇଯାଇଛି। ଏକ ସ୍ୱତନ୍ତ୍ର ଉତ୍ସବରେ ବିଏମ୍‌ସି ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଏହାର ବଜାର ପ୍ରବଶେ କରାଇଥିଲେ। ଏହି ଅବସରରେ କର୍ପୋରେଟର ସୁକୁମାର ସାହୁ, ଉତ୍କଳ ହ୍ୟୁଣ୍ଡାଇର ସିଇଓ ଭୂଷଣ ଗିରି, ଉତ୍କଳ ହ୍ୟୁଣ୍ଡାଇର ବିଡିଏମ୍ ୱାସିମ୍ ଖାନ୍ ଏବଂ ଉତ୍କଳ ହ୍ୟୁଣ୍ଡାଇ ଟିମ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ଏହି ବହୁ ପ୍ରତୀକ୍ଷିତ 'ହ୍ୟୁଣ୍ଡାଇ କ୍ରେଟା ଇଲେକ୍‌ଟ୍ରିକ୍'ର ବଜାର ପ୍ରବେଶ କରାଯାଇଛି। 'ହ୍ୟୁଣ୍ଡାଇ କ୍ରେଟା ଇଲେକ୍‌ଟ୍ରିକ୍'ର ପ୍ରାରମ୍ଭିକ ମୂଲ୍ୟ ୧୭,୯୯,୦୦୦ ଟଙ୍କା




ରହିଛି। ଏହି ନୂଆ ଗାଡ଼ିର ସ୍ପୋର୍ଟି ଲୁକ୍ ଏହାକୁ ବେଶ ଆକର୍ଷଣୀୟ କରିଛି। ଏହା ଦୁଇଟି ବ୍ୟାଟେରି ପ୍ୟାକ୍ ୫୧.୪ କେଡବ୍ଲ୍ୟୁଏଚ୍ (ଲଙ୍ଗ୍ ରେଞ୍ଜ) ଏବଂ ୪୨ କେଡବ୍ଲ୍ୟୁଏଚ୍ ବିକଳ୍ପରେ ଉପଲବ୍ଧ। ଏହାର ଡ୍ରାଇଭିଙ୍ଗ ରେଞ୍ଜ ଯଥାକ୍ରମେ ୪୭୩ କିମି ଏବଂ ୩୯୦ କିମି ରହିଛି। ଏଥିରେ ଚାଳକଙ୍କ ସୁରକ୍ଷାକୁ ବିଶେଷ ଧ୍ୟାନ ଦିଆଯାଇଛି। ସେଥିପାଇଁ ଗାଡ଼ିରେ ଏଡିଏଏସ୍ ସଂଯୁକ୍ତ ରିଜେନେରେଟିଭ୍ ବ୍ରେକିଂ ସିଷ୍ଟକ୍ ରଖାଯାଇଛି। 'ହ୍ୟୁଣ୍ଡାଇ କ୍ରେଟା ଇଲେକ୍‌ଟ୍ରିକ୍'ରେ ୭୫ଟିରୁ ଅଧିକ ଅତ୍ୟାଧୁନିକ ସୁରକ୍ଷା ବୈଶିଷ୍ଟ୍ୟ ସହ ୫୨ଟି ସୁରକ୍ଷା ବୈଶିଷ୍ଟ୍ୟ ସଂଯୁକ୍ତ କରାଯାଇଛି।

## ଅର୍ଥ ମନ୍ତ୍ରାଳୟର ରିପୋର୍ଟ

# ବଢୁଛି ବିଦେଶୀ ଋଣ ବୋଝ

**୨୦୨୪ ସେପ୍ଟେମ୍ବର ସୁଦ୍ଧା ୫୮.୬ ଲକ୍ଷ କୋଟି** | **ଗତବର୍ଷ ଜୁନ୍ ତୁଳନାରେ ୪.୩ ପ୍ରତିଶତ ଅଧିକ**

ନୂଆଦିଲ୍ଲୀ ,୨୦।୧ (ଏଜେନ୍ସି)




ବଢୁଛି ଦେଶର ଅର୍ଥ ବ୍ୟବସ୍ଥା। ବିଗତ କିଛି ବର୍ଷ ହେବ ଭାରତର ଆର୍ଥିକ ଅଭିବୃଦ୍ଧି ହାର ବହୁତ ଭଲ ରହିଛି। ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ମଧ୍ୟ ବୃଦ୍ଧି ଅବ୍ୟାହତ ରହିଛି। ତେବେ ଏହି ବିକାଶ ସହିତ ଦେଶ ଉପରେ ବିଦେଶୀ ଋଣ ବୋଝ ମଧ୍ୟ ବଢ଼ି ବଢ଼ି ଚାଲିଛି। ନିକଟରେ ଭାରତ ସରକାର ଏ ନେଇ ତଥ୍ୟ ଜାରି କରିଛନ୍ତି। ଏଥିରୁ ଦେଶ ଉପରେ ବିଦେଶୀ ଋଣ ଢେର ବଢ଼ିଯାଇଥିବା ସୂଚନା ମିଳିଛି। ତେବେ ଦେଶର ବିଦେଶୀ ଋଣ ଏ ପର୍ଯ୍ୟନ୍ତ ସବୁଠୁ ଉଚ୍ଚତମ ସ୍ତରରେପହଞ୍ଚିଥିବା ସୂଚାଉଛି।

ଅର୍ଥ ମନ୍ତ୍ରାଳୟଙ୍କ ଦ୍ୱାରା ଜାରି ତଥ୍ୟ ଅନୁସାରେ ସେପ୍ଟେମ୍ବର ୨୦୨୪ ସୁଦ୍ଧା ଦେଶର ବିଦେଶୀ ଋଣ ପରିମାଣ ୭୧୧.୮ ବିଲିୟନ ଡଲାର (ପାଖାପାଖି ୫୮.୬ଲକ୍ଷ କୋଟି ଟଙ୍କା) ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ଏହି ପରିମାଣ ଜୁନ ୨୦୨୪ ତୁଳନାରେ ୪.୩ ପ୍ରତିଶତ ଅଧିକ। ଗତବର୍ଷ ଜୁନ ମାସ ସୁଦ୍ଧା ଭାରତର ବିଦେଶୀ ଋଣ ପରିମାଣ ୬୮୨.୨ ବିଲିୟନ ଡଲାର ରହିଥିଲା। ଯାହା ମାତ୍ର ୩ ମାସରେ ଅର୍ଥାତ ସେପ୍ଟେମ୍ବର ବେଳକୁ ୨୯.୬ ବିଲିୟନ ଡଲାର ବଢ଼ିଛି। ସେହି ଅନୁସାରେ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଭାରତର ବିଦେଶୀ ଋଣ ଏହାର ସକଳ ଘରୋଇ ଉତ୍ପାଦ (ଜିଡିପି)ର ୧୯.୪ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର ପୂର୍ବରୁ ଜୁନରେ ଏହି ପରିମାଣ ୧୮.୮ ପ୍ରତିଶତ ଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଋଣ ଅନୁପାତ ଜିଡିପି ତୁଳନାରେ ବଢିବାରେ ଲାଗିଛି। ଯାହା ଆଗକୁ ଚିନ୍ତାର ବିଷୟ ହୋଇପାରେ। କାରଣ ଅଧିକ ଋଣର ଅର୍ଥ ଭବିଷ୍ୟତରେ ଅଧିକ ସୁଧ ପୈଠ କରିବାର ବୋଝ ହେବ, ଯାହା ସରକାରଙ୍କ ଆର୍ଥିକ ସ୍ଥିତି ଓ ସ୍ଥିରତାକୁ ପ୍ରଭାବିତ କରିବ। ତେବେ ଭାରତର ବିଦେଶୀ ଋଣ ବିଭିନ୍ନ ମୁଦ୍ରାର ମିଶ୍ରଣ। ଯେଉଁଥିରେ ସବୁଠୁ ବଡ଼ ଅଂଶ ଆମେରିକୀୟ ମୁଦ୍ରା ଡଲାରର ରହିଛି। ସେପ୍ଟେମ୍ବର ୨୦୨୪ରେ ଭାରତର ବିଦେଶୀ ଋଣର ୫୩.୪ ପ୍ରତିଶତ ଆମେରିକୀୟ ଡଲାରରେ ଥିଲା। ଏହା ପଛକୁ ଭାରତୀୟ ମୁଦ୍ରାରେ ୩୧.୨ ପ୍ରତିଶତ, ଜାପାନୀ ୟେନରେ ୬.୬ ପ୍ରତିଶତ, ଏସଡିଆର(ବିଶେଷ ଆହରଣ ଅଧିକାର) ରେ ୫ ପ୍ରତିଶତ ଓ ୟୁରୋରେ ୩ ପ୍ରତିଶତ ଥିଲା।

ତେବେ ଭାରତର ବିଦେଶୀ ଋଣର ସ୍ଥିତି ଏବେ ଏତେ ଗୁରୁତର ହୋଇନାହିଁ, ଯାହା ଦ୍ୱାରା କୌଣସି ତତ୍କାଳ ଆର୍ଥିକ ସଂକଟ ଉପୁଜିବ। ତେବେ ଋଣର ସ୍ତର ଓ ସୁଧହାର ବଢିଲେ ଭବିଷ୍ୟତରେ ଦେଶ ପାଇଁ ବହୁତ ବଡ ଆହ୍ୱାନ ହୋଇପାରେ। ଏଣୁ ବିଦେଶୀ ଋଣ ପରିଚାଳନାରେ ସରକାରଙ୍କୁ ସନ୍ତୁଳନ ରକ୍ଷା କରିବାକୁ ହେବ। ଯାହା ଦ୍ୱାରା ଦେଶର ବିକାଶ ଲକ୍ଷ୍ୟ ପୂରଣ ହେବା ସହ ଋଣ ବୋଝକୁ ବି ଦେଶ ନିୟନ୍ତ୍ରଣ କରିପାରିବ।

## ● ବେଦାନ୍ତ ଆଲୁମିନିୟମ

# ଜାମ୍‌ଖାନି କୋଇଲା ଖଣିରେ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଡାସ୍‌ବୋର୍ଡର ଶୁଭାରମ୍ଭ



ଭୁବନେଶ୍ୱର,୨୦।୧(ସିମସ): ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ଏକ ଅତ୍ୟାଧୁନିକ କାର୍ଯ୍ୟକ୍ଷମ ଦାସବୋର୍ଡର ଶୁଭାରମ୍ଭ କରିଛି। ଏହି ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ ରିଅଲ-ଟାଇମ୍ ଡାଟାକୁ ସମନ୍ୱିତ କରେ, କାର୍ଯ୍ୟଦକ୍ଷତା ମେଟ୍ରିକ୍ସକୁ ଅପ୍ଟିମାଇଜ୍ କରେ ଏବଂ ନିୟମିତ ପ୍ରକ୍ରିୟାକୁ ସ୍ୱୟଂଚାଳିତ କରେ। ଏକ ଉତ୍ସର୍ଗୀକୃତ ଟିମ୍ ଦ୍ୱାରା ବିକଶିତ ଏହି ଡାସବୋର୍ଡ ସେମାନଙ୍କର ମୌଳିକ ସ୍ତରରେ ଖଣି କାର୍ଯ୍ୟକୁ ଟ୍ରାକ୍ କରିବା ପାଇଁ ପ୍ରଥମ ନୀତି ପଦ୍ଧତିର ଉପଯୋଗ କରେ। ଏହା ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ୍) ମାଧ୍ୟମରେ କାର୍ଯ୍ୟକ୍ଷମ ଉତ୍କର୍ଷତା ହାସଲ କରିବା ପାଇଁ କାର୍ଯ୍ୟକ୍ଷମ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ଯୋଜନାବଦ୍ଧ ଏବଂ ବାସ୍ତବ ବ୍ୟୟ ହ୍ରାସ ହାର, କୋଇଲାର ସଠିକ ଆକଳନ, ବ୍ୟାପକ ଯନ୍ତ୍ରପାତି ବ୍ୟବହାର, ପ୍ରେରଣ ଏବଂ ମହଜୁଦ ଗୁଣବତ୍ତା ବିଶ୍ଳେଷଣକୁ ମାପିଥାଏ। ଜାମଖାନି କୋଇଲା ଖଣି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଏବଂ ଓଡ଼ିଶାର ପ୍ରଥମ ଘରୋଇ ଗ୍ରୀନଫିଲ୍ଡ ଖଣି। ଏହି ଖଣି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି।



# ସୁବର୍ଣ୍ଣା



ସକାଳ
THE SAKALA
www.sakalaepaper.com



## ପ୍ରତିକୂଳ ପରିସ୍ଥିତିରେ ଚାଷ ପାଇଁ ପଲିଟନେଲ୍ ପଦ୍ଧତି

ପଲିଟନେଲ୍, ପଲିହାଉସ୍‌ର ଏକ ଛୋଟ ଏବଂ ପ୍ରଭାବୀଶାଳୀ ରୂପ। ଏହା ଏକ ଅତ୍ୟାଧୁନିକ ବୈଷୟିକ ପଦ୍ଧତି। ପଲିହାଉସ୍‌ରେ ପଲିଥିନ୍ ତଥା ପ୍ଲାଷ୍ଟିକ୍ ଆବରଣ ଛାତ ଭିତରେ ଚାଷ କରାଯାଉଥିବାବେଳେ ପଲିଟନେଲ୍‌ରେ କମ୍ ଉଚ୍ଚତାରେ ଏକ ଅସ୍ଥାୟୀ ସଂରଚନା କରାଯାଇ ଚାଷ କରାଯାଇଥାଏ। ପଲିଟନେଲ୍‌ରେ ଫସଲକୁ ପ୍ରଭାବିତ କରୁଥିବା ପ୍ରତିଟି କାରକକୁ ନିୟନ୍ତ୍ରିତ କରାଯାଇ ଯେ କୌଣସି ଋତୁରେ ମଧ୍ୟ ପନିପରିବା ଚାଷ କରାଯାଇଥାଏ। ଫୁଲ ତଥା ପରିବା ନର୍ସରୀ ପାଇଁ ପଲିଟନେଲ୍‌କୁ ଉପଯୋଗ କରାଯାଇଥାଏ।



ସମ୍ପ୍ରତି ଭାରତର ଚାଷୀମାନେ କମ୍ ଖର୍ଚ୍ଚ, ଶ୍ରମ ଏବଂ କମ୍ ସମୟରେ ଚାଷରୁ ଅଧିକ ଲାଭ ପାଇବା ପାଇଁ ଆଧୁନିକ କୌଶଳର ସାହାଯ୍ୟ ନେଉଛନ୍ତି। ପଲିଟନେଲ୍ ଆଧୁନିକ କୃଷି କ୍ଷେତ୍ରରେ କ୍ରାନ୍ତି ଆଣିବ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି କୌଶଳ ପ୍ରତିକୂଳ ପରିସ୍ଥିତି ପାଇଁ ସହାୟକ ହେବା ସହ ଆୟ ବୃଦ୍ଧି କରାଇବ।

ପଲିଟନେଲ୍ କୌଶଳରେ ଗ୍ରୀନ୍ ହାଉସ୍ ପରି ପଲିଥିନ୍ ସିଟ୍‌ସକୁ ଉପଯୋଗ କରି ତିଆରି କରାଯାଇଥାଏ। ଏହି ସଂରଚନା ଭିତରେ ତାପମାତ୍ରା, ଆର୍ଦ୍ରତା, ସୂର୍ଯ୍ୟାଲୋକସ୍ତରକୁ ନିୟନ୍ତ୍ରିତ କରାଯାଇଥାଏ। ଯାହାଫଳରେ ଗଛକୁ ସେମାନଙ୍କ ଆବଶ୍ୟକତା ଅନୁସାରେ ପରିବେଶ ମିଳିଥାଏ। ତେଣୁ ଏହି ପଲିଟନେଲ୍‌କୁ ଉପଯୋଗ କରି ପନିପରିବା, ଫୁଲ, ଫଳ ଏବଂ ଔଷଧୀୟ ଗଛ ଲଗାଯାଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତି ପାଞ୍ଚବର୍ଷରେ ଥରେ ପଲିଟନେଲ୍‌ରେ ପ୍ଲାଷ୍ଟିକ୍ ଚାଦର ବଦଳାଇପାରିବେ।

**କେଉଁ ଫସଲ ପାଇଁ ଉପଯୋଗୀ:** ମୁଖ୍ୟତଃ ଅଧିକ ଯତ୍ନ ଆବଶ୍ୟକ କରୁଥିବା ଫସଲକୁ ପଲିଟନେଲ୍‌ରେ ଚାଷ କରାଯାଇଥାଏ। ଯଥା- ଟମାଟୋ, ସିମ୍ଲା ଲଙ୍କା, କାକୁଡ଼ି, କଖାରୁଜାତୀୟ ଫସଲ, ଷ୍ଟ୍ରବେରୀ, ପନିପରିବା ଏବଂ ଫଳ ଇତ୍ୟାଦି। ସେହିପରି ଗେଣ୍ଡୁ, ଗୋଲାପ, ଜରବେରା ଏବଂ ଫୁଲ ଆଦି ଚାଷ ହେଉଥିବାବେଳେ ଅଧିକାଂଶ ଚାଷୀ ଏଥିରେ ଘି-କୁଆଁରୀ ଏବଂ ତୁଳସୀ ଆଦି ଔଷଧୀୟ ଗଛ ଲଗାଇ ଲାଭବାନ ହୋଇପାରୁଛନ୍ତି।

**ପଲିଟନେଲ୍ ପଦ୍ଧତିରୁ ଲାଭ:** ଏହି ପଦ୍ଧତିରେ ଚାଷ ଦ୍ୱାରା ଗଛକୁ ଅନୁକୂଳ ବାତାବରଣ ମିଳିଥାଏ। ସାଧାରଣ ଫସଲ ତୁଳନାରେ ଏଥିରେ ଅଧିକ ଉତ୍ପାଦନ ହୋଇଥାଏ। ଅନାବନା ଘାସ ହୁଏନାହିଁ। ଏହାସହ ଗଛକୁ ଥଣ୍ଡା, ଗରମ ଏବଂ ବର୍ଷା ଆଦି ଦାଉରୁ ସୁରକ୍ଷା ମିଳିଥାଏ। ଚାଷରେ ବୁନ୍ଦାଜଳ ଦିଆଯାଉଥିବାରୁ ପାଣି ଏବଂ ଉର୍ବରକ କମ୍ ବ୍ୟବହାର ହୁଏ। ସଂରକ୍ଷିତ ବାତାବରଣରେ ଗଛରେ ରୋଗ ଏବଂ ପୋକ ଦାଉରୁ ସୁରକ୍ଷା ଦିଆଯାଇପାରେ। ବିଶେଷ କଥା ହେଉଛି, ପଲିଟନେଲ୍ ମାଧ୍ୟମରେ ଜଣେ ଚାଷୀ ଯେକୌଣସି ଜଳବାୟୁରେ ଚାଷ କରି ଆୟ ବୃଦ୍ଧି କରିପାରିବେ।

ପଲିଟନେଲ୍ ପଦ୍ଧତିରେ ଚାଷ କରିବାକୁ ସରକାରଙ୍କ ତରଫରୁ ଆର୍ଥିକ ସହାୟକ ଏବଂ ସବ୍‌ସିଡି ରହିଛି। ଚାଷୀଙ୍କୁ ପ୍ରଥମେ ସ୍ଥାନୀୟ ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରିବାକୁ ପଡ଼ିଥାଏ। କେଉଁ ସ୍ଥାନରେ ପଲିଟନେଲ୍ ସେଟ୍‌ଅପ୍ କରିବେ, ଏଥିପାଇଁ କେତେ ପ୍ଲାଷ୍ଟିକ୍ ସିଟ୍‌ସ ଆବଶ୍ୟକ ଆଦି ଜରୁରି ତଥ୍ୟ ଓ ପ୍ରମାଣ ପତ୍ର ଦେଇ ଆର୍ଥିକ ସହାୟତା ପାଇପାରିବେ। ସମ୍ପ୍ରତି ଅଧିକାଂଶ ଚାଷୀ ପ୍ଲାଷ୍ଟିକ୍ ସିଟ୍ ସହିତ ବାଉଁଶକୁ ଉପଯୋଗ କରି ମଧ୍ୟ ବିଭିନ୍ନ ପ୍ରକାର ଚାଷ କାମ କରିପାରୁଛନ୍ତି। ତେଣୁ ପଲିଟନେଲ୍‌ର ସ୍ଥିତିକୁ ନିୟମିତ ଯାଞ୍ଚ କରିବା ଦ୍ୱାରା ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ ନାହିଁ।

## ଛେଳିଙ୍କ କୃମିରୋଗର ପ୍ରତିକାର

**ଗ୍ରାମାଞ୍ଚଳର କିଛି ଲୋକ ଛେଳିପାଳନ କରନ୍ତି। ଛେଳିପାଳନରେ ଛେଳିଙ୍କୁ ହେଉଥିବା ରୋଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଯଦିଓ ଛେଳିଙ୍କର କୃମି ହେବା ସାଧାରଣ କଥା, ତେବେ ବେଳେ ବେଳେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିଥାଏ। ଏଥିପ୍ରତି ସତର୍କତା ଅବଲମ୍ବନ ଜରୁରି।**



ଛେଳିମାନେ ବାହାରେ ଚରିବୁଲି ଥାନ୍ତି, ମାଟିରୁ ବିଭିନ୍ନ ଜୀବାଣୁ ସହିତ ବିଭିନ୍ନ ପ୍ରକାର କୃମି ଖାଦ୍ୟ ମାଧ୍ୟମରେ ସେମାନଙ୍କ ପେଟକୁ ଚାଲିଯାଇଥାଏ। ଏଥିଯୋଗୁଁ କୃମି ବୃଦ୍ଧି ପାଆନ୍ତି। କୃମି ଛେଳିଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ। କୃମି ହେବା ଦ୍ୱାରା ଏହା ଫୁସ୍‌ଫୁସ୍ ଏବଂ ଯକୃତ୍ ଉପରେ ପ୍ରଭାବ ପକାଏ। ଏହାଦ୍ୱାରା ଛେଳିଙ୍କୁ ଭୋକ ନ ଲାଗିବା, କମ୍‌ଜୋର ହେବା, ଝାଡ଼ା ହେବା, ପେଟ ବଡ଼ ହେବା, ଓଜନ ହ୍ରାସ, ଲୋମ ଝଡ଼ିବା, ପେଟ ରୋଗ, ଲୋମ ଶୁଷ୍କ ତଥା ଟାଆଁସିଆ ହୋଇଯିବା, ଶରୀରର କିଛି ସ୍ଥାନରେ ପାଣି ଜମିବା, ଶରୀର ବାହାରେ ଟିଙ୍କ ଉକୁଣୀ ହେବା ଆଦି ଲକ୍ଷଣ ଦେଖାଯାଇଥାଏ।

ଏହାର ପ୍ରତିକାର ପାଇଁ ଛଅ ମାସ ତଥା ଅଧିକ ବୟସର ଛେଳିଙ୍କୁ ବର୍ଷରେ ଦୁଇଥର କୃମିନାଶକ ଦେଇପାରିବେ। ପ୍ରତି ମାସକୁ ଥରେ ଛେଳି ମଳ ଟେଷ୍ଟ କରିପାରିବେ। ପ୍ରତିଦିନ ଛେଳିଙ୍କୁ ଚରିବାକୁ ଛାଡ଼ିବା ପୂର୍ବରୁ ସେମାନଙ୍କ ଶରୀରରେ କୌଣସି ଆଘାତ ଲାଗିଛି କି ନାହିଁ, ସେମାନେ ସୁସ୍ଥ ଅଛନ୍ତି କି ନାହିଁ, ଯାଞ୍ଚ କରନ୍ତୁ। ରୋଗଗ୍ରସ୍ତ ଛେଳିଙ୍କୁ ଚରିବାକୁ ଛାଡ଼ନ୍ତୁନି। ସେହିପରି ପ୍ରତି ତିନିମାସରେ ଥରେ ଡାକ୍ତରଙ୍କ ପରାମର୍ଶରେ ଛେଳିଙ୍କୁ କୃମିନାଶକ ଔଷଧ ଦେଇପାରିବେ। ନିୟମିତ ରୂପେ ଟିକାକରଣ କରିବା ସହ କୃମିନାଶକ ଔଷଧ ଦେବାକୁ ଭୁଲନ୍ତୁନି।

## ଥଣ୍ଡାରୁ ମହୁମାଛିଙ୍କ ସୁରକ୍ଷା



ଆମ ରାଜ୍ୟର କେତେକ ଲୋକ ମହୁମାଛି ପାଳନ କରି ଜୀବିକାନିର୍ବାହ କରୁଛନ୍ତି। ଅନ୍ୟ ଋତୁ ଅପେକ୍ଷା ଶୀତଦିନେ ମହୁମାଛିଙ୍କର ଅଧିକ ଦେଖାରଖା କରିବାକୁ ପଡ଼େ। କାରଣ ଶୀତଦିନେ ଥଣ୍ଡା ପବନ ଓ କମ୍ ତାପମାତ୍ରା ଯୋଗୁଁ ମହୁମାଛି ବାହାରକୁ ଖାଦ୍ୟ ଅନ୍ୱେଷଣ କରିବାକୁ ଯାଇପାରନ୍ତିନି। ବାକ୍ସରେ ଖାଦ୍ୟରେ ସଙ୍କଟ ଦେଖାଦିଏ। ଏଥିପ୍ରତି ଧ୍ୟାନ ଦେବା ଜରୁରି। ମହୁମାଛିକୁ ଥଣ୍ଡାଦାଉରୁ ସୁରକ୍ଷା ଦେବାକୁ ମହୁବାକ୍ସ ଉପରେ ଝୋଟ ଅଖା ଢାଙ୍କିବାକୁ ପଡ଼େ। ଅଧିକ ଶୀତପଡ଼ିଲେ ସେମାନେ ବାହାରକୁ ଯାଇପାରନ୍ତିନି। ତେଣୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ଅନୁମୋଦିତ ହାରରେ ଦୁଇଭାଗ ଚିନି, ଭାଗେ ପାଣି ମିଶ୍ରିତ ସିରା କରି ସେମାନଙ୍କର ସମସ୍ତ ବାକ୍ସରେ ଏକାସାଙ୍ଗରେ ୨୦୦ ମିଲି ଲେଖାଏଁ ସପ୍ତାହକୁ ଥରେ ସନ୍ଧ୍ୟା ସମୟରେ ଖାଇବାକୁ ଦେବା ଜରୁରି। ମହୁ ରହିବା ସ୍ଥାନର ତାପମାତ୍ରା ବୃଦ୍ଧି ପାଇଁ ଡମିବୋର୍ଡ ରଖିପାରିବେ। ସାଧାରଣତଃ କାଠଚାମ୍ବରରେ ଆଠଟି ଫ୍ରେମ୍ ଲାଗି ଲାଗି ରହିଥାଏ। ତିନିଟି ଫ୍ରେମ୍‌ରେ ମାଛି ଥିବା ବେଳେ ୪ ନମ୍ବର ଫ୍ରେମ୍ ତଥା ଖାଲି ଫ୍ରେମ୍‌ରେ ପ୍ଲାଏକାଠ ପଟା ଲଗାଇଦେଲେ, ଶୀତଦିନେ ରକ୍ଷା ମିଳିଥାଏ। ଶୀତଦିନେ ସୋରିଷ ତଥା ସୂର୍ଯ୍ୟମୁଖୀ ଫୁଲ ଯେଉଁଠି ହୋଇଥିବ ସେହି ସ୍ଥାନ ପାଖେ ମହୁବାକ୍ସ ରଖିପାରିବେ। ଫସଲରେ ରୋଗପୋକ ଲାଗିବା ସମ୍ଭାବନା ଥିଲେ, ଫୁଲ ଆସିବା ପୂର୍ବରୁ କୀଟନାଶକ ସିଞ୍ଚନ କରିବା ଜରୁରି। ସନ୍ଧ୍ୟା ପରେ କୀଟନାଶକ ସିଞ୍ଚନ ବିଧେୟ। ଏହାଦ୍ୱାରା ମହୁମାଛି ସୁରକ୍ଷିତ ରୁହନ୍ତି। ସେହିପରି ପ୍ରତି ସପ୍ତାହକୁ ଥରେ ସେମାନଙ୍କ ତଳିପଟାକୁ ସଫା ରଖିପାରିବେ।

### ସଫଳ ଚାଷୀ

## ନୂତନ ପଦ୍ଧତିରେ ଚାଷ କରି ସଫଳ

**ଶିକ୍ଷିତ ଯୁବ ସମାଜ ଏବେ ଚାକିରି ପଛରେ ଧାଉଁଛନ୍ତି। ହେଲେ ଆଉ କିଛି ଶିକ୍ଷିତ ଯୁବପିଢ଼ି ଏଥିରୁ ଦୂରେଇ ଚାଷ କାମକୁ ଆଦରି ନେଇଛନ୍ତି। ସେହିପରି ଜଣେ ଚାଷୀ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ତୁଷାରକାନ୍ତ ବାରିକ (୪୮)। ଚାଷରୁ ନିଜେ ସ୍ୱାବଲମ୍ବୀ ହେବା ସହିତ ସେ ଅନ୍ୟ ୧୫ଟି ପରିବାରକୁ କାମ ଯୋଗାଇ ଉଦାହରଣ ସାଜିଛନ୍ତି।**

ତୁଷାର ଯୁକ୍ତ ତିନି ପାସ୍ ପରେ କୌଣସି ସରକାରୀ କିମ୍ବା ବେସରକାରୀ ଚାକିରି ପଛରେ ଦୌଡ଼ି ନ ଥିଲେ। ନିଜ ପୈତୃକ ସମ୍ପତ୍ତି ୭ ଏକ ଜମିରେ ସେ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ପାରମ୍ପରିକ ପଦ୍ଧତିରେ ଚାଷ କାର୍ଯ୍ୟ କରି ତାଙ୍କର ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ପରେ ନିଜ ଗ୍ରାମ ତଥା ପଡ଼ୋଶୀ ଗ୍ରାମର କିଛି ଜମି ମାଲିକଙ୍କଠାରୁ ଆଉ ୧୭ ଏକର ଜମି କାଟରେ ଆଣି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଏହି ଚାଷ କାର୍ଯ୍ୟ ପାଇଁ ଏବେ ଅତ୍ୟାଧୁନିକ ଟ୍ରାକ୍ଟର, ରୋଟର, ଧାନରୁଆ ମେସିନ୍, ଧାନକଟା ମେସିନ୍ ଇତ୍ୟାଦି ବ୍ୟବହାର କରୁଛନ୍ତି। ୧୪ ଏକର ଜମିରେ ସେ ଧାନ ଚାଷ କରୁଛନ୍ତି। ଧାନକଟା ହେବା ପରେ ଉକ୍ତ ଜମିରେ ମୁଗ ପକାଇଥାନ୍ତି। ଏଥି ସହିତ ଉଚ୍ଚ ଜମିରେ ୨ ଏକର ବିରି ଓ ୪ ଏକର ଜମିରେ କୋଳଥ ଚାଷ କରୁଛନ୍ତି। ଆଉ ୪ ଏକର ଜମିରେ ସେ କଖାରୁ ଚାଷ କରୁଛନ୍ତି। ତେବେ ଏହି ସବୁ ଚାଷ କରିବା ପାଇଁ ତାଙ୍କ ପାଖରେ ବର୍ଷ ତମାମ ୧୫ ଜଣ ଲୋକ କାର୍ଯ୍ୟ କରିଥାନ୍ତି।



ତୁଷାର ଚଳିତ ବର୍ଷ ୨୦୦ କୁଣ୍ଟାଲ ଧାନ ଅମଳ କରିଥିବା ବେଳେ ଏଥିମଧ୍ୟରୁ ୧୫୦ କୁଣ୍ଟାଲ ଧାନ ସମବାୟ ସମିତିରେ ବିକ୍ରି କରିବେ ବୋଲି କହିଛନ୍ତି। ଏଥିସହିତ ମୁଗ, ବିରି, କୋଳଥ, ସୋରିଷ ଓ କଖାରୁକୁ ନିକଟସ୍ଥ ଚାନ୍ଦୋଳ ବଜାରରେ ବିକ୍ରି କରିଥାନ୍ତି। ସେ ସରକାରଙ୍କ ପକ୍ଷରୁ ସମସ୍ତ କୃଷି ଉପକରଣ ସବ୍‌ସିଡ଼ି ମାଧ୍ୟମରେ ଖୁବ୍ କମ୍ ଟଙ୍କାରେ କିଣିଥିବା ପ୍ରକାଶ କରିଛନ୍ତି। ତୁଷାର ଏହି ଚାଷ କାର୍ଯ୍ୟରୁ ତାଙ୍କର ପରିବାର ପ୍ରତିପୋଷଣ ସହିତ ୧୫ଟି ପରିବାରକୁ କାମଧନ୍ଦା ଯୋଗାଇ ଦେଇଛନ୍ତି। ଚାଷକାର୍ଯ୍ୟରୁ ସେ ବାର୍ଷିକ ୩ରୁ ୪ ଲକ୍ଷ ଟଙ୍କା ଲାଭ କରୁଥିବା ପ୍ରକାଶ କରିଛନ୍ତି।

- ପ୍ରମୋଦ କୁମାର ପ୍ରଧାନ, ଡେରାବିଶ

## ଗେଣ୍ଡୁରେ ଫୁଲ ଆସିବା ପୂର୍ବରୁ...

**ମୁଖ୍ୟତଃ ଶୀତଋତୁରେ ଗେଣ୍ଡୁ ଚାଷ ହୋଇଥାଏ। ତେବେ ଚାଷୀମାନେ ଏହି ସମୟରେ ଗେଣ୍ଡୁଗଛରୁ କିପରି ଅଧିକରୁ ଅଧିକ ଫୁଲ ଅମଳ କରି ପାରିବେ, ସେ ବିଷୟରେ ଜାଣନ୍ତୁ।**

ଫୁଲକୁ ଶୁଖାଇ ଏଥିରୁ ମଞ୍ଜି କରି ନର୍ସରୀ କରିବା ସହଜ ହୋଇଥାଏ। କିନ୍ତୁ ଠିକ୍ ଯତ୍ନ ନ ନେଲେ ଗଛରେ ଫୁଲ ଆସିବା ବିଳମ୍ବ ହୁଏ ଏବଂ ତା' ସହ ଅଧିକ ଫୁଲ ଫୁଟେନାହିଁ। ଏଥିପାଇଁ କୁଣ୍ଡରେ ଗେଣ୍ଡୁ ଲଗାଇବା ସମୟରେ ହାଲୁକା ନରମ ମାଟି ନିଅନ୍ତୁ। ମାଟି ଦେବା ପୂର୍ବରୁ ଅଳ୍ପ ବାଲି କୁଣ୍ଡ ତଳେ ବିଛାଇ ପାରିବେ। ଏହାଦ୍ୱାରା ଚେର ପାଣିକୁ ଶୋଷିବାରେ ସାହାଯ୍ୟ କରିଥାଏ। ଗେଣ୍ଡୁ ଗଛରେ ଜିଆ କିମ୍ବା ଶୁଖିଲା ଗୋବର ଖତ ଦେବାକୁ ଭୁଲନ୍ତୁନି। ୨୦ ରୁ ୨୫ ଦିନ ଅନ୍ତରରେ ଏହି ଖତ ପ୍ରୟୋଗ ଦ୍ୱାରା ଗଛକୁ ଭରପୂର ମାତ୍ରାର ପୋଷକତତ୍ତ୍ୱ ମିଳିଥାଏ। କୁଣ୍ଡର ମାଟିକୁ ନିୟମିତ ଖୁରୁପି ସାହାଯ୍ୟରେ ଏପଟସେପଟ କରିପାରିବେ। ଏହା ଦ୍ୱାରା ମୃତ୍ତିକା ଉର୍ବରଶକ୍ତି ବୃଦ୍ଧି ପାଏ। ଗଛର ଚେର ଯାଏଁ ସଠିକ୍ ମାତ୍ରାର ସୂର୍ଯ୍ୟକିରଣ ପଡ଼ିପାରେ।

ପତ୍ର ଅଧିକ ଝଙ୍କାଳିଆ ହେଲେ ଫୁଲ ଫୁଟିବାରେ ସମସ୍ୟା ହୋଇଥାଏ। ତେଣୁ ସମୟେ ସମୟେ ପତ୍ରକୁ କଇଁଚି ସାହାଯ୍ୟରେ କାଟି ପାରିବେ। ୫ରୁ ୬ଘଣ୍ଟା ଖରା ପଡୁଥିବା ସ୍ଥାନରେ ଗଛ କୁଣ୍ଡ ରଖିପାରିବେ। ଶୀତଦିନେ ଗଛରେ ଅଧିକ ପାଣି ଦେବା ଦ୍ୱାରା ଏହାର ଶାଖାଗୁଡ଼ିକ ଶଢ଼ିଯାଏ। ଏଥିପ୍ରତି ସଚେତନ ରହିବା ଜରୁରି।



## ଏ ମାସର ଚାଷ

**ଜାନୁଆରୀ ମାସରେ କମ୍ ତାପମାତ୍ରା ଏବଂ ଥଣ୍ଡା ପଡୁଥିବାରୁ ଫସଲ ବୃଦ୍ଧି ପାଇଁ ଏହା ଅନୁକୂଳ ସମୟ। ଏହି ସମୟରେ ଏମିତି କିଛି ଫସଲ ଅଛି, ଯାହାକୁ ଚାଷ କରି ଚାଷୀଭାଇମାନେ ଲାଭାନ୍ୱିତ ହୋଇପାରିବେ। ତା' ସହିତ ବର୍ତ୍ତମାନ କମ୍ ତାପମାତ୍ରା ଯୋଗୁଁ ଫସଲର କେମିତି ଦେଖାରଖା କରି ହେବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।**

- ଏହି ମାସଟି ଆଳୁ ଫସଲ ପାଇଁ ଅନୁକୂଳ ସମୟ। ତେଣୁ ଅକ୍ଟୋବରରୁ ଜାନୁଆରୀ ମାସରେ ଲଗାଯାଇଥିବା ଫସଲରେ ଏବେ ଫୁଲ ଆସିବାର ସମୟ। ଯେଉଁମାନେ ଏବେ ଆଳୁ ଚାଷ କରିବାକୁ ଚାହୁଁଛନ୍ତି, ସେମାନେ ବାଲିଆ ଦୋରସା, ଜଳନିଷ୍କାସିତ ମାଟିରେ ଆଳୁ ଚାରା ଲଗାଇପାରିବେ। ପ୍ରତି ୧୦ରୁ ୧୨ ଦିନ ଅନ୍ତରରେ ଜଳସିଞ୍ଚନ ଜରୁରି। ଯଦି ଚାହିଁବେ, ଜୈବିକ ଖତ ତଥା ପଟାସ ପ୍ରୟୋଗ କରିପାରିବେ।
- ଜାନୁଆରୀ ଶେଷ ସୁଦ୍ଧା ସୋରିଷ ବୁଣିବା ଆବଶ୍ୟକ। ଦୋରସା ଓ ବାଲିଆ ମାଟିରେ ବିହନ ଲଗାଇ ପାରିବେ। ଏହି ଫସଲରେ ୨ ରୁ ୩ ଥର ସିଞ୍ଚନ ଆବଶ୍ୟକ ହୋଇଥାଏ। ଗଛ ଅଭିବୃଦ୍ଧି ପାଇଁ ସଲଫର୍ ଏବଂ ନାଇଟ୍ରୋଜେନ୍ ପ୍ରୟୋଗ କରିପାରିବେ।
- ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ଚଣା ଫସଲ ବୃଦ୍ଧି ହୋଇଥାଏ। ନଭେମ୍ବରରୁ ଜାନୁଆରୀ ମାସରେ ବିହନ ବୁଣାଯାଇଥାଏ। ଦୋରସା ଏବଂ ହାଲୁକା ମାଟି ଏହି ଫସଲ ପାଇଁ ଉପଯୁକ୍ତ। ଅଙ୍କୁରଣ ସମୟ ଏବଂ ଫୁଲ ଆସିବା ସମୟରେ ଜଳ ସିଞ୍ଚନ କରିପାରିବେ।
- ଥଣ୍ଡା ଜଳବାୟୁ ଗାଜର ଫସଲ ପାଇଁ ଅନୁକୂଳ। ଜଳନିଷ୍କାସନ, ଦୋରସା ମାଟିରେ ଏହି ଚାଷ ଭଲ ହୁଏ। ଏହି ଫସଲରେ ୭ରୁ ୧୦ ଦିନ ଅନ୍ତରରେ ଜଳ ସିଞ୍ଚନ ଜରୁରି। ନାଇଟ୍ରୋଜେନ୍ ଏବଂ ଜୈବିକ ଖତ ଉପଯୋଗ କରିପାରିବେ। ଏହି ଫସଲକୁ ବାଦ୍ ଦେଲେ, ଅନ୍ୟାନ୍ୟ ଫସଲ ଲଗାଇପାରିବେ।
- ଏହି ଦିନରେ ଅଧିକ ଜଳସେଚନର ଆବଶ୍ୟକତା ପଡ଼େନାହିଁ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଧାନ ତଳିଘେରା ପ୍ରସ୍ତୁତ କରନ୍ତୁ। ବିହନ ବିଶୋଧନ ପାଇଁ ପ୍ରତି କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ କାର୍ବୋକ୍ସିନ ଏବଂ ଥିରାମର ମିଳିତ ଫିମ୍ପିନାଶକ ମିଶାଇ ବିଶୋଧନ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ ପନିପରିବା ଫସଲରେ ହାଲୁକା ଜଳସେଚନ କରନ୍ତୁ।



- ସୂର୍ଯ୍ୟମୁଖୀ ଫସଲ ବର୍ତ୍ତମାନ ୨୫ରୁ ୩୦ ଦିନ ଅବଧିରେ ଅଛି। କୋଡ଼ାଖୋସା କରି ଘାସ ବାଛି ଯବକ୍ଷାରଜାନ ଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ।
- ଚିନାବାଦାମରେ ଧବଳ ଭୃଙ୍ଗ ପୋକର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି କ୍ଲୋରୋପାଇରିଫସ କିମ୍ବା ୧ ମିଲି ଇମିଡାକ୍ଲୋପ୍ରିଡ୍ ୩୦.୫ ଏସ୍‌ସି ମିଶାଇ ଗଛମୂଳକୁ ଭିଜାନ୍ତୁ।
- ଶୀତଋତୁରେ ମାଛମାନଙ୍କୁ "ଇୟୁଏସ୍' ରୋଗ ହେବାର ସମ୍ଭାବନା ଅଛି, ତେଣୁ ଏକର ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ମାଛ ପୋଖରୀରେ ଜୈବିକ ପଦାର୍ଥ ଯଥା- ଗୋବର ଖତ, କୁକୁଡ଼ା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ।

### ମେଘାଳୟ ବିପକ୍ଷ ମ୍ୟାଚ୍ ପାଇଁ ଓଡ଼ିଶା ରଣଜୀ ଦଳ

# ସନ୍ଦୀପ ଅଧିନାୟକ; ବିପ୍ଳବ ଓ ସୂର୍ଯ୍ୟକାନ୍ତ ବାଦ୍

**କଟକ, ୨୦।୧ (ସମିସ):** ଆସନ୍ତା ୨୩ରୁ ବିସିସିଆଇ ପ୍ରଥମଶ୍ରେଣୀ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ୨ୟ ଚରଣ ମ୍ୟାଚ୍ ଆରମ୍ଭ ହେଉଛି। ଅକ୍ଟୋବର-ନଭେମ୍ବରରେ ପ୍ରତ୍ୟେକ ଦଳ ୫ଟି ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିଥିବା ବେଳେ ୨୩ରୁ ୨ୟ ପର୍ଯ୍ୟାୟ ଆରମ୍ଭ ହେଉଛି। ଏଥିରେ ପ୍ରତ୍ୟେକ ଦଳ ଶେଷ ୨ଟି ଲିଗ୍ ମ୍ୟାଚ୍ ଖେଳିବେ। ଓଡ଼ିଶା ଦଳ ୨୩ରୁ ଶିଲଂରେ ଘରୋଇ ମେଘାଳୟ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ସନ୍ଦୀପ ପଟ୍ଟନାୟକ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି।

ପ୍ରଥମ ୫ଟି ମ୍ୟାଚ୍‌ରେ ଗୋବିନ୍ଦ ପୋଦ୍ଦାର ଓଡ଼ିଶା ରଣଜୀ ଦଳର ଅଧିନାୟକ ଥିଲେ। ପରେ ସୟଦ୍ ମୁସ୍ତାକ୍ ଅଲି ଟ୍ୱେଣ୍ଟି ୨୦ରେ ମଧ୍ୟ ଗୋବିନ୍ଦ ଅଧିନାୟକ ଥିଲେ। ହେଲେ ବିଜୟ ହଜାରେ ଟ୍ରଫି ଦିନିକିଆ ବା ଲିଷ୍ଟ-ଏ ଟୁର୍ଣ୍ଣାମେଣ୍ଟରେ ସନ୍ଦୀପ ପଟ୍ଟନାୟକ ଅଧିନାୟକ ନିଯୁକ୍ତ ହୋଇଥିଲେ। ବ୍ୟକ୍ତିଗତ ଭାବେ ସନ୍ଦୀପ ଭଲ ପ୍ରଦର୍ଶନ କରିଥିବା ବେଳେ ଉଭୟ ଧଳା ବଲ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ଦୟନୀୟ ପ୍ରଦର୍ଶନ କରିଥିଲା। ସୟଦ୍ ମୁସ୍ତାକ୍ ଅଲି ଟ୍ରଫି ଟି୨୦ରେ ଓଡ଼ିଶା ୬ଟିରୁ ଗୋଟିଏ ମ୍ୟାଚ୍ ଜିତିଥିବା ବେଳେ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ୭ଟିରୁ ମାତ୍ର ୨ଟି ମ୍ୟାଚ୍ ଜିତିଥିଲା। ତେବେ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ପର୍ଯ୍ୟାୟରେ ୫ଟି ମ୍ୟାଚ୍ ଖେଳି କେବଳ ମହାରାଷ୍ଟ୍ରକୁ ପରାସ୍ତ କରିଥିବା ବେଳେ ୨ଟି ମ୍ୟାଚ୍‌ରେ ଇନିଂସ ପରାଜୟ ଭୋଗିଥିଲା। ଓଡ଼ିଶା ଗୋଟିଏ ମ୍ୟାଚ୍ ଡ୍ର ରଖିଥିବା ବେଳେ ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା। ଫଳରେ ୫ଟି ମ୍ୟାଚ୍‌ରୁ ଓଡ଼ିଶା ୧୦ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି। ଦୁର୍ବଳ ମେଘାଳୟ ଓ ପରେ ସର୍ଭିସେସ୍ ବିପକ୍ଷରେ ଖେଳି ଓଡ଼ିଶା ପଏଣ୍ଟ ଟେବଲ୍‌ରେ ଉପରକୁ ଉଠିବାକୁ ଚାହିଁବ। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ସହ ଅଭିଜ୍ଞ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ରଣଜୀ ଟ୍ରଫି ଦଳରେ ସାମିଲ କରା ଯାଇନାହିଁ। ସତ୍ୟକାମ ଭରଦ୍ୱାଜ ପ୍ରଥମଥର ରଣଜୀ ଟ୍ରଫି ଦଳରେ ସାମିଲ ହୋଇଛନ୍ତି। ସର୍ଭିସେସ୍ ବିପକ୍ଷ ମ୍ୟାଚ୍ ପାଇଁ ଓଡ଼ିଶା ଦଳ ପରେ ଘୋଷଣା କରାଯିବ।

**ଓଡ଼ିଶା ଦଳ**

ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ (ଅଧିନାୟକ), ଶାନ୍ତନୁ ମିଶ୍ର, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ ଓ ରାଜେଶ ଧୁପର (ଉଭୟେ ୱିକେଟ୍ ରକ୍ଷକ), କାର୍ତ୍ତିକ ବିଶ୍ୱାଳ, ଅନୀଲ ପରିଡ଼ା, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତାରିଣୀ ସ', ତାପସ ଦାସ, ସୁମିତ ଶର୍ମା, ଜାମଲା ଭଞ୍ଜନ ମହାପାତ୍ର ଓ ସତ୍ୟକାମ ଭରଦ୍ୱାଜ। ମୁଖ୍ୟ ପ୍ରଶିକ୍ଷକ: ସୁରେନ୍ଦ୍ର ଭାବେ, ସହକାରୀ ପ୍ରଶିକ୍ଷକ: ଅବକାଶ ଖଟୁଆ, ମ୍ୟାନେଜର ବିଜୟ କୁମାର ଦାସ।

### ଅଷ୍ଟ୍ରେଲିଆନ୍ ଓପନ୍

# କ୍ୱାର୍ଟରଫାଇନାଲରେ ସିନର, ସ୍ୱିଆଟେକ୍

**ମେଲ୍‌ବୋର୍ଣ୍ଣ, ୨୦।୧(ଏଜେନ୍ସି):**

ପୁରୁଷ ସିଙ୍ଗଲ୍ସର ବିଶ୍ୱର ୧ନଂ ଖେଳାଳି ତଥା ୨୦୨୪ ଚାମ୍ପିଅନ୍ ୟାନିକ୍ ସିନର ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୩ୟ ଗ୍ରାଣ୍ଡସ୍ଲାମ୍ ସନ୍ଧାନରେ ଥିବା ଇଟାଲୀର ସିନର ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ୧୩ଶ ସିଡ୍ ଡେନ୍‌ମାର୍କର ହୋଲ୍‌ଜର ରୁନ୍‌ଙ୍କୁ ୬-୩, ୩-୬, ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସିନର କ୍ୱାର୍ଟରରେ ୮ମ ସିଡ୍ ଆଲେକ୍ସ ଡି ମିନାଉରଙ୍କ ସହ ମୁକାବିଲା କରିବେ। ଅଷ୍ଟ୍ରେଲିଆର ଡି ମିନାଉର ୬-୦, ୭-୬, ୬-୩ ସେଟ୍‌ରେ ଆମେରିକାର ଆଲେକ୍ସ ମିଚେଲସେନ୍‌ଙ୍କୁ ପରାସ୍ତ କରିଛନ୍ତି। ଫ୍ରାନ୍ସର ଗେଲ୍ ମନ୍‌ଫିଲ୍ସ ମ୍ୟାଚ୍ ଅଧାରୁ ଓହରିଯିବାରୁ ୨୧ନଂ ସିଡ୍ ଆମେରିକାର ବେନ୍ ସେଲ୍ଟନ କ୍ୱାର୍ଟରରେ ପହଞ୍ଚିଛନ୍ତି। ସେଲ୍ଟନ କ୍ୱାର୍ଟରରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କ ମୁକାବିଲା କରିବେ। ସୋନେଗୋ ୬-୩, ୬-୨, ୩-୬, ୬-୧ ସେଟ୍‌ରେ ଆମେରିକାର ଲର୍ନର ଟିଏନ୍‌ଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ୨ଟି କ୍ୱାର୍ଟରରେ ନୋଭାକ୍ ଜୋକୋଭିକ୍-କାର୍ଲୋସ୍ ଆଲ୍‌କାରାଜ ଏବଂ ଆଲେକ୍‌ଜାଣ୍ଡର ଜ୍ୱେରେଭ୍-ଟମି ପଲ୍ ମୁକାବିଲା ହେବ।



ସୋମବାର ମହିଳା ସିଙ୍ଗଲ୍ସରେ ୬ଷ୍ଠ ସିଡ୍ କାଜାକାସ୍ତାନର ଏଲିନା ରିବାକିନା ୩ୟ ରାଉଣ୍ଡରେ ପରାସ୍ତ ହୋଇ ଯାଇଛନ୍ତି। ୨୦୨୨ ୱିମ୍ବଲଡନ ଚାମ୍ପିଅନ ରିବାକିନାଙ୍କୁ ୧୯ନଂ ସିଡ୍ ଆମେରିକାର ମାଡିସନ୍ କିଜ୍ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ୫ଟି ଗ୍ରାଣ୍ଡସ୍ଲାମ୍ ଜିତିଥିବା ପୋଲାଣ୍ଡର ଇଗା ସ୍ୱିଆଟେକ୍ କ୍ୱାର୍ଟରରେ ପହଞ୍ଚିଛନ୍ତି। ୨ୟ ସିଡ୍ ପୋଲାଣ୍ଡର ସ୍ୱିଆଟେକ୍ ୬-୦, ୬-୧ ସେଟ୍‌ରେ ଜର୍ମାନୀର ଇଭା ଲିସ୍‌ଙ୍କୁ ପରାସ୍ତ କରିଛନ୍ତି। ୯ମ ସିଡ୍ ରୁଷିଆର ଡାରିଆ କାସାତ୍‌କିନାଙ୍କୁ ୬-୭, ୫-୭, ୭-୫ ସେଟ୍‌ରେ ପରାସ୍ତକରି ୯ମ ସିଡ୍ ଆମେରିକାର ଏମ୍ମା ନାଭାରୋ କ୍ୱାର୍ଟରଫାଇନାଲରେ ପହଞ୍ଚିଛନ୍ତି। ୨୮ନଂ ସିଡ୍ ୟୁକ୍ରେନ୍‌ରେ ଏଲିନା ସ୍ୱିତୋଲିନା ୩ୟ ଥର ଲାଗି ଅଷ୍ଟ୍ରେଲିଆନ୍ ଓପନର କ୍ୱାର୍ଟରଫାଇନାଲେର ପହଞ୍ଚିଛନ୍ତି। ସ୍ୱିତୋଲିନା ୬-୪, ୬-୧ ସେଟ୍‌ରେ ରୁଷିଆର ଭେରୋନିକା କୁଦେରମେଟୋଭାଙ୍କୁ ପରାସ୍ତ କରିଛନ୍ତି। ୩ ଥର ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲ ଖେଳିଥିବା ସ୍ୱିତୋଲିନା କ୍ୱାର୍ଟରରେ ମ୍ୟାଡିସନ୍ କିଜ୍‌ଙ୍କ ସହ ମୁକାବିଲା କରିବେ। ଅନ୍ୟ କ୍ୱାର୍ଟରରେ ସ୍ୱିଆଟେକ୍-ନାଭାରେ, ସାବାଲେଙ୍କା-ପାଭ୍ଲ୍ୟୁଚେଙ୍କୋଭା ଓ କୋକୋ ଗୌଫ୍-ପାଓଲା ବାର୍ଡୋସାଙ୍କ ମଧ୍ୟରେ ମୁକାବିଲା ହେବ।



# ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ଉଦ୍‌ଘାଟିତ: ଯୋହରୀମାଲକୁ ହରାଇଲା ବେଲେଶ୍ୱର

**କଟକ, ୨୦।୧ (ସମିସ):** ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମିସନ ରୋଡ୍‌ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପଡ଼ିଆରେ ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସିନିଅର ବିଭାଗରେ ୧୨ତମ ବସନ୍ତ ଦାସ ସ୍ମାରକୀ ଓ ଜୁନିଅରରେ ୨୪ତମ ଡାକ୍ତର ଭଗବାନ ଦାସ ସ୍ମାରକୀ ନାମରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସଂଘର ଉପସଭାପତି ଚିତ୍ତରଞ୍ଜନ ଜେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷ ଡିଏନ୍ ମୋଜେଶ ମହାନ୍ତି, ବିଶିଷ୍ଟ ଶିଳ୍ପଦ୍ୟୋଗୀ ସୁନିଲ ମୁରାରକା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, କାର୍ଯ୍ୟକାରୀ ସଭାପତି କ୍ଷିତିଶ ପାତ୍ର ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଜୁନିଅର ବିଭାଗରେ ଅନୁଷ୍ଠିତ ଏକ ମ୍ୟାଚରେ ବେଲେଶ୍ୱର ନୋଡାଲ ୟୁପି ସ୍କୁଲ ୫-୦ ଗୋଲରେ ଯୋହରୀମାଲ ସ୍କୁଲକୁ ପରାସ୍ତ କରିଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ସଂଘର ବରିଷ୍ଠ ସଦସ୍ୟ ସୁଘୋଷ ଦାସ, ବିଷ୍ଣୁ ଦାସ, ରବି ପଟ୍ଟନାୟକ, ଅର୍ପିତା ଦାସ, ସୁରଜିତ୍ ସିଂହ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜାତୀୟ କ୍ୟାଡେଟ୍ ଜୁଡ଼ୋ ଲାଗି ଓଡ଼ିଶା ଦଳ




**ଭୁବନେଶ୍ୱର, ୨୦।୧ (ସମିସ):** ମହାରାଷ୍ଟ୍ର ଜୁଡ଼ୋ ସଂଘ (ଏମ୍ଜେଏ) ପକ୍ଷରୁ ପୁଣେରେ ବେଲାୱାଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତମାସ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ୟାଡେଟ୍ ଜୁଡ଼ୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ସୋମବାର କୋଣାର୍କ ଏକ୍ସପ୍ରେସ୍ ଯୋଗେ ଯାତ୍ରା କରିଛି। ୧୩ ଜଣିଆ ଦଳରେ ୭ ଜଣ କିସ୍ ଖେଳାଳି ରହିଛନ୍ତି। ଭୁବନେଶ୍ୱର, ପୁରୀରୁ ୨ ଜଣ ଲେଖାଏଁ ଏବଂ ସମ୍ବଲପୁର, ଜଗତସିଂହପୁରରୁ ଜଣେ ଲେଖାଏଁ ଖେଳାଳି ସ୍ଥାନ ପାଇଛନ୍ତି। ପୁଣେ ଯାତ୍ରା ପୂର୍ବରୁ ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ (ଓସ୍ଜା)ର ସଭାପତି ଅସିତ ପ୍ରଧାନ, ଉପସଭାପତି ପିସି ମିଶ୍ର, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ପଣ୍ଡା, ଟେକ୍ନିକାଲ୍ କମିଟି ଚେୟାରମ୍ୟାନ୍ କନ୍ଦନ ମୁର୍ମୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା କ୍ୟାଡେଟ୍ ଜୁଡ଼ୋ ଦଳ:** ସୋନିଆ ଗମାଙ୍ଗୋ, ଦ୍ରୌପଦୀ ସୋରେନ୍, ସୋନାଲି ମାର୍ଣ୍ଡି, ସରିତା ମଲ୍ଲିକ, ଉର୍ମିଳା ଭୋଇ, ଉର୍ଜ୍ଜା ଦାଶ, କିଞ୍ଜଲ ଅଗ୍ରୱାଲ, ସ୍ମୃତି ପ୍ରଜ୍ଞା ନାୟକ, ଏସ୍ କିରଣ ରେଡ୍ଡୀ, ଗଣେଶ ମୁଣ୍ଡାରି, ରତ୍ନାକର ମହାକୁଡ଼, ସୁନିଲ ମୁସ୍କା, ମାତୃ ପ୍ରସାଦ ମହାପାତ୍ର। ପ୍ରଶିକ୍ଷକ: ପ୍ରଭାସିନୀ ବରାଡ଼, ପ୍ରଶିକ୍ଷକ ତଥା ପ୍ରବନ୍ଧକ: ରାଜେଶ କୁମାର ନାୟକ।

# ଏକଲ ଅଭିଯାନର ଖେଳକୁଦ ସମାରୋହ

**ଭୁବନେଶ୍ୱର,୨୦।୧(ସମିସ):** ଏକଲ ଅଭିଯାନ ଓ ଅଭ୍ୟୁଦୟ ୟୁଥ୍ କ୍ଲବ୍ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ରାଷ୍ଟ୍ରୀୟ ଖେଳକୁଦ ସମାରୋହ ଅନୁଷ୍ଠିତ ହେବ। ଫେବୃଆରୀ ୮ରୁ ୧୦ ତାରିଖ ୩ ଦିନ ଧରି ହେବାକୁ ଥିବା ଏହି ସମାରୋହରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ଲାଗି ଉପଯୁକ୍ତ ପ୍ରଶିକ୍ଷଣର ବ୍ୟବସ୍ଥା କରିବା। ବିଶେଷକରି ଦୌଡ଼କୁଦ, କୁସ୍ତି, କବାଡ଼ି, ଯୋଗ ଆଦି ଖେଳ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରତିଯୋଗିତା ପ୍ରଥମେ ବ୍ଲକ୍, ପରେ ଜିଲ୍ଲା ଓ କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରର ହେବ।

### ■ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ

# ସେମିଫାଇନାଲରେ କିଟ୍



**ଭୁବନେଶ୍ୱର, ୨୦।୧ (ସମିସ):** ସ୍ଥାନୀୟ କିଟ୍-କିସ୍ ଆଥ୍‌ଲେଟିକ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍ (ମହିଳା)ରେ ଘରୋଇ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ ଉଭୟ ୭ଏସ୍ ଓ ୧୫ଏସ୍ କାଟାଗୋରୀରେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ସୋମବାର ଅନୁଷ୍ଠିତ ୭ଏସ୍ କାଟାଗୋରୀରେ କିଟ୍ ୫୦-୦୦ ସ୍କୋରରେ ବେଙ୍ଗାଲୁରୁ ସିଟି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହାପରେ ୨ୟ ମୁକାବିଲାରେ ୩୪-୦୦ରେ ୟୁନିଭର୍ସିଟି ଅଫ୍ ରାଜସ୍ଥାନକୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା।

୧୫ଏସ୍ କାଟାଗୋରୀରେ କିଟ୍ ୪୮-୦୦ରେ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଉଭୟ କିଟ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଓ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରଗ୍‌ବୀ ଚାମ୍ପିଅନସିପ୍‌ରେ ଦେଶର ୫୦ ବିଶ୍ୱବିଦ୍ୟାଳୟର ପାଖାପାଖି ୧୦୦୦ ଖେଳାଳି ଓ ଅଫିସିଆଲ୍ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ କିଟ୍ ସମେତ ଉତ୍କଳ, ଫକିର ମୋହନ ବିଶ୍ୱବିଦ୍ୟାଳୟ ଭାଗନେଇଛନ୍ତି।

### ବରଦା କପ୍ ମହିଳା କ୍ରିକେଟ

# ଜଗତ୍‌ସିଂହପୁର ଚାମ୍ପିଅନ




**ବାଲିଚନ୍ଦ୍ରପୁର,୨୦।୧(ସମିସ):** ବେଲବଣ ସାର୍ଥକ କ୍ରିକେଟ ଟିମ୍ ପକ୍ଷରୁ ଧୁଣ୍ଡମଠଠାରେ ରାଜ୍ୟର ୮ଟି ବଛା ବଛା ଦଳକୁ ନେଇ ବରଦା କପ୍ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲରେ ଭଦ୍ରକକୁ ୨୬ ରନ୍‌ରେ ପରାସ୍ତ କରି ଜଗତସିଂହପୁର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଜଗତସିଂପୁରର ମୋନାଲିସା ରାଉତ ସର୍ବାଧିକ ୪୧ ରନ୍ କରିଥିଲେ। କିନ୍ତୁ ୫ ୱିକେଟ ଅକ୍ତିଆର କରିଥିବା ଓଡ଼ିଶା ଖେଳାଳି ଏସ୍‌ବି ଲରେନ୍ସଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଭଦ୍ରକର ପୂଜାରାଣୀ ଦାସ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଖେଳ ଶେଷରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଭକ୍ତଚରଣ ସାହୁ, ଶୁଭେନ୍ଦୁ ଭୂୟାଁ, ମନୋଜ ପ୍ରଧାନ, ମନୋଜ ନାୟକ, ପ୍ରାଣକୃଷ୍ଣ ଦାସ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ବିକ୍ରମତିରଣର ପୂର୍ବତନ ସରପଞ୍ଚ ସୁଜାତା ସାମଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରକାଶ ଚନ୍ଦ୍ର ବିହାରୀ ସଭାପତିତ୍ୱ କରିଥିଲେ।

### ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍

# ନ୍ୟୁଜିଲାଣ୍ଡକୁ ହରାଇ ଇତିହାସ ରଚିଲା ନାଇଜେରିଆ

**କ୍ୱାଲାଲମ୍ପୁର,୨୦।୧(ଏଜେନ୍ସି):**

ଫୁଟବଲ ଓ ଦୌଡ଼କୁଦ ଲାଗି ବିଶ୍ୱରେ ଖ୍ୟାତି ଲାଭ କରିଥିବା ନାଇଜେରିଆ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍‌ରେ ସୋମବାର ଇତିହାସ ସୃଷ୍ଟି କରିଛି। ସାରାୱାକ୍ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଗ୍ରୁପ୍-ସି' ମ୍ୟାଚ୍‌ରେ ସହଯୋଗୀ ଦେଶ ବା ନୂଆକରି କ୍ରିକେଟ ଖେଳୁଥିବା ନାଇଜେରିଆ ମାତ୍ର ୨ ରନ୍‌ରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ତଥା ଟେଷ୍ଟ ଖେଳୁଥିବା ଦେଶ ନ୍ୟୁଜିଲାଣ୍ଡକୁ ପରାସ୍ତ କରି କ୍ରିକେଟ ଇତିହାସ ପୃଷ୍ଠାରେ ନିଜ ନାମକୁ ଲିପିବଦ୍ଧ କରିଛି। ଏହି ମ୍ୟାଚ୍ ବର୍ଷା ଯୋଗୁଁ ୧୩ ଓଭର ବିଶିଷ୍ଟ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ନାଇଜେରିଆ ୧୩ ଓଭରରେ ୬ ୱିକେଟ ହରାଇ ୬୫ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟ ବିନିମୟରେ ୬୩ ରନ୍ କରିପାରିଥିଲା। ନାଇଜେରୀୟ ଫିଲ୍ଡରଙ୍କ ଚମତ୍କାର କ୍ଷେତ୍ରରକ୍ଷଣ ଯୋଗୁଁ ଏହି ବିଜୟ ସମ୍ଭବ ହୋଇଥିଲା। ଏପରିକି ୧୩ତମ ତଥା ଶେଷ ଓଭରରେ ନ୍ୟୁଜିଲାଣ୍ଡକୁ ମ୍ୟାଚ୍ ଜିତିବା ଲାଗି ୯ ରନ୍ ଆବଶ୍ୟକ ହେଉଥିଲା। କିନ୍ତୁ ନାଇଜେରିଆ ଫିଲ୍ଡରଙ୍କୁ ଅତିକ୍ରମ କରି ବାଉଣ୍ଡରୀ ମାରିବା ସମ୍ଭବ ନ ହେବାରୁ ନ୍ୟୁଜିଲାଣ୍ଡ ବିଜୟଲକ୍ଷ୍ୟଠାରୁ ୨ ରନ୍ ଦୂରରେ ରହିଯାଇଥିଲା। ଦଳ ଏହି ମ୍ୟାଚ୍‌ରେ ୬ ୱିକେଟ ହରାଇଥିଲାବେଳେ ସେଥିରେ ୩ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।




ଅନ୍ୟ ମୁକାବିଲା ମଧ୍ୟରୁ ଗ୍ରୁପ୍-ସି'ର ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟରେ ସାମୋଆକୁ ପରାସ୍ତ କରିଛି। ନୂଆକରି ଖେଳୁଥିବା ସାମୋଆ ପ୍ରଥମେ ବ୍ୟାଟିଂ କରି ୯.୧ ଓଭରରେ ମାତ୍ର ୧୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧.୪ ଓଭରରେ କୌଣସି ୱିକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଗ୍ରୁପ୍-ବି'ରେ ଖେଳାଯାଇଥିବା ୨ଟି ମ୍ୟାଚ୍ ମଧ୍ୟରୁ ଇଂଲଣ୍ଡ ୯ ୱିକେଟରେ ପାକିସ୍ତାନକୁ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ୯ ୱିକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଗ୍ରୁପ୍-ଡି'ରେ ସ୍କଟଲାଣ୍ଡ ୧ ୱିକେଟରେ ନେପାଳକୁ ଓ ଅଷ୍ଟ୍ରେଲିଆ ୨ ୱିକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ନକ୍‌ଆଉଟରେ ପ୍ରବେଶ କରିଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଥିଲା। ଆସନ୍ତାକାଲି ଭାରତ ତାହାର ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆକୁ ଭେଟିବ।

# କିସ୍‌ର ୩ ବିଶ୍ୱ ବିଜୟୀଙ୍କୁ ଅଭିନନ୍ଦନ



**ଭୁବନେଶ୍ୱର, ୨୦।୧ (ସମିସ):** ପାରମ୍ପରିକ କ୍ରୀଡ଼ା ଖୋଖୋରେ ଅନୁଷ୍ଠିତ ପ୍ରଥମ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇ ଇତିହାସ ସୃଷ୍ଟି କରିଛି। ଏହି ଇତିହାସରେ ସାମିଲ ହୋଇଛନ୍ତି ଓଡ଼ିଶାର ଅଗ୍ରଣୀ ବିଶ୍ୱବିଦ୍ୟାଳୟ କିସ୍। ଏହି ସଂସ୍ଥାର ୩ ଖେଳାଳି ପବନି ଶବର, ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଏହି ବିଶ୍ୱକପ୍‌ର ପୁରୁଷ ବର୍ଗରେ କିସ୍ ଛାତ୍ର ପବନି ଶବର ସାମିଲ ହୋଇଥିବା ବେଳେ ମହିଳା ଦଳରେ ଶୁଭଶ୍ରୀ ସିଂହ ଓ ମାଗାଇ ମାଝି ସାମିଲ ହୋଇଥିଲେ। ଏହା ଦ୍ୱାରା ଭାରତ ସହ ଓଡ଼ିଶା କ୍ରୀଡ଼ା ଇତିହାସରେ ସଫଳତାର ନୂଆ ଅଧ୍ୟାୟ ଯୋଡ଼ିହୋଇଛି। କିସ୍ ଛାତ୍ରଛାତ୍ରୀଙ୍କ ଏହି ସଫଳତାର ଖବର ପାଇବା ପରେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦିଲ୍ଲୀ ପହଞ୍ଚିଥିଲେ। ତିନି ବିଶ୍ୱ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନେ କେବଳ କିସ୍ ନୁହେଁ, ଓଡ଼ିଶା, ଭାରତ ଏବଂ ସମଗ୍ର ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ସାମନ୍ତ ପ୍ରକାଶ କରିଛନ୍ତି। ବାଲେଶ୍ୱର ନୀଳଗିରି ଅଞ୍ଚଳର ଶୁଭଶ୍ରୀ ଓ ରାୟଗଡ଼ା କାସନଦରର ମାଗାଇ ୨୦୧୩ରୁ ଖୋଖୋ ଖେଳିବା ଆରମ୍ଭ କରିଥିଲେ। ସେହିପରି ଗଜପତି ଜିଲ୍ଲାରୁ ଆସି କିସରେ ପଢୁଥିବା ପବନି ପାଠ ପଢ଼ା ସହ ଖୋ ଖୋ ରେ ନିଜର ରୁଚି ରଖିଥିଲେ।

# ଭାରତ ପାଇଁ ସ୍ୱର୍ଣ୍ଣ ଜିତିଛନ୍ତି ନୀରଜଙ୍କ ସ୍ତ୍ରୀ ହିମାନୀ

ନୂଆଦିଲ୍ଲୀ, ୨୦ ।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଦୁଇଦିନ ତଳେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ହରିୟାଣାର ସୋନେପତରେ ଜନ୍ମିତ ହିମାନୀ ମୋର୍‌ଙ୍କ ହାତ ଧରିଛନ୍ତି ନୀରଜ । ସାମାଜିକ ଗଣମାଧ୍ୟମ ଜରିଆରେ ୨୭ ବର୍ଷୀୟ ନୀରଜ ତାଙ୍କ ବିବାହ ଖବର ପ୍ରଶଂସକଙ୍କୁ ଜଣାଇଥିଲେ । ସିମ୍‌ଲା-କଲ୍‌କା ହାଇୱେର ଏକ ରିସୋର୍ଟରେ ଏହି ଚର୍ଚ୍ଚିତ ବିବାହ ଅନୁଷ୍ଠିତ ହୋଇଥିଲା । ନୀରଜଙ୍କ ପତ୍ନୀ ହିମାନୀ ବର୍ତ୍ତମାନ ଆମେରିକାର ଫ୍ରାଙ୍କଲିନ ପିୟର୍ସ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟରେ ମାଷ୍ଟର୍ସ ଡିଗ୍ରୀ କରୁଛନ୍ତି । ସବୁଠୁ ଉଲ୍ଲେଖନୀୟ କଥା ହେଉଛି, ସ୍ୱାମୀଙ୍କ ଭଳି ହିମାନୀ ମଧ୍ୟ ଭାରତରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ଜିତିଛନ୍ତି । ନୀରଜ ଜାଭେଲିନ ଥ୍ରୋ’ରେ ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ । କିନ୍ତୁ ହିମାନୀ ଅନ୍ୟ କ୍ରୀଡ଼ାରେ ଖେଳି ସ୍ୱର୍ଣ୍ଣପଦକ ପାଇଥିଲେ । ହିମାନୀ ସ୍କୁଲ ଓ ବିଶ୍ୱବିଦ୍ୟାଳୟସ୍ତରରେ ଜଣେ ଟେନିସ ଖେଳାଳି ଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସମୟରେ ହିମାନୀ ଜାତୀୟସ୍ତରର ଟେନିସ ଟୁର୍ଣ୍ଣାମେଣ୍ଟ ଖେଳିଥିଲେ । ସେହିଭଳି ୨୦୧୭ରେ ସେ ତାଇପେଇରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ମଧ୍ୟ ଭାଗନେଇଥିଲେ । ଏଥିପୂର୍ବରୁ ସେ ସୋନେପତସ୍ଥିତ ଲିଟିଲ ଆଞ୍ଜେଲ ସ୍କୁଲରେ ପଢୁଥିବା ସମୟରେ ବିଶ୍ୱ ଜୁନିଅର ଟେନିସ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣପଦକ ଜିତି ଦେଶ ପାଇଁ ସଫଳତା ଆଣିଥିଲେ ।



## ଟଙ୍କାଟିଏ ଯୌତୁକ

ନୀରଜଙ୍କ ଦାଦା ସୁରେନ୍ଦ୍ର ଗଣମାଧ୍ୟମକୁ ଦେଇଥିବା ସୂଚନା ମୁତାବକ ନୀରଜ ଯୌତୁକ ନେବାକୁ ମନା କରିଦେଇଥିଲେ । କେବଳ ଶୁଭକାମନା ସ୍ୱରୂପ କନ୍ୟା ପରିବାରଠାରୁ ଏକ ଟଙ୍କାର ଟୋକେନ ନେଇଥିଲେ । ସୁରେନ୍ଦ୍ରଙ୍କ କହିବାନୁସାରେ ନୀରଜ ଓ ହିମାନୀ ଆମେରିକାରେ ପରସ୍ପରକୁ ପ୍ରଥମଥର ସାକ୍ଷାତ୍ କରିଥିଲେ । ସେଠାରୁ ଉଭୟଙ୍କ ମଧ୍ୟରେ ଭଲପାଇବା ଆରମ୍ଭ ହୋଇଥିଲା ।

# ବାପାଙ୍କୁ ସ୍ପୋର୍ଟ୍ସ ବାଇକ୍ ଉପହାର ଦେଲେ ରିଙ୍କୁ

ଲକ୍ଷ୍ନୌ, ୨୦ ।୧ (ଏଜେନ୍ସି): ପିଲାମାନେ ଯେତେବେଳେ ମା’ବାପାଙ୍କୁ କିଛି ଉପହାର ଦେଇଥାନ୍ତି ସେତେବେଳେ ସେମାନଙ୍କ ଖୁସି ଦେଖିଲା ଭଳି ହୋଇଥାଏ । ସଦ୍ୟ ଏହାର ଏକ ଉଦାହରଣ କ୍ରିକେଟର୍ ରିଙ୍କୁ ସିଂଙ୍କ ବାପାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ନିକଟରେ ରିଙ୍କୁ ତାଙ୍କ ବାପା ଖାନଚାନ୍ଦ ସିଂଙ୍କୁ ଉପହାର ଆକାରରେ ଏକ ସ୍ପୋର୍ଟ୍ସ ବାଇକ ଦେଇଥିଲେ । ଯାହାର ନାମ କାୱାସାକି ନିଞ୍ଜା ୪୦୦ । ଏହି ବାଇକ୍‌ର ମୂଲ୍ୟ ୩.୧୯ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି । ଖାନଚାନ୍ଦ ଏହି ସ୍ପୋର୍ଟ୍ସ ବାଇକ୍‌କୁ ଧରି ବହୁ ଆନନ୍ଦରେ ଘର ସାମ୍ନା ଗଳିରେ ଚଳାଉଛନ୍ତି । ଖାନଚାନ୍ଦ ବାଇକ୍ ଉପରେ ବସି ବୁଲୁଥିବାରୁ ଭିଡିଓକୁ ରିଙ୍କୁ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରି ‘ହିରୋ’ ବୋଲି ଉଲ୍ଲେଖ କରିଛନ୍ତି । ଏଠାରେ ପ୍ରକାଶଯୋଗ୍ୟ, ଆଲିଗଡ଼ ଉତ୍ତରପ୍ରଦେଶରେ ରିଙ୍କୁ ଏକ ଆର୍ଥିକ ସୀମାରେଖା ତଳେ ଥିବା ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ସାଇକଲ୍‌ରେ ବୁଲି ଗ୍ରାହକଙ୍କୁ ଗ୍ୟାସ ଚୁଲା ଯୋଗାଇଥାନ୍ତି । କିନ୍ତୁ ରିଙ୍କୁ ନିଜର ଦୃଢ଼ ଅଧ୍ୟବସାୟ ବଳରେ ୨୦୨୩ରେ ଭାରତୀୟ ଦଳରେ ସ୍ଥାନ ପାଇବା ପରେ ତାଙ୍କ ପରିବାରର ଆର୍ଥିକସ୍ଥିତି ବଦଳିଥିଲା । ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ରିଙ୍କୁ’ଙ୍କୁ ୧୩ କୋଟି ମୂଲ୍ୟରେ ରିଟେନ କରିଛି । ରିଙ୍କୁ ମଧ୍ୟ ସାଂସଦ ପ୍ରିୟା ସରୋଜଙ୍କୁ ବିବାହ କରି ଦ୍ୱିତୀୟ ଇନିଂସ ଆରମ୍ଭ କରିବେ ବୋଲି ଜଣାପଡ଼ିଛି ।



# ହକି ଇଣ୍ଡିଆ ଲିଗ୍ ସୁରମାର ଡବଲ୍ ବିଜୟ



ରାଉରକେଲା, ୨୦ ।୧ (ସମିସ):

ହକି ଇଣ୍ଡିଆ ଲିଗ୍‌ରେ ସୋମବାର ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବ ଡବଲ୍ ବିଜୟ ହାସଲ କରିଛି । ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ସୁରମା ୨-୧ ଗୋଲରେ ରାରହ ବେଙ୍ଗଲ ଟାଇଗର୍ସକୁ ପରାସ୍ତ କରିଥିଲା । ସେହିଭଳି ରାଞ୍ଚିରେ ଖେଳାଯାଇଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଏକ ମ୍ୟାଚରେ ସୁରମା ହକି କ୍ଲବ ୫-୧ ଗୋଲରେ ଏକପାଖିଆ ଭାବେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ହରାଇଦେଇଛି ।

ରାଉରକେଲାରେ ସୋମବାର ରାତିରେ ଅନୁଷ୍ଠିତ ପୁରୁଷ ବିଭାଗ ଫେଜ୍-୨’ର ଏକ ମ୍ୟାଚରେ ସୁରମା କ୍ଲବ ଓ ବେଙ୍ଗଲ ଟାଇଗର୍ସ ସାମ୍ନାସାମ୍ନି ହୋଇଥିଲେ । ଏହି ମ୍ୟାଚର ପ୍ରଥମ କ୍ୱାର୍ଟର କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା । ଫଳରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । କିନ୍ତୁ ୨ୟ କ୍ୱାର୍ଟରରେ ସୁରମା ୭ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲା । ୨୧ତମ ମିନିଟ୍‌ରେ ପ୍ରଭଜୋତ୍ ସିଂହ ସୁରମା ପାଇଁ ଗୋଲ୍ ଖାତା ଖୋଲିଥିଲେ । ଏହାପରେ ୨୮ ତମ ମିନିଟ୍‌ରେ ସୁରମାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା । ମନିନ୍ଦର ସିଂହ ଏହାର ସମ୍ପୂର୍ଣ୍ଣ ଫାଇଦା ଉଠାଇ ସୁରମା ପାଇଁ ୨ୟ ଗୋଲ୍‌ସ୍କୋର କରିଥିଲେ । ଫଳରେ ପ୍ରଥମାର୍ଦ୍ଧରେ ସୁରମା ୨-୦ରେ ଅଗ୍ରଣୀ ହାସଲ କରିଥିଲା ।

ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଅବଶ୍ୟ ବେଙ୍ଗଲ ଟାଇଗର୍ସ ଗୋଟିଏ ଗୋଲ୍ ଦେଇ ମ୍ୟାଚକୁ ଫେରିଥିଲା । ୩୯ତମ ମିନିଟ୍‌ରେ ଯୁଗରାଜ ସିଂହଙ୍କ ଷ୍ଟିକ୍ସରୁ ପେନାଲ୍ଟି କର୍ଣ୍ଣର ଜରିଆରେ ଏହି ଗୋଲ୍‌ଟି ବାହାରିଥିଲା । ତେବେ ବଳକା ୨୧ ମିନିଟ୍‌ରେ ଟାଇଗର୍ସ ମ୍ୟାଚକୁ ଫେରିବା ଲାଗି ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା । ଫଳରେ ସୁରମା ୨-୧ ଗୋଲରେ ବିଜୟ ଲାଭ କରିଥିଲା । ସୁରମା ୬ଷ୍ଠ ମ୍ୟାଚରୁ ୧ ବିଜୟ, ୨ ସୁଟ୍ ଆଉଟ୍ ବିଜୟ, ୨ ପରାଜୟ ଓ ୧ ସୁଟ୍‌ଆଉଟ୍ ପରାଜୟ ସହ ୮ ପଏଣ୍ଟ ପାଇ ଷଷ୍ଠ ସ୍ଥାନକୁ ଉଠିଛି । ବେଙ୍ଗଲ ଟାଇଗର୍ସ ୬ଷ୍ଠ ମ୍ୟାଚରୁ ୧୨ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି ।

## ଏସ୍‌ଜି ପାଇପର୍ସ ୫-୧ ଗୋଲ୍‌ରେ ପରାସ୍ତ

ରାଞ୍ଚି, ୨୦ ।୧ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ପଞ୍ଜାବଭିତ୍ତିକ ଦଳ ସୁରମା ହକି କ୍ଲବ ୨ୟ ବିଜୟ ହାସଲ କରିଛି । ସୋମବାର ସ୍ଥାନୀୟ ଜୟପାଲ୍ ସିଂହ ଷ୍ଟାଡିୟମରେ ଖେଳାଯାଇଥିବା ଏକ ମ୍ୟାଚରେ ସୁରମା କ୍ଲବ ୫-୧ ଗୋଲ୍‌ରେ ଏକପାଖିଆ ଭାବେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ହରାଇଦେଇଛି । ଏଥିସହ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ପରାଜୟ ସହ ସୁରମା ୬ ପଏଣ୍ଟ ପାଇ ଟେବଲ୍‌ର ଦ୍ୱିତୀୟ ସ୍ଥାନକୁ ଉଠିଛି । ଅପରପକ୍ଷରେ ଦିଲ୍ଲୀ ସମାନ ସଂଖ୍ୟକ ମ୍ୟାଚରୁ ୨ୟ ପରାଜୟ ସହ ୩ ପଏଣ୍ଟ ପାଇ ସର୍ବନିମ୍ନ ୪ର୍ଥ ସ୍ଥାନରେ ରହିଛି । ମଙ୍ଗଳବାର ଘରୋଇ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ । ଓଡ଼ିଶା ଦଳ ୪ ମ୍ୟାଚରୁ ୨ ବିଜୟ ଏବଂ ଗୋଟିଏ ଲେଖାଏ ସୁଟ୍‌ଆଉଟ୍ ବିଜୟ ଓ ପରାଜୟ ସହ ୮ ପଏଣ୍ଟ ପାଇ ଏକ ନମ୍ବର ସ୍ଥାନ ହାସଲ କରିଛି ।

ସୋମବାର ଦିଲ୍ଲୀ ପାଇପର୍ସ ବିପକ୍ଷ ମ୍ୟାଚର ପ୍ରଥମ କ୍ୱାର୍ଟରରେ ହିଁ ସୁରମା କ୍ଲବ ଦବ୍‌ଦବା ଜାହିରି କରିଥିଲା । ପ୍ରଥମ ୧୫ ମିନିଟ୍‌ରେ ୩ଟି ଗୋଲ୍ ଦେଇ ସୁରମା ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲା । ଏଥିରୁ ସୋନମ ୨ଟି ଓ ଇଙ୍ଗଲେବର୍ଟ ଚାର୍ଲୋଟେ ଗୋଟିଏ ଗୋଲ୍ କରିଥିଲେ । ଏହାପରେ ୨ୟ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା । ଫଳରେ ପ୍ରଥମାର୍ଦ୍ଧରେ ସୁରମା ୩-୦ର ଅଗ୍ରଣୀକୁ ବଜାୟ ରଖିଥିଲା । ତୃତୀୟ କ୍ୱାର୍ଟର ତଥା ୩୬ତମ ମିନିଟ୍‌ରେ ଷ୍ଟାପିନୋସର୍ଟ ଚାର୍ଲୋଟେ ସୁରମା ପାଇଁ ୪ର୍ଥ ଗୋଲ୍ ଦେଇଥିଲେ । ଏହାର ୨ ମିନିଟ୍ ପରେ ସଙ୍ଗୀତା କୁମାରୀ ଦିଲ୍ଲୀ ପାଇଁ ଗୋଟିଏ ଗୋଲ୍ ଶୁଝିବାରୁ ମ୍ୟାଚ୍ ୪-୧ ସ୍ଥିତିକୁ ଆସିଥିଲା । ତେବେ ମ୍ୟାଚର ଶେଷ ମିନିଟ୍ (୬୦ତମ) ରେ ପେନ୍ନୀ ସ୍କ୍ୱିବଙ୍କ ଗୋଲ୍ ବଳରେ ସୁରମା ୫-୧ ଗୋଲରେ ସହଜ ବିଜୟ ଲାଭ କରିଥିଲା ।

# ଏସିଆନ ଖୋ ଖୋ ମହାସଂଘକୁ ଅନ୍ତର୍ଜାତୀୟ ସ୍ୱୀକୃତି

ନୂଆଦିଲ୍ଲୀ, ୨୦ ।୧ (ଏଜେନ୍ସି): ଅନ୍ତର୍ଜାତୀୟ ଖୋ ଖୋ ମହାସଂଘ (ଆଇକେକେଏଫ୍) ପକ୍ଷରୁ ଆନୁଷ୍ଠାନିକ ଭାବେ ଏସିଆନ ଖୋ ଖୋ ମହାସଂଘ (ଏକେକେଏଫ୍)କୁ ସ୍ୱୀକୃତି ପ୍ରଦାନ କରାଯାଇଛି । ଏଠାରେ ରବିବାର ଖୋ ଖୋ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଉଦ୍‌ଯାପନୀ ଉତ୍ସବ ଅବସରରେ ଆଇକେକେଏଫ୍ ଏହି ସ୍ୱୀକୃତି ପ୍ରଦାନ କରିଛି । ଯାହା ଏସିଆ ଖୋ ଖୋ ମହାସଂଘ ଲାଗି ଏକ ମାଇଲଖୁଣ୍ଟ ସଦୃଶ ହୋଇଛି । ଏସିଆ ମହାସଂଘରେ ବର୍ତ୍ତମାନ ଭାରତ ସମେତ ବାଂଲାଦେଶ, ଭୁଟାନ, ଇଣ୍ଡୋନେସିଆ, ଇରାନ, ମାଲେସିଆ, ନେପାଳ, ପାକିସ୍ତାନ, ସିଙ୍ଗାପୁର, ଶ୍ରୀଲଙ୍କା ଓ ଦକ୍ଷିଣ କୋରିଆ ସଦସ୍ୟ ରହିଛନ୍ତି । ବର୍ତ୍ତମାନ ଅସଲାମ ଖାନ ଏକେକେଏଫ୍‌ର ସଭାପତି ଓ ଏମ୍. ସାଥାଶିଭମ ସାଧାରଣ ସମ୍ପାଦକ ରହିଛନ୍ତି । ‘ପ୍ରାଚୀନ କ୍ରୀଡ଼ା ଖୋ ଖୋ’କୁ ବିଶ୍ୱସ୍ତରୀୟ କରିବା ଲାଗି ଆମର ମିଶନରେ ଏସିଆନ ଖୋ ଖୋ ମହାସଂଘକୁ ସ୍ୱୀକୃତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ’ ବୋଲି ଅନ୍ତର୍ଜାତୀୟ ଖୋ ଖୋ ମହାସଂଘ ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି ।

# ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ ରଷଭ ପନ୍ତ୍ ଲକ୍ଷ୍ନୌ ଅଧିନାୟକ

ନୂଆଦିଲ୍ଲୀ, ୨୦।୧(ଏଜେନ୍ସି): ଭାରତୀୟ ଦଳର ୱିକେଟରକ୍ଷକ ରଷଭ ପନ୍ତ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ରେ ଲକ୍ଷ୍ନୌ ସୁପର ଜାଏଣ୍ଟସର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଲକ୍ଷ୍ନୌ ଦଳ ଖେଳିବା ପରଠାରୁ ଲୋକେଶ ରାହୁଲ ଦଳର ନେତୃତ୍ୱ ନେଇଆସୁଥିଲେ । କିନ୍ତୁ ମ୍ୟାନେଜମେଣ୍ଟର ବିଶ୍ୱାସ ହରାଇବା ପରେ ପନ୍ତ୍‌ଙ୍କୁ ଆଇପିଏଲ୍ ଇତିହାସରେ ସର୍ବାଧିକ ୨୭ କୋଟି ଟଙ୍କା ବିନିମୟରେ ଲକ୍ଷ୍ନୌ ସୁପର ଜାଏଣ୍ଟସ କିଣିବା ପରେ ସେ ଦଳର ନୂଆ ଅଧିନାୟକ ହେବେ ବୋଲି ସ୍ପଷ୍ଟ ହୋଇଯାଇଥିଲା । ଏବେ ଔପଚାରିକ ଭାବେ ତାଙ୍କୁ ଦଳର ଅଧିନାୟକ ଭାବେ ନିଯୁକ୍ତି ଦିଆଯାଇଛି । ପୂର୍ବରୁ ସେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଇଥିଲେ । କିନ୍ତୁ ଦଳ ତାଙ୍କୁ ଅକ୍ସନରେ ଛାଡିଥିଲା । ଅକ୍ସନରେ ଲକ୍ଷ୍ନୌ ୨୦.୭୫ କୋଟି ଟଙ୍କାରେ କିଣିବ ବୋଲି ସ୍ଥିର କରିଥିଲା । କିନ୍ତୁ ଏହି ଦଳରେ ତାଙ୍କୁ ନେବା ଲାଗି ଦିଲ୍ଲୀ କ୍ୟାପିଟାଲ୍ସ ଆର୍‌ଟିଏମ୍ ବ୍ୟବହାର କରିଥିଲା । ପରେ ନିୟମ ଅନୁଯାୟୀ ଲକ୍ଷ୍ନୌ ଏହି ଦଳ ବଢ଼ାଇବା ସହ ରେକର୍ଡ ୨୭ କୋଟି ଟଙ୍କାରେ କିଣିଥିଲା । ଏହି ଦଳରେ ନିକୋଲସ ପୂରନ ୨୧କୋଟି, ରବି ବିଷ୍ଣୋଇ ଓ ମୟଙ୍କ ଯାଦବଙ୍କୁ ୧୧ କୋଟି ଲେଖାଏଁ, ମୋହସିନ ଖାନ୍ ଓ ଆୟୁଷ ବଦୋନୀଙ୍କୁ ୪ କୋଟି ଲେଖାଏଁ ବ୍ୟୟ କରି ଦଳ କିଣିଛି । ଆଭେଶ ଖାନ୍ ୯.୭୫ କୋଟି ଓ ଆକାଶ ଦୀପ ୮ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ ହୋଇଛନ୍ତି । ଆଇଡେନ୍ ମାର୍କରାମ, ମିଚେଲ ମାର୍ଶ ଓ ଡେଭିଡ୍ ମିଲରଙ୍କ ପରି ବିଦେଶୀ ଖେଳାଳି ସ୍ଥାନ ପାଇଛନ୍ତି । ଜଷ୍ଟିନ ଲାଙ୍ଗର ଦଳର ହେଡ୍ କୋଚ୍ ଓ ଜାହିର ଖାନ୍ ମେଣ୍ଟର ରହିଛନ୍ତି ।



# ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ସାହିଲଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୦ ।୧ (ସମିସ): ନ୍ୟାସନାଲ ସ୍ପୋର୍ଟ୍ସ କ୍ଲାଇମ୍ବିଂ ଚାମ୍ପିଅନସିପ୍‌ର ୨୮ତମ ସଂସ୍କରଣ ବାଙ୍ଗାଲୋରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ସାହିଲ କୁମାର ଦାସ ରୌପ୍ୟ ପଦକ ଜିତିଛନ୍ତି । ସାହିଲ ସବ୍-ଜୁନିଅର ବିଭାଗରେ ସ୍ପିଡ୍ କ୍ଲାଇମ୍ବିଂ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି । ଓଡ଼ିଶାରୁ ପ୍ରଥମଥର ଲାଗି ଜଣେ ପ୍ରତିଯୋଗୀ ନ୍ୟାସନାଲ ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି । ସାହିଲ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ସ୍ପୋର୍ଟ୍ସ କ୍ଲାଇମ୍ବିଂ ହାଇପର୍‌ଫର୍‌ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଛନ୍ତି ।

# ରାଜ୍ୟ ଶକ୍ତିଉତ୍ତୋଳନରେ ସମୀର ଓ ଦିବ୍ୟଲେଖା ଶ୍ରେଷ୍ଠ

## ଖୋର୍ଦ୍ଧା ଚାମ୍ପିଅନ, କୋରାପୁଟ ରନର୍ସ ଅପ୍




ଭୁବନେଶ୍ୱର,୨୦।୧(ସମିସ): ଉତ୍କଳ କରାଟେ ସ୍କୁଲ ପରିସରରେ ୩୧ତମ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଖୋର୍ଦ୍ଧା ଜିଲ୍ଲା ଦଳଗତ ଚାମ୍ପିଅନ ଓ କୋରାପୁଟ ଜିଲ୍ଲା ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛନ୍ତି । ଖୋର୍ଦ୍ଧାର ପ୍ରତିଯୋଗୀମାନେ ୨୯ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୧୩ କାଂସ୍ୟ ପଦକ ଜିତି ପ୍ରଥମ ସ୍ଥାନରେ ରହିଛନ୍ତି । କୋରାପୁଟ୍‌କୁ ୯ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ମିଳିଛି । କଟକ ଦ୍ୱିତୀୟ ରନର୍ସ ଅପ୍ ହୋଇଛି । ଖୋର୍ଦ୍ଧାର ସମୀର କୁମାର ବିଶ୍ୱାଳ ୭୩୮.୫ କେଜି ଓ ଦିବ୍ୟଲେଖା ମିଶ୍ର ୪୧୨.୫ କେଜି ଓଜନ ଉଠାଇ ଯଥାକ୍ରମେ ଷ୍ଟ୍ରଙ୍ଗ ମ୍ୟାନ୍ ଓ ଷ୍ଟ୍ରଙ୍ଗ ଓମ୍ୟାନ ବିବେଚିତ ହୋଇଛନ୍ତି । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ପଞ୍ଜାବରେ ଚଳିତମାସ ୧୯ରୁ ୨୩ ତାରିଖଯାଏ ହେବାକୁ ଥିବା ଜାତୀୟ ବରିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଆୟୋଜକ ରାଜ୍ୟ ଶକ୍ତିଉତ୍ତୋଳନ ସଂଘର ନବନିର୍ବାଚିତ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଜଣାଇଛନ୍ତି ।

# ଆଇଆଇଟିରେ ପଢ଼ିବେ ୫ ଜାତୀୟସ୍ତରର ଆଥଲେଟ୍

ଚେନ୍ନଇ,୨୦।୧(ଏଜେନ୍ସି):



କୁହାଯାଏ ଖେଳାଳି ଭଲ ପାଠ ପଢ଼ନ୍ତି ନାହିଁ କିମ୍ବା ଭଲ ପାଠ ପଢୁଥିବା ପିଲା ଖେଳନ୍ତି ନାହିଁ । କିନ୍ତୁ ଏଥର ଏପରି ୫ଜଣ ଛାତ୍ର ଆଇଆଇଟିରେ ପଢ଼ିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି, ଯେଉଁମାନେ କି ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ପରେ ପାଠରେ ମଧ୍ୟ ଦକ୍ଷତା ଦେଖାଇଛନ୍ତି । ଏପରି ଜାତୀୟସ୍ତରର ୫ଜଣ ଆଥ୍‌ଲେଟ୍‌ଙ୍କୁ ଏଥର ଦେଶର ସର୍ବୋଚ୍ଚ ଇଞ୍ଜିନିୟରିଂ ପ୍ରତିଷ୍ଠାନ ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ରେ ନାମ ଲେଖାଇଛନ୍ତି । ଏମାନେ ହେଲେ ମହାରାଷ୍ଟ୍ରର ଭଲିବଲ ଖେଳାଳି ଆରୋହୀ ଭାବେ, ପଶ୍ଚିମବଙ୍ଗର ୱାଟରପୋଲୋ ଓ ସନ୍ତରଣକାରୀ ଆର୍ଯ୍ୟମାନ ମଣ୍ଡଳ, ଦିଲ୍ଲୀର ସ୍କ୍ୱାଶ ଖେଳାଳି ନନ୍ଦିନୀ ଜୈନ୍, ଦିଲ୍ଲୀର ଟିଟି ଖେଳାଳି ପ୍ରଭାବ ଗୁପ୍ତା ଓ ଆନ୍ଧ୍ରପ୍ରଦେଶର ଲନ୍ ଟେନିସ ଖେଳାଳି ଭିଭି ରେଡ୍ଡୀ । ଆରୋହୀ ମେଡିକାଲ ସାଇନ୍ସେସ ଓ ଇଞ୍ଜିନିୟରିଂ, ଆର୍ଯ୍ୟମାନ ଓ ନନ୍ଦିନୀ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ, ପ୍ରଭାବ ଓ ଭିଭି ରେଡ୍ଡୀ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ ଓ ଡାଟା ସାଇନ୍ସରେ ବିଟେକ୍ କୋର୍ସ ଲାଗି ଆଡମିସନ ହୋଇଛନ୍ତି । ଏମାନଙ୍କୁ ସ୍ପୋର୍ଟ୍ସ କୋଟାରେ ଆଡମିସନ ଦିଆଯାଇ ନାହିଁ । ଜେଇଇ ଆଡଭାନ୍ସରେ କୃତକାର୍ଯ୍ୟ ହେଲା ପରେ ଜାତୀୟସ୍ତରରେ କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ଆଡମିସନ ଦେବାକୁ ଆଇଆଇଟି ମାଡ୍ରାସ ପକ୍ଷରୁ ସ୍ଥିର କରାଯାଇଥିଲା । ଏଥିଲାଗି ସ୍ପୋର୍ଟ୍ସ ଏକ୍ସିଲେନ୍ସ ଆଡମିସନ କାଟାଗୋରୀରେ ଏମାନଙ୍କୁ ଚୟନ କରାଯାଇଛି । ଆଡଭାନ୍ସରେ କୃତକାର୍ଯ୍ୟ ହେବା ପରେ କ୍ରୀଡ଼ାରେ ପାରଦର୍ଶିତା ଲାଭ କରିଥିବା ଅନେକ ଛାତ୍ରଛାତ୍ରୀ ଏଠାରେ ପଢ଼ିବାକୁ ଆବେଦନ କରିଥିଲେ । କିନ୍ତୁ ଶ୍ରେଷ୍ଠତ୍ୱ ହାସଲ କରିଥିବା ୫ଜଣ କ୍ରୀଡ଼ାବିତ୍‌ଙ୍କୁ ଆଡମିସନ ଦେବାକୁ ସ୍ଥିର ହୋଇଥିଲା ବୋଲି ସେଣ୍ଟର ଫର ଏକ୍ସିଲେନ୍ସ ଇନ୍ ସ୍ପୋର୍ଟ୍ସ ସାଇନ୍ସ ଆଣ୍ଡ ଆନାଲିଟିକ୍ସର ମୁଖ୍ୟ ପ୍ରଫେସର ମହେଶ ପଞ୍ଚଗ୍ନୁଲା କହିଛନ୍ତି । ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି କାମକୋଟି କ୍ରୀଡ଼ାକୁ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଯୋଡିଦେଲେ ଏଥିରେ ସଫଳତା ଅଧିକ ମିଳିବ ବୋଲି କହନ୍ତି । ଗତ ଦୁଇବର୍ଷ ହେଲା କାମକୋଟି ଏଥିଲାଗି ଚେଷ୍ଟା କରିଆସୁଥିଲେ ଓ ବହୁ ତର୍କ ବିତର୍କ, ଆଲୋଚନା ପରେ ଏହାକୁ ଚଳିତବର୍ଷଠାରୁ ଲାଗୁ କରାଯାଇଛି । ଏହା ଫଳରେ ପିତାମାତା ଶୈଶବରେ ନିଜ ପିଲାମାନଙ୍କୁ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଜଣେ ଖେଳାଳି ଯେ ଭଲ ପାଠ ପଢ଼ିପାରିବେ ତାହା ଏହି ୫ଜଣ ଆଇଆଇଟି ମାଡ୍ରାସ୍‌ରେ ଆଡମିସନ ନେଇ ପ୍ରମାଣିତ କରିଛନ୍ତି ।

# ଚାଲିପାରୁ ନାହାନ୍ତି ବିନୋଦ କାମ୍ବ୍ଳୀ



ମୁମ୍ବଇ,୨୦।୧(ଏଜେନ୍ସି): କିଂବଦନ୍ତୀ କ୍ରିକେଟର ବିନୋଦ କାମ୍ବ୍ଳୀ ଏବେ ଅସୁସ୍ଥ । ଚିକିତ୍ସା ପରେ ଘରକୁ ଫେରିଥିଲେ ମଧ୍ୟ ମୁମ୍ବଇ କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଛନ୍ତି । ୱାଙ୍ଖେଡେ ଷ୍ଟାଡିୟମ୍‌ର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁମ୍ବଇର ଅନ୍ୟ କିମ୍ବଦନ୍ତୀ କ୍ରିକେଟର ଯଥା ସୁନୀଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର, ରବି ଶାସ୍ତ୍ରୀ, ସଚିନ ତେନ୍ଦୁଲକର, ରୋହିତ ଶର୍ମା, ଡାଏନା ଏଡୁଲଜୀ ଓ ଆଜିଙ୍କ୍ୟ ରାହାଣେଙ୍କ ସହ ଅନ୍ୟ ବିନୋଦ କାମ୍ବ୍ଳୀ ଯୋଗ ଦେଇଥିଲେ । କାମ୍ବ୍ଳୀ ଚାଲି ପାରୁ ନ ଥିବାରୁ ପତ୍ନୀ ଆନ୍ଦ୍ରିଆ ହେୱିଟ ତାଙ୍କୁ ସହାୟତା କରିଥିଲେ । ଏହି ଅବସରରେ ରୋହିତ ଶର୍ମା ଭାରତକୁ ଚାମ୍ପିଅନ୍ସ ଟ୍ରଫି ଫେରାଇ ଆଣିବେ ବୋଲି କହିଛନ୍ତି ।

# ରଣଜୀ ଟ୍ରଫି: ମୁମ୍ବାଇ ଦଳରେ ରୋହିତ୍, ଜୟସ୍ୱାଲ

ମୁମ୍ବଇ, ୨୦ ।୧ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୨୩ରୁ ଆରମ୍ଭ ହେବ । ଏଥିରେ ମୁମ୍ବାଇ ଦଳ ଘରୋଇ ଗ୍ରାଉଣ୍ଡରେ ଜମ୍ମୁ କଶ୍ମୀର ସହ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏହି ମ୍ୟାଚ୍ ଲାଗି ସୋମବାର ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ୧୭ ଜଣିଆ ମୁମ୍ବାଇ ଦଳ ଘୋଷଣା କରାଯାଇଛି । ଘୋଷିତ ଦଳରେ ଭାରତୀୟ ଦଳର ଅଧିନାୟକ ରୋହିତ୍ ଶର୍ମା ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ନାମ ରହିଛି । ଯେହେତୁ ପୂର୍ବରୁ ରଣଜୀ ଖେଳିବା ଲାଗି ରୋହିତ ଓ ଜୟସ୍ୱାଲ ନିଜକୁ ଉପଲବ୍ଧ କରାଇଥିଲେ ତେଣୁ ସଞ୍ଜୟ ପାଟିଲଙ୍କ ନେତୃତ୍ୱାଧୀନ ମୁମ୍ବାଇ ଚୟନ କମିଟି ଉଭୟଙ୍କୁ ଦଳରେ ସୁଯୋଗ ଦେଇଛି ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS